

# ପଣ୍ଡିତ ନୀଳକଣ୍ଠ

ଶ୍ରୀ ବିରଞ୍ଚି ନାରାୟଣ ଦାଶ

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ

ଲେଖକ

ଅଧ୍ୟାପକ **ଶ୍ରୀ ବିରଞ୍ଚି ନାରାୟଣ ଦାଶ**
ଏମ୍. ଏ., ଏମ୍. ଏଡ୍., ଓ. ଇ. ଏସ୍
ଶିକ୍ଷା ବିଭାଗ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

**ପଣ୍ଡିତ ନୀଳକଣ୍ଠ,** ଲେଖକ ଅଧ୍ୟାପକ ବିରଞ୍ଚି ନାରାୟଣ ଦାଶ, ମାଳାଦ୍ୱୀପ ନିବାସ, ଜେଲ୍‌ରୋଡ଼, ପୁରୀ-୨, ସ୍ୱତ୍ୱାଧିକାରୀ : ଶ୍ରୀମତୀ କୁଞ୍ଜଲତା ଦାଶ, ଏମ୍. ଏ., ବି. ଏଡ୍, ପ୍ରକାଶକ : ଶ୍ରୀଯୁକ୍ତ ସହଦେବ ପ୍ରଧାନ, ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ଦ୍ୱିତୀୟ ପ୍ରକାଶ : ୧୯୯୫, ମୁଦ୍ରଣ : ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

PANDIT NILAKANTHA, Author : Biranchi Narayan Das, Copy right : Smt. Kunjalata Das, Publisher : Sahadev Pradhan, Friends' Publishers, Binod Behari, Cuttack-753002, Orissa (INDIA), Printer Lipikar, Jhanjirimangala, Cuttack-9

First Edition—1991

Second Edition—1995

PRICE : Rs. 20.

*Digitized by srujanika@gmail.com*

# ଦୁଇପଦ

ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ହେଉଛି ନିର୍ଭୀକତା, ସାହସ, ଜ୍ଞାନ, ସମାଜସେବା ଓ ସତ୍ୟନିଷ୍ଠାର ଏକ ପରିପୂର୍ଣ୍ଣ ଗ୍ରନ୍ଥ । ସେ ହେଉଛନ୍ତି ସେହି ମହାମାନବ, ଯାହାଙ୍କର ଦୃଢ଼ ପଦକ୍ଷେପ, ତ୍ୟାଗ ଓ ନୂତନ ଦୃଷ୍ଟିଭଙ୍ଗୀ ଉତ୍କଳଭୂମିର ଲକ୍ଷ ଲକ୍ଷ ଜନତାଙ୍କ ହୃଦୟକୁ ଅଭିଭୂତ କରିପାରିଥିଲା । ଏହି ମହାମାନବ ଧର୍ମାନ୍ଧତା ଓ କୁସଂସ୍କାରର ବିଶାଳ ବୃକ୍ଷକୁ ମୂଳୋତ୍ପାଟନ କରିବାକୁ ସମର୍ଥ ହୋଇଥିଲେ । ସେ ଓଡ଼ିଆ ଜାତିକୁ ଅଜ୍ଞାନ ଅନ୍ଧକାର ମଧ୍ୟରୁ ଜ୍ଞାନର ଆଲୋକ ମଧ୍ୟକୁ ଆଣିବାର ପ୍ରୟାସ କରିଥିଲେ । ଶିକ୍ଷା, ସାହିତ୍ୟ, ରାଜନୀତି ଓ ସାମ୍ବାଦିକତା ଆଦି ବିଭିନ୍ନ କ୍ଷେତ୍ରରେ ସେ ଜଣେ ତୁଙ୍ଗ ସାଧକ ଭାବରେ ପରିଗଣିତ ହୋଇଥିଲେ । ସେ ଆଜି ନାହାନ୍ତି ସତ; ହେଲେ ଆଗାମୀ ଯୁଗ ପାଇଁ ତାଙ୍କର ମହତ୍ କାର୍ଯ୍ୟ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ ।

ଏହି ପୁସ୍ତକ ରଚନା କଲାବେଳେ ମୁଁ ନୀଳକଣ୍ଠଙ୍କ ଜୀବନୀ ସମ୍ବନ୍ଧୀୟ ଅନେକ ପୁସ୍ତକର ସାହାଯ୍ୟ ନେଇଛି । ଉକ୍ତ ପୁସ୍ତକ ଗୁଡ଼ିକର ଲେଖକ ତଥା ପ୍ରକାଶକଙ୍କ ନିକଟରେ ମୁଁ କୃତଜ୍ଞ ।

ଏହା ଲେଖିବାବେଳେ ମୋର ପରମ ହିତାକାଂକ୍ଷୀ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ହରିହର ପୂଜାପଣ୍ଡା ମହାଶୟ, ବିଦ୍ୟାଭବନର ଅନ୍ୟତମ ସହଯୋଗୀ ଶ୍ରୀଯୁକ୍ତ ରାଜକିଶୋର ମିଶ୍ର, ମୋର ଶିକ୍ଷକ ପ୍ରାଧ୍ୟାପକ ବିରୂପାକ୍ଷ ହୋତା ଏବଂ ମୋର ପିତା ଶ୍ରୀ ବଂଶୀଧର ଦାଶ ମୋତେ ଏଥିପାଇଁ ଉତ୍ସାହ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ ଚିର କୃତଜ୍ଞ ।

ଏହି ପୁସ୍ତକ ପ୍ରକାଶନରେ ମୋର ପ୍ରକାଶକ ଶ୍ରୀ ସହଦେବ ପ୍ରଧାନ ମୋତେ ପ୍ରକାଶନ କାର୍ଯ୍ୟରେ ସାହାଯ୍ୟ କରିଥିବାରୁ ମୁଁ ମୋ ଅନ୍ତରର ଧନ୍ୟବାଦ ଜଣାଉଛି ।

ଝୁଲଣ ପୂର୍ଣ୍ଣିମା ୧୯୯୦ — ବିନୀତ

ପୁରୀ — ଶ୍ରୀ ବିରଞ୍ଚିନାରାୟଣ ଦାଶ

Digitized by srujanika@gmail.com

# ସୂଚୀପତ୍ର

| ବିଷୟ | ପୃଷ୍ଠା |
|---|---|
| ୧ । ମାଳକଣ୍ଠଙ୍କ ଜନ୍ମ | ୩ |
| ୨ । ବାଲ୍ୟ ସ୍ମୃତି | ୬ |
| ୩ । ମାଳକଣ୍ଠଙ୍କ ଚଟ୍ଟଶାଳୀ ପଢ଼ା | ୮ |
| ୪ । ମାଳକଣ୍ଠ ଓ ତାଙ୍କର ସେବାଭାବ | ୧୨ |
| ୫ । ମାଳକଣ୍ଠଙ୍କର ଆଦର୍ଶ ଜୀବନ ଗଠନ | ୧୪ |
| ୬ । ମାଳକଣ୍ଠଙ୍କର ଧର୍ମ ବିଶ୍ୱାସ | ୧୬ |
| ୭ । ମାଳକଣ୍ଠଙ୍କର ବିବାହ | ୧୯ |
| ୮ । ମାଳକଣ୍ଠ ଓ ତାଙ୍କର ସହପାଠୀଗଣ | ୨୨ |
| ୯ । ମାଳକଣ୍ଠଙ୍କ ପାଠ ଓ ଜନସେବା | ୨୩ |
| ୧୦ । ମାଳକଣ୍ଠଙ୍କର ହୋମିଓପ୍ୟାଥିକ ଶିକ୍ଷା ଓ ହଇଜା ରୋଗୀଙ୍କ ସେବା | ୨୮ |
| ୧୧ । ମାଳକଣ୍ଠ ଓ ସତ୍ୟବାଦୀର ପରିକଳ୍ପନା | ୨୯ |
| ୧୨ । ସତ୍ୟବାଦୀ ବିଦ୍ୟାଳୟ ଓ ଘରପୋଡ଼ି | ୩୫ |
| ୧୩ । ସତ୍ୟବାଦୀକୁ ନୂତନ ରୂପ ଦେବାର ପରିକଳ୍ପନା | ୩୬ |
| ୧୪ । ପ୍ରଧାନ ଶିକ୍ଷକ ଭାବେ ମାଳକଣ୍ଠଙ୍କ ବ୍ୟକ୍ତିତ୍ୱ | ୩୭ |
| ୧୫ । ମାଳକଣ୍ଠଙ୍କର ଲୋକ ସଂପର୍କ ଓ ସତ୍ୟବାଦୀରେ ବାହ୍ୟ ଶିକ୍ଷାର ପ୍ରଭାବ | ୩୮ |
| ୧୬ ।ସମାଜ ସଂସ୍କାର | ୪୫ |
| ୧୭ । ସତ୍ୟବାଦୀର ଇତିକଥା | ୪୯ |
| ୧୮ । ମାଳକଣ୍ଠଙ୍କର କାବ୍ୟଲେଖା ଓ ସାହିତ୍ୟ ପ୍ରତିଭା | ୫୧ |

Digitized by srujanika@gmail.com

୧୯ । ଓଡ଼ିଶାର ଦୁର୍ଭିକ୍ଷ ଓ ନୀଳକଣ୍ଠଙ୍କର ଦେଶସେବା ଆହ୍ୱାନ ୫୯

୨୦ । ନୀଳକଣ୍ଠ ଓ ଅସହଯୋଗ ଆନ୍ଦୋଳନ ୬୨

୨୧ । ସ୍ୱତନ୍ତ୍ର ଓଡ଼ିଶା ପ୍ରସ୍ତାବ ୬୬

୨୨ । ନୀଳକଣ୍ଠଙ୍କ ଜେଲ ଜୀବନ ୬୭

୨୩ । ଓଡ଼ିଶାରେ ରାଜନୀତି ଓ ନୀଳକଣ୍ଠଙ୍କ ଅଂଶ ଗ୍ରହଣ ୬୮

୨୪ । ପୂର୍ଣ୍ଣ କଂଗ୍ରେସ ଓ ନୀଳକଣ୍ଠ ୭୪

୨୫ । ବ୍ୟବସ୍ଥାପକ ନୀଳକଣ୍ଠ ୭୫

୨୬ । ମନ୍ତ୍ରିମଣ୍ଡଳ ଗଠନ ଓ ନୀଳକଣ୍ଠ ୮୦

୨୭ । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ନୀଳକଣ୍ଠ ୮୧

୨୮ । ଶ୍ରୀମତୀ ରାଧାରାଣୀ ଦେବୀ ୮୨

୨୯ । ଓଡ଼ିଶାର ବିଧାନସଭା ଓ ତହିଁରେ ନୀଳକଣ୍ଠଙ୍କ ସ୍ଥାନ ୮୨

୩୦ । ନୀଳକଣ୍ଠଙ୍କର ବହୁ ମାନ ଓ ଉପାଧି ଲାଭ ୮୪

୩୧ । ନୀଳକଣ୍ଠଙ୍କ ଶେଷଜୀବନ ୮୬


Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ହେଉଛି ନିର୍ଭୀକତା, ସାହସ, ଜ୍ଞାନ ସମାଜସେବା ଓ ସତ୍ୟ ନିଷ୍ଠାର ଏକ ପରିପୂର୍ଣ୍ଣ ଗ୍ରନ୍ଥ । ସେ ହେଉଛନ୍ତି ସେହି ମହାମାନବ, ଯାହାଙ୍କର ଦୃଢ଼ ପଦକ୍ଷେପ, ତ୍ୟାଗ ଓ ନୂତନ ଦୃଷ୍ଟିଭଙ୍ଗୀ ଉତ୍କଳ ଭୂମିର ଲକ୍ଷ ଲକ୍ଷ ଜନତାଙ୍କ ହୃଦୟକୁ ଅଭିଭୂତ କରିପାରିଥିଲା; ସମାଜକୁ ନୂତନ ଦିଗ୍‌ଦର୍ଶନ ଓ ପରିବର୍ତ୍ତନର ସ୍ୱାଦ ଚଖାଇ ପାରିଥିଲା । ଏହି ଯୁଗପୁରୁଷ ଧର୍ମାନ୍ଧତା ଓ ଅନ୍ଧ ପାରମ୍ପରିକତାର ବିଶାଳ ମହୀରୁହକୁ ସମୂଳେ ଉତ୍ପାଟନ କରିବାର ପ୍ରଚେଷ୍ଟା ଆରମ୍ଭ କରିଥିଲେ । ନିଜର କାୟ, ମନ ଓ ବଚନକୁ ବିନିଯୋଗ କରି ଓଡ଼ିଆ ଜାତିକୁ ଅଜ୍ଞାନ ଅନ୍ଧକାର ମଧ୍ୟରୁ ଜ୍ଞାନର ଆଲୋକ ମଧ୍ୟକୁ ଆଣିବାର ପ୍ରୟାସ ସେ କରିଥିଲେ । ତାଙ୍କ ପରି ବ୍ୟକ୍ତିତ୍ୱ ପୃଥିବୀ ପୃଷ୍ଠରେ ଅନେକ ଶତାବ୍ଦୀପରେ ଥରେ ଜନ୍ମ ନେଇଥାନ୍ତି ।

ନୀଳକଣ୍ଠ ଜୀବଦ୍ଦଶାରେ ଜଣେ ମହାନ୍ ବ୍ୟକ୍ତି ଥିଲେ, ମୃତ୍ୟୁ ତାଙ୍କର ମହାନତାକୁ ଆହୁରି ଅଧିକ ପରିବର୍ଦ୍ଧିତ କରିଥିଲା ଏବଂ ଆଗାମୀ ଯୁଗପାଇଁ ତାଙ୍କର ମହତ୍ତ୍ୱ କାର୍ଯ୍ୟ ଚିର ଜାଜ୍ୱଲ୍ୟମାନ ରହିବ । ସଙ୍କଟ ସମୟରେ ସେ ଥିଲେ ସ୍ଥିତପ୍ରଜ୍ଞ; ଦଳିତ ନିଷ୍ପେଷିତମାନଙ୍କ ପାଇଁ ଦେବଦୂତ ଓ ଉତ୍କଳର ଶିକ୍ଷା ଆକାଶରେ ଚିର ଦୀପ୍ତିମାନ ଭାସ୍କର । ତାଙ୍କୁ ଧର୍ମ ସଂସ୍କାରକ କୁହାଯାଇପାରେ; ସମାଜ ସେବକ ମଧ୍ୟ କୁହାଯାଇପାରେ । ଭାରତୀୟ ସଭ୍ୟତା, ସଂସ୍କୃତି ଓ ଶିକ୍ଷାର ଏକ ଦୃଢ଼ ପ୍ରବକ୍ତା ଭାବରେ ସେ ଚିର ନମସ୍ୟ ।

Digitized by srujanika@gmail.com

ନିଜ ବ୍ୟକ୍ତିଗତ ଜୀବନରେ 'ବେଦ' ଓ 'ଗୀତା' ତାଙ୍କର ପ୍ରେରଣାର ମୁଖ୍ୟ ସ୍ରୋତ ଥିଲେ । ରାଜନୈତିକ ଓ ସାମାଜିକ କାର୍ଯ୍ୟାବଳୀ ସବୁ ଗୋପବନ୍ଧୁଙ୍କ ପ୍ରେରଣାରେ ସଫଳ ହୋଇପାରିଥିଲା । ଉତ୍କଳର ମାୟାଧର ମାନସିଂହଙ୍କ ଭାଷାରେ, "ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ—ବୟସ ଓ ଜ୍ଞାନରେ ।" ଉତ୍କଳ ମାତାର ଏହି ବରେଣ୍ୟ ପୁତ୍ର କେବଳ ଯେ ଜଣେ ସମାଜ ସଂସ୍କାରକ, ଶିକ୍ଷାବିତ୍ ଓ ରାଜନୈତିକ କର୍ମୀ ଥିଲେ ତା' ନୁହେଁ, ନିଜ କଲମ ଚାଳନା କରି ସେ ଅନେକ କାବ୍ୟ-କବିତା ଦ୍ୱାରା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । 'କୋଣାର୍କେ' କାବ୍ୟ ପାଇଁ ଭୂମିକା ଲେଖିବାକୁ ଯାଇ କବି ମାୟାଧର ମାନସିଂହ ମତ ପ୍ରକାଶ କରିଛନ୍ତି, "ଏ ଗ୍ରନ୍ଥରେ କବି ଏପରି ବିଷୟମାନ ଉପସ୍ଥାପିତ କରିଛନ୍ତି, ଯାହାଉପରେ ଓଡ଼ିଆ ସାହିତ୍ୟରେ ଅପର କୌଣସି କବି ଲେଖନୀ ଚାଳନା କରିନଥିଲେ ।"

ଭାରତବର୍ଷରେ ଇଂରେଜ ଶାସନର ସାୟାହ୍ନ ବେଳକୁ ଦେଶରେ ଶିକ୍ଷା ପ୍ରତି ଏକ ପ୍ରବଳ ଆକର୍ଷଣ ସୃଷ୍ଟି ହୋଇଥିଲା । ଶହ ଶହ ବର୍ଷ ଧରି ବିଦେଶୀ ଶାସନ ଦ୍ୱାରା ଦଳିତ ନିଷ୍ପେଷିତ ଭାରତୀୟ ଜନତା ଶିକ୍ଷାର ପରିଭାଷା ମଧ୍ୟ ଭୁଲିଆସୁଥିଲେ । ରାଜା ରାମମୋହନ ରାୟ, ଅରବିନ୍ଦ, ରବୀନ୍ଦ୍ରନାଥ ଠାକୁର ଆଦି ମନୀଷୀମାନେ ଭାରତରେ ଶିକ୍ଷାର ପ୍ରସାର ପାଇଁ ସର୍ବାଧିକ ଗୁରୁତ୍ୱ ଆରୋପ କରିଥିଲେ । ଭାରତୀୟ ମହାସ୍ରୋତରୁ ଉତ୍କଳ କିନ୍ତୁ ବିଚ୍ୟୁତ ହୋଇନଥିଲା । ବିଳମ୍ବରେ ହେଲେ ମଧ୍ୟ ଉତ୍କଳରେ ଗୋଟିଏ ମୂଲ୍ୟବାନ ମଣିର ଅଭ୍ୟୁଦୟ ଘଟିଲା, ଯେ କି ସ୍ୱ-ତେଜ ଓ ଜ୍ଞାନର ଆଲୋକ ଦ୍ୱାରା ଉତ୍କଳକୁ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପଛରେ ପଡ଼ିଯିବାକୁ ସହ୍ୟ କରି ପାରୁନଥିଲେ । ସେହି ମଣିଟିକୁ ଆମେ ଉତ୍କଳମଣି ଭାବରେ ଅଭିହିତ କରୁ ।

ଓଡ଼ିଶାରେ ପ୍ରକୃତ ଶିକ୍ଷାର ପ୍ରସାର ପାଇଁ ସେ ସ୍ଥାପନ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । କ୍ରମେ ଏହି ବିଦ୍ୟାଳୟ କେବଳ ଶିକ୍ଷା କାହିଁକି ବରଂ ସମାଜ ସଂସ୍କାର ଏବଂ ରାଜନୈତିକ କାର୍ଯ୍ୟର ପ୍ରାଣକେନ୍ଦ୍ର,

Digitized by srujanika@gmail.com

ହୋଇପଡ଼ିଲା । ଏହି ବିଦ୍ୟାଳୟର ପରିସର ମଧ୍ୟରେ ଯେଉଁମାନେ ଆବଦ୍ଧ ଥିଲେ, ସେମାନେ ଜଣେ ଜଣେ ମହାପୁରୁଷ ମନୀଷୀ—ନୀଳକଣ୍ଠ, ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ କୃପାସିନ୍ଧୁ ଆଦି । ଗୋପବନ୍ଧୁ ଥିଲେ ସମସ୍ତଙ୍କ ପ୍ରେରଣାର ଉତ୍ସ । ମାତ୍ର ଗୋପବନ୍ଧୁ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଓ ସଂଗଠନ ଶକ୍ତି ଉପରେ ସର୍ବାଧିକ ଆସ୍ଥା ସ୍ଥାପନ କରିଥିଲେ । ପ୍ରଥମେ ନୀଳକଣ୍ଠ ହିଁ ସତ୍ୟବାଦୀର ଚୁରିଅନା ବକୁଳ ବନରେ ଏକ ବନ ବିଦ୍ୟାଳୟ ପ୍ରତିଷ୍ଠା କରିବାର ଯୋଜନା ଉପସ୍ଥାପିତ କରିଥିଲେ । ନିଜେ ପ୍ରଧାନ ଶିକ୍ଷକ ରହି ଗୋଦାବରୀଶ, କୃପାସିନ୍ଧୁ ଓ ହରିହର ଆଦି ଯୋଗଜନ୍ମା ବ୍ୟକ୍ତିମାନଙ୍କର ସାହଚର୍ଯ୍ୟରେ ବିଦ୍ୟାଳୟକୁ ଏକ ଆଦର୍ଶସ୍ଥାନୀୟ ଅନୁଷ୍ଠାନରେ ପରିଣତ କରିଥିଲେ ।

ସତ୍ୟବାଦୀ ବନ ବିଦ୍ୟାଳୟରେ ନୀଳକଣ୍ଠ କେବଳ ଛାତ୍ରମାନଙ୍କ ଶିକ୍ଷାଲାଭର ଦିଗ ପ୍ରତି ଦୃଷ୍ଟି ଦେଉନଥିଲେ; ବରଂ ଅନେକ ସୁସ୍ଥ ପରମ୍ପରା ସୃଷ୍ଟି କରିଥିଲେ । ସେ ସେହିସବୁ ଅଭ୍ୟାସକୁ ଗୁରୁତ୍ୱ ପ୍ରଦାନ କରୁଥିଲେ ଯଦ୍ଦ୍ୱାରା ଛାତ୍ରର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେଉଥିଲା । ଓଡ଼ିଶାର ପୁରାତନ ସାଂସ୍କୃତିକ ପରମ୍ପରାଗୁଡ଼ିକ କେଉଁ ଉଚ୍ଚ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏବଂ ସେଗୁଡ଼ିକୁ କିପରି ସାଂପ୍ରତିକ ପରିସ୍ଥିତିରେ କାର୍ଯ୍ୟରେ ବିନିଯୋଗ କରିହେବ, ତାହା ଅନୁଶୀଳନ କରିବା ତାଙ୍କର ଏକ ମୌଳିକ ଗୁଣ ଥିଲା । ଏହି ପରିପ୍ରେକ୍ଷୀରେ ସେ ବନ ବିଦ୍ୟାଳୟରେ ସଙ୍କୀର୍ତ୍ତନ ଭଳି ପୁରାତନ ପରମ୍ପରାର ପୁନଃ ପ୍ରବର୍ତ୍ତନ କରିଥିଲେ ।

## ନୀଳକଣ୍ଠଙ୍କ ଜନ୍ମ

ପୃଥିବୀର ଅସାଧାରଣ ବ୍ୟକ୍ତିମାନଙ୍କର ଜନ୍ମବୃତ୍ତାନ୍ତ ଅନୁଶୀଳନ କଲେ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଜନ୍ମ ମଧ୍ୟ ଅସାଧାରଣ । ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ବାସକରୁଥିଲେ ଆନନ୍ଦ ଦାଶ ଓ ତାଙ୍କର ଧର୍ମପତ୍ନୀ । ଅଧିକାଂଶ ଘରଣୀଙ୍କ ଭଳି ସେ ଥିଲେ ପୁତ୍ରକାମୀ । ସେଥିପାଇଁ ବାରମ୍ବାର କନ୍ୟା ଜନ୍ମ ହେବା ସତ୍ତ୍ୱେ ବି ପୁତ୍ରଟିଏ ପାଇଁ ବିଭିନ୍ନ ଓଷା, ବ୍ରତ, ପୂଜା ଅର୍ଚ୍ଚନା ଆଦି କରୁଥାନ୍ତି । ତାଙ୍କର ପରମ ଆରାଧ୍ୟ ଦେବତା ଥିଲେ ନୀଳକଣ୍ଠ । ସେହି ମହାଦେବଙ୍କ

Digitized by srujanika@gmail.com

କୃପାରୁ ଅଷ୍ଟମ ଗର୍ଭରେ ପୁତ୍ର ଲାଭ କରିଥିବାରୁ ତାଙ୍କର ନାମ ରଖାଯାଇଥିଲା ନୀଳକଣ୍ଠ ।

ଆନନ୍ଦ ଦାଶ ପୁତ୍ର କାମନା କରିବାର ଅନ୍ୟ ଏକ କାରଣ ମଧ୍ୟ ଥିଲା । ପୂର୍ବେ ତାଙ୍କର ଘର ପଣ୍ଡିତଘର ଭାବରେ ବେଶ୍ ଜଣାଶୁଣା ଥିଲା । ସେହି ବଂଶରେ ମୁକୁନ୍ଦ ଦାଶ ନାମକ ଜଣେ ପୌରାଣିକ ପଣ୍ଡିତ ଥିଲେ । ଆନନ୍ଦ ଦାଶ ନିଜେ ମାତ୍ର ୧୧କ କଡ଼ାଗଣ୍ଡା ପର୍ଯ୍ୟନ୍ତ ପଢ଼ିଥିଲେ । ସୁତରାଂ ପଣ୍ଡିତ ପରିବାରରେ ଶିକ୍ଷାର ମାନ ହ୍ରାସ ପାଉଥିବାରୁ ସେ ଖୁବ୍ ବ୍ୟଥିତ ହୋଇପଡ଼ୁଥିଲେ । ବେଶି ପାଠ ପଢ଼ିନଥିଲେ ମଧ୍ୟ ଆନନ୍ଦ ଦାଶ ଥିଲେ ଶିକ୍ଷାପ୍ରେମୀ ଓ ସଂସ୍କାରବାଦୀ । ସେତେବେଳେ ଶାସନୀ ବ୍ରାହ୍ମଣମାନେ ରାଜାଙ୍କ ପ୍ରଦତ୍ତ ନିଷ୍କର ଜମିର ମାଲିକ ହୋଇଥିଲେ ମଧ୍ୟ ଆଭିଜାତ୍ୟ ଲୋପ ପାଇଯିବାର ଭୟରେ ନିଜେ କୃଷିକାମ କରୁନଥିଲେ କି ପ୍ରତ୍ୟକ୍ଷ ଭାବରେ କାହାକୁହାରି କରାଉ-ନଥିଲେ । ଜମିସବୁ କୃଷୀମାନଙ୍କୁ ଭାଗ ଦିଆଯାଉଥିଲା ।

ଆନନ୍ଦ ଦାଶ ନିଜେ ଏହି ପରମ୍ପରାକୁ ଭାଙ୍ଗିବା ପାଇଁ ଆଗଭର ହେଲେ । ସେ କିଛି ଲୋକବାକ ସଂଗ୍ରହ କରି ପ୍ରତ୍ୟକ୍ଷ ଭାବେ କୃଷି ଆରମ୍ଭ କଲେ । ଥରେ ଗାଁ ଦାଣ୍ଡରେ ହଳୁଆକୁ ଧରି ଯିବା ବାଟରେ ଜଣେ ସମ୍ଭ୍ରାନ୍ତ ବୃଦ୍ଧବ୍ୟକ୍ତି ପରିହାସ ଛଳରେ କହିଲେ, "କି ହୋ, ଏ କ'ଣ ମୁକୁନ୍ଦ ଦାଶଙ୍କ ପୋଥିପୁରାଣ ବାହାରିଲା ପରା ?" ସେଦିନ ଗଭୀର ଭାବରେ ମର୍ମାହତ ହୋଇଥିଲେ ଆନନ୍ଦ ଦାଶ । ନିଜର ଅସହାୟତା ଈଶ୍ୱରଙ୍କୁ ଜଣାଇ ସେ କହିଥିଲେ, "ମହାପ୍ରଭୁ ! ମତେ ଏପରି ଗୋଟିଏ ପୁଅ ଦିଅ, ଯେ କି ପାଠ ପଢ଼ି ବଂଶର ମର୍ଯ୍ୟାଦା ରଖିବ ।" କିନ୍ତୁ ସେଦିନ ସେ କ'ଣ ଜାଣିଥିଲେ ଯେ ମହାପ୍ରଭୁ ତାଙ୍କୁ ଏପରି ଏକ ପୁତ୍ର ଦେବେ ଯେ କେବଳ ତାଙ୍କ ବଂଶର କାହିଁକି ସମଗ୍ର ଉତ୍କଳର ମର୍ଯ୍ୟାଦା ବୃଦ୍ଧି କରିବ । ସେ କେବଳ ପାଠ ପଢ଼ି ପଣ୍ଡିତ ହେବନାହିଁ, ବରଂ ଅନେକ ପଣ୍ଡିତ ସୃଷ୍ଟି କରିବ ।

ନୀଳକଣ୍ଠଙ୍କ ଉପରେ ତାଙ୍କ ପିତାଙ୍କର ସଂସ୍କାରବାଦୀ ବ୍ୟକ୍ତିତ୍ୱର ଯଥେଷ୍ଟ ପ୍ରଭାବ ପଡ଼ିଥିଲା । ଏହା ସହିତ ଅନ୍ୟର ମଙ୍ଗଳ ପାଇଁ କିପରି

Digitized by srujanika@gmail.com

ନିଜକୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼େ ତାହାର ଦୃଷ୍ଟାନ୍ତ ମଧ୍ୟ ନୀଳକଣ୍ଠ ନିଜ ପିତାଙ୍କଠାରେ ଦେଖିବାକୁ ପାଇଥିଲେ । ସରଳ ଜୀବନ ଯାପନ, ଉଚ୍ଚ ଓ ମହତ୍ତ୍ୱଚିନ୍ତା ଓ ସର୍ବୋପରି ଉତ୍ତମ ଅଭ୍ୟାସ ଗଠନ ଆଦି ଗୁଣ ନୀଳକଣ୍ଠ ତାଙ୍କ ପିତା ଓ ପରିବାରଠାରୁ ଆହରଣ କରିଥିଲେ । ନୀଳକଣ୍ଠଙ୍କୁ ପାଞ୍ଚବର୍ଷ ବୟସ ହୋଇଥିବା ସମୟର ଘଟଣା । ତାଙ୍କ ପିତା ସନ୍ଧ୍ୟାପୂର୍ବରୁ ଟିକିଏ ଭାଙ୍ଗ ବାଟି ପିଉଥିଲେ । ଏହା ତାଙ୍କର ଅଭ୍ୟାସଗତ ହୋଇଯାଇଥିଲା । ଦିନେ ନୀଳକଣ୍ଠ ପିତାଙ୍କ ନିକଟରେ ବସି ଭାଙ୍ଗ ପିଇବାକୁ ମାଗିଲେ । ତାଙ୍କ ପିତା ଖାଲି କୁଣ୍ଡିଟାକୁ ଧୋଇ ତାଙ୍କୁ ଟିକିଏ ପିଇବାକୁ ଦେଲେ । ନୀଳକଣ୍ଠଙ୍କ ନିଜ ଭାଷାରେ, "ରାଗ ରାଗ ଲାଗିଲା, ମୁଁ ପିଇଦେଇ ଘର ଖସିଗଲି । ତହିଁଆରଦିନ ଠିକ୍ ବେଳକୁ ପୁଣି ଯାଇ ବସିଲି । କହିଲି, "ନନା ମୁଁ ଖାଇବି ।" ଆଜି ମଧ୍ୟ ମୋର ସେ ଚିତ୍ର ମନେପଡ଼ୁଛି । ନନା ଟିକିଏ ଚିନ୍ତିତ ହୋଇ ବସିଗଲେ । ତଳମାହାଲା ଘରୁ ବୋଉକୁ ଡାକିଲେ । ବୋଉ ଆସିବାରୁ କୁଣ୍ଡିବାଡ଼ି, ଗଞ୍ଜେଇ ମସଲା ଥିବା ବଟୁଆ ସବୁ ତାକୁ ଦେଇ କହିଲେ, "ଭୁ ସ୍ୟାକୁ ନେଇ ଫିଙ୍ଗିଦେ, ନଇଲେ ଯାହାକର ମୁଁ ଆଉ ଭାଙ୍ଗ ଖାଇଲେ ପୁଅ ପାଇବ ନାହିଁ ! ଏ ଭାଙ୍ଗଡ଼ ହୋଇଯିବ !" ଏ ଘଟଣାର ପରବର୍ତ୍ତୀ ୪୦ ବର୍ଷ ପର୍ଯ୍ୟନ୍ତ ତାଙ୍କ ପିତା ବଞ୍ଚିଥିଲେ । ମାତ୍ର ଜୀବନରେ ସେ ଆଉ କେବେହେଲେ ଭାଙ୍ଗ ସ୍ପର୍ଶ କରିନାହାନ୍ତି ।

ଆଉ ଏକ ଘଟଣାରୁ ମଧ୍ୟ ନୀଳକଣ୍ଠଙ୍କ ପିତାଙ୍କର ସ୍ପଷ୍ଟବାଦିତା ଗୁଣର ପରିଚୟ ମିଳେ । ସେତେବେଳେ ପିତାଙ୍କ ବୟସ ପ୍ରାୟ ବାସ୍ତରି ବର୍ଷ । ନୀଳକଣ୍ଠ କଲିକତାରେ M.A. ପଢ଼ୁଥାନ୍ତି । ଖବର ଗଲା ନନାଙ୍କ ଅବସ୍ଥା ଅତି ଖରାପ । ସେ ଆସି ଦେଖିଲେ ଜ୍ୱର ଓ କାଶରେ ନନା ରାତିରେ ଶୋଇପାରୁନାହାନ୍ତି । ସଙ୍ଗେ ସଙ୍ଗେ ଔଷଧପତ୍ରର ବ୍ୟବସ୍ଥା କରି ନୀଳକଣ୍ଠ ତାହା ସେବନ କରିବାକୁ ନନାଙ୍କୁ କହିଲେ । ଏହା ଶୁଣି ତାଙ୍କ ପିତା ଶୁଖିଲା ପତ୍ରରେ ମୋଡ଼ା ହୋଇଥିବା ଅଫିମ ଟିକିଏ କାଢ଼ି ତାଙ୍କ ଆଗେ ରଖିଲେ । ଅଫିମ ଖାଇଲେ କାଶ ବନ୍ଦ ହୋଇଯିବ ବୋଲି ତାଙ୍କର ଦୁଇଜଣ ବନ୍ଧୁ ତାହା ଆଣିଦେଇଥିଲେ । ମାତ୍ର ନିଶା ଥିବାତକ କାଶ ବନ୍ଦ ହେଉଥିଲା ଓ ନିଶା ଛାଡ଼ିଗଲେ ପୁଣି ଆରମ୍ଭ

Digitized by srujanika@gmail.com

ହେଉଥିଲା । ଅବଶ୍ୟ ଅଭ୍ୟାସଗତ ଭାବେ ଖାଇଥିଲେ ଟିକିଏ ଉପଶମ ମିଳିଥାନ୍ତା । ମାତ୍ର ପରିଣତ ବୟସରେ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରିବାକୁ ତାଙ୍କ ବିବେକ ବାଧାଦେଲା । ସୁତରାଂ ନୀଳକଣ୍ଠଙ୍କୁ ଡାକି ସେ କହିଲେ, "ତୁ ଯାକୁ ନେଇ ଆଗ ଫିଙ୍ଗି ଦେ । ତା' ପରେ ଔଷଧ କଥା ବୁଝିବୁ ।" ନୀଳକଣ୍ଠ ନିଜେ ଲେଖିଛନ୍ତି, "ମୋର ସେତେବେଳେ ମନରେ ଯାହାହେଲା କହିବା ଦରକାର ନାହିଁ । ମୁଁ ଆଗ ଅଫିମ ନେଇ ଫିଙ୍ଗିଦେଲି, ତା'ପରେ ଔଷଧ ବ୍ୟବସ୍ଥା କଲି । ସେଥିରେ ତାଙ୍କର ଆରୋଗ୍ୟ ହୋଇଗଲା ।"

## ବାଲ୍ୟସ୍ମୃତି

ଇଂରେଜ ଶାସନ କାଳରେ ଭାରତରେ ଯେଉଁ ଦୁଇଟି ବିଭାଗ ପ୍ରତି ସର୍ବାଧିକ ଅବହେଳା ପ୍ରଦର୍ଶନ କରାଯାଇଥିଲା ତାହା ହେଲା ଶିକ୍ଷା ଓ ସ୍ୱାସ୍ଥ୍ୟ । ଉପଯୁକ୍ତ ଶିକ୍ଷା ଅଭାବରୁ ଏ ଦେଶର କୋଟି କୋଟି ଜନତା ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟରେ ବୁଡ଼ି ରହିଥିଲେ । ଉତ୍ତମ ସ୍ୱାସ୍ଥ୍ୟ-ରକ୍ଷାର ସାଧାରଣ ନିୟମମାନ ସେମାନଙ୍କୁ ଜଣାନଥିଲା । ତେଣୁ ବାଡ଼ି, ବସନ୍ତ ଆଦି ରୋଗ ଥରେ ବ୍ୟାପିଲେ ଗାଁ ଗଣ୍ଡା ପଦା ହୋଇଯାଉ-ଥିଲା । ସବୁଠୁଁ ବେଶି ଆକ୍ରାନ୍ତ ହେଉଥିଲେ ଛୋଟ ଛୋଟ ଶିଶୁ ଓ ବାଳକବାଳିକାମାନେ । କୃମି ରୋଗ ଶିଶୁମାନଙ୍କର ଏକ ସାଧାରଣ ରୋଗ । ସେତେବେଳେ ଏହି ରୋଗରେ ଅଧିକାଂଶ ଶିଶୁ ମୃତ୍ୟୁବରଣ କରୁଥିଲେ ।

ରୋଗର ପ୍ରାଦୁର୍ଭାବ ଯେତିକି ବେଶି ଥିଲା, ଚିକିତ୍ସକଙ୍କ ସଂଖ୍ୟା ସେତିକି କମ୍ ଥିଲା । ଗାଁମାନଙ୍କରେ ବଇଦମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା । ସହରଗୁଡ଼ିକରେ କାଁ ଭାଁ ହୋମିଓପାଥି ଓ ଏଲୋପାଥି ଚିକିତ୍ସା ଆରମ୍ଭ ହୋଇଥାଏ । ଗାଁରେ ବଇଦମାନେ ପୁରାତନ ଠୁଣ୍ଟୁକା ଠୁଣ୍ଟୁକଠାରୁ ଆରମ୍ଭକରି ଚେରମୂଳି ଔଷଧ ଦ୍ୱାରା ଚିକିତ୍ସା କରୁଥାନ୍ତି । ତଥାପି ସମସ୍ତେ ରୋଗହେଲେ ବଇଦ ଡାକି ପାରନ୍ତି ନାହିଁ ।

ନୀଳକଣ୍ଠଙ୍କ ବାଲ୍ୟ ବୟସର ଗୋଟିଏ ଘଟଣା । ଥରେ ତାଙ୍କୁ ଘୋର କଫ ହୋଇଥାଏ । ସେ ଅଞ୍ଚଳରେ ଭଗୀ କର ନାମରେ ଜଣେ

Digitized by srujanika@gmail.com

ଜଣାଶୁଣା ବଇଦ ଥା'ନ୍ତି । ନୀଳକଣ୍ଠଙ୍କ ପିତା ବରାବର ଭଗୀ କରଙ୍କୁ ଘରକୁ ଡାକନ୍ତି । ଫଳରେ ସେହି ବଇଦଙ୍କ ସହିତ ନୀଳକଣ୍ଠଙ୍କର ପାରିବାରିକ ସମ୍ପର୍କ ଖୁବ୍ ଭଲଥାଏ । ଭଗୀ କରେ ନୀଳକଣ୍ଠଙ୍କୁ ଦେଖି ବଟିକାଟିଏ ଦେଲେ ଓ ଅନୁପାନର ବ୍ୟବସ୍ଥା କଲେ । ତାଙ୍କର ଅନୁପାନ ଥିଲା ଅସରପା ସିଝାଇ ସେଇ ପାଣିରୁ ଟିକକରେ ବଟିକାଟି ଖାଇବାକୁ ହେବ ।

ନୀଳକଣ୍ଠଙ୍କ ମାତା ଥିଲେ ପୁରାତନ ଢାଞ୍ଚାର ଲୋକ । ତାଙ୍କର ଧାରଣା ଥିଲା ବହୁତ କର ଅନୁପାନ ଦେଲେ ରୋଗ ଶୀଘ୍ର ଭଲ ହୋଇଯିବ । ସୁତରାଂ ସେ ଗଲେ ହାଣ୍ଡିଶାଳ 'ତେଙ୍ଗେଡ଼ା' ପାଖକୁ । ସେଠାରେ ବହୁ ସଂଖ୍ୟାରେ ଅସରପା ଥା'ନ୍ତି । ଗୁଞ୍ଜୁଣି ସାହାଯ୍ୟରେ ପ୍ରାୟ ଦଶଗଣ୍ଡା ହେବ ଅସରପା ମାରି ଗୋଟିଏ ମାଟିହାଣ୍ଡିରେ ସିଝାଇଲେ । ତିନି ଚାରିବର୍ଷର ଶିଶୁ ନୀଳକଣ୍ଠ ଏସବୁ ଦେଖୁଥାନ୍ତି । କାଳେ ଏସବୁ ଦେଖିଲେ ଅସୂକୁ ଲାଗିବ ସେଥିପାଇଁ ତାଙ୍କ ମାତା ତାଙ୍କୁ ନେଇ ପଢ଼ଶା ଘରେ ଛାଡ଼ିଦେଇ ଆସିଲେ । ତା'ପରେ ଔଷଧ ପ୍ରସ୍ତୁତ ହେଲା । ଅଧଗିନାଏ ହେବ ଅସରପା ସିଝା ପାଣିରେ ମହୁ, ପିପ୍ପଳି ଓ ବଟିକା ପକାଇ ତାଙ୍କୁ ପିଇବାକୁ କୁହାଗଲା । ସେତେବେଳେ ତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଗଲା ଯେ ତାହା ଅସରପା ପାଣି ନୁହେଁ ।

ତିନି-ଚାରି ବର୍ଷ ବୟସର ଏହି ସ୍ମୃତିକୁ ମନେପକାଇ ନୀଳକଣ୍ଠ ଲେଖିଛନ୍ତି, "ଏଇ ଅସରପାରୁ ଏବେ ବାହାରିଛି Blata Orientalis । ବିଶେଷତଃ ହୋମିଓପାଥିରେ ଏହା କଫ ଓ ଗୋଟିଏ ପ୍ରକାର ଶ୍ୱାସର ଅବ୍ୟର୍ଥ ଔଷଧ ବୋଲି ଶୁଣାଯାଏ । ଏଲୋପାଥିରେ ହୁଏତ ସେଇଆ ହୋଇଥିବ । ତେଣୁ ଭଗୀ କରଙ୍କ ଏ ବ୍ୟବସ୍ଥାଟାର ଅର୍ଥ ମୁଁ ଏବେ ବୁଝିପାରୁଛି ।"

ଆଉଥରେ ନୀଳକଣ୍ଠ କୃମି ରୋଗରେ ପଡ଼ିଥିଲେ । ଭଗୀ କରଙ୍କ ଚିକିତ୍ସାନୁସାରେ ତାଙ୍କ ବୋଉ ତାଙ୍କୁ କଆନାଡ଼ ସିଝାଇ ଖାଇବାକୁ ଦେଇଥିଲେ । ମାତ୍ର ସେଥିରେ ରୋଗ ଭଲ ହେଲା ନାହିଁ । ଶେଷରେ ବଇଦଙ୍କ ପରାମର୍ଶରେ ତାଙ୍କ ନନା ପୁରୀ ଯାଇ ଡାକ୍ତର ଗଗନବାବୁଙ୍କ

Digitized by srujanika@gmail.com

ଠାରୁ ଏକପ୍ରକାର ଧଳାଚୂନା ଔଷଧ ନେଇ ଆସିଲେ । ସେଥିରେ ତାଙ୍କ କୃମି ରୋଗ ଭଲ ହୋଇଯାଇଥିଲା । ପରେ ନୀଳକଣ୍ଠଙ୍କ ଅନୁସନ୍ଧିତ୍ସୁ ମନ ଏ ବିଷୟରେ ଆଗ୍ରହୀ ହେଲା । ସେ ଜାଣିଲେ ସେ ନୂଆ ଔଷଧଟି ହେଉଛି କାଲୋମେଲ (Chalomel) ମିଶା ସାଣ୍ଟୋନାଇନ (Santonine) । କେତେଜଣ ବ୍ୟକ୍ତି ନିଜ ଅଜ୍ଞାତ ଅଭିଜ୍ଞତାରୁ ଏପରି ଶିକ୍ଷା ଲାଭ କରିପାରନ୍ତି ?

ଅନ୍ୟ ଏକ ଘଟଣାରୁ ନୀଳକଣ୍ଠଙ୍କ ଅନୁସନ୍ଧିତ୍ସୁ ମନର ପରିଚୟ ମିଳେ । ନୂତନ ବସ୍ତୁଟିଏ ଦେଖିଲେ ସେ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ପାଇଁ ସେ ବ୍ୟଗ୍ର ହୋଇପଡ଼ୁଥିଲେ । ଖୁଣ୍ଟିନାଣ୍ଟି ବସ୍ତୁଟିକୁ ତର୍ଜମା କଲାପରେ ସେ ସନ୍ତୁଷ୍ଟ ହେଉଥିଲେ ଏବଂ ଠିକ୍ ସେଇଥିପାଇଁ ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜ୍ଞାନ ଅର୍ଜନ କରିପାରୁଥିଲେ । ସେ ଚାଟଶାଳୀରେ ପଢ଼ୁଥିବା ସମୟର ଘଟଣା । ସେତେବେଳେ ତେଲ ଦୀପ ଜଳାଯାଏ ଓ ତା'ର ଆଲୋକରେ ରାତିରେ ପାଠ ପଢ଼ାଯାଏ । ଶୁଣାଗଲା କିରୋସିନ ବୋଲି ଗୋଟାଏ ଜିନିଷ କଣ ଆସିଛି । ଏ ପଦାର୍ଥଟି ଖୁବ୍ ଦୁର୍ଗନ୍ଧ; ମାତ୍ର ଯେତିକ ପଇସାର ତେଲ ଗୋଟିଏ ଦିନ ଯାଏ ସେତିକ ପଇସାରେ କିରୋସିନ ସାତଦିନ ଯାଏଁ ଜଳେ । ତେଣୁ ଚାଟଶାଳୀର ଶିକ୍ଷକ ଦିନେ ଗୋଟିଏ ବୋତଲରେ କିରୋସିନ ଆଣି ରଖିଲେ । ଏହା କିପରି ଜିନିଷ ଦେଖିବା ପାଇଁ ଓ ଜାଣିବା ପାଇଁ ପିଲାଙ୍କ ଭିତରେ ଆଗ୍ରହ ଖେଳିଗଲା । ବୋତଲରୁ ଠିପି ଖୋଲି ସମସ୍ତେ ଜଣ ଜଣ କରି ଶୁଙ୍ଘିବାକୁ ଲାଗିଲେ । କିଏ ଶୁଙ୍ଘି କରି ପାଟି କରି ପଳାଇଲା ତ କିଏ ବାନ୍ତିକରି ପଳାଇଲା । ମାତ୍ର ନୀଳକଣ୍ଠ କୌଣସି ଅସୂୟାଭାବ ପ୍ରଦର୍ଶନ ନକରି ବହୁ ସମୟଯାଏଁ କିରୋସିନର ଗୁଣ ଓ ଧର୍ମ ପରୀକ୍ଷା କରିଥିଲେ ।

## ନୀଳକଣ୍ଠଙ୍କ ଚାଟଶାଳୀ ପଢ଼ା

ପୂର୍ବ କାଳରେ ପିଲାମାନେ ଚାଟଶାଳୀରେ ବିଦ୍ୟାରମ୍ଭ କରୁଥିଲେ । କିନ୍ତୁ ଏବେ ସେ ସବୁ ବ୍ୟବସ୍ଥା ନାହିଁ । ଚାଟଶାଳୀ ପାଠପଢ଼ା ଗୋଟିଏ ସ୍ୱତନ୍ତ୍ର ପଢ଼ିବା ଓ ପଢ଼ାଇବା ରୀତି । ବଡ଼ି ସକାଳୁ ରାତି ନପାହୁଣୁ ପିଲାଏ ଉଠି ସଙ୍ଗେ ସଙ୍ଗେ ଯାଇ ସେଠାରେ ପହଞ୍ଚନ୍ତି । ପ୍ରଥମେ

Digitized by srujanika@gmail.com

ଚାଟଶାଳୀରେ ପଢ଼ିବା ପାଇଁ ପିଲାଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗି-ଯାଉଥିଲା । ଚାଟଶାଳୀର ଶୂନ୍ ଦେବା କଥା ପିଲାଙ୍କୁ ପ୍ରଥମେ ଚାଟଶାଳୀ ପଢ଼ାଇବାରେ ସାହାଯ୍ୟ କରୁଥିଲା । କାରଣ ପ୍ରଥମେ ଚାଟଶାଳୀକୁ ଯେଉଁ ପିଲା ଯାଉଥିଲା, ଗୁରୁଜୀ ତା' ହାତକୁ ଖୁବ୍ ଆସ୍ତେ କରି ବାଡ଼ାଉଥିଲେ । ଏହାକୁ ଶୂନ୍ ବୋଲି କୁହାଯାଉଥିଲା । ତା'ପରେ ଏକକୁ ବାଡ଼ିଏ, ଦୁଇକୁ ଦି'ବାଡ଼ି, ଏହିପରି କ୍ରମ ଅନୁସାରେ ଜଣକ ପରେ ଜଣେ ପଛରେ ଆସିଲେ ଜୋର୍‌ରେ ମାଡ଼ଖାଉଥିଲେ । ଉପରଓଳି ପିଲା ଖାଇପିଇ-ସାରି ପୁଣି ଆସୁଥିଲେ । ସନ୍ଧ୍ୟାକୁ ପୁଣି ସେହିପରି ଶୂନ୍, ଏକ ଦିଆ-ଯାଉଥିଲା । ଏହା ଥିଲା ଚାଟଶାଳୀରେ ଉପସ୍ଥାନର ନିୟମ ଓ ଏହାଦ୍ୱାରା ଶିକ୍ଷାର୍ଥୀମାନେ ସମୟ ସମ୍ପର୍କରେ ସଚେତନ ରହୁଥିଲେ ।

ସକାଳଓଳିଯାକ ପିଲାଏ ଖଡ଼ି ଧରି ପଢ଼ନ୍ତି ଅ, ଆ ପ୍ରଭୃତି ଅକ୍ଷର ଆବୃତ୍ତି କରିବାଠାରୁ ପଣ୍ଡିଆ ହରିଗୁଣ ଓ ପଣ୍ଡିଆ ହରଣ ଗୁଣନ ଓ ଶୋଧ ଉଡ଼ାଙ୍କ ପର୍ଯ୍ୟନ୍ତ । ସମସ୍ତେ ମୂଳରୁ ଥରେ ଆବୃତ୍ତି କରିଯାଆନ୍ତି । ଆବୃତ୍ତି କଲାବେଳେ ଲେଖୁଥାନ୍ତି ଓ ପାଠି କରୁଥାନ୍ତି । ଗୁରୁଜୀ ନିତ୍ୟକର୍ମ କରିବାକୁ ଗଲାବେଳେ ଚାଟଶାଳୀର ବଡ଼ଚାଟକୁ ଜଗାଇଦେଇ ଯାଆନ୍ତି । ନିତ୍ୟକର୍ମରୁ ଫେରି ସେ ସବୁ ପିଲାଙ୍କୁ ପାହାରେ ଲେଖାଏଁ ପକାନ୍ତି, କେବଳ ବଡ଼ଚାଟ ଉପରେ ମାଡ଼ ବାଜେ ନାହିଁ । ଗୁରୁଜୀ ଅନୁପସ୍ଥିତ ଥିବା ଦିନ ସେ କାମ ଚଳାଇନିଏ ।

ଚାଟଶାଳୀର ପିଲାମାନେ ଅକ୍ଷର ପରିଚୟ, ସତରଫଳା, ବନା ପଣିକିଆ, କଡ଼ାଗଣ୍ଡା, ପାହି ପଣିକିଆ, ଗୁଣୁ ବଣ୍ଟା, ଫେଡ଼ା ମିଶା, ଶୋଧ ଉଡ଼ାଙ୍କ ପ୍ରଭୃତିକୁ ନୂଆ କରି ଶିଖିଲାବେଳେ ଗୁରୁଦକ୍ଷିଣା ସ୍ୱରୂପ ନିଜଘରୁ ଚାଉଳ, ଦୂବ, ବରକୋଳିପତ୍ର, ହଳଦିଗୁଣ୍ଡା କେହି କେହି ପଇସା ଆଦି ଗୁରୁଙ୍କୁ ଦେଇଥାନ୍ତି । ପ୍ରତ୍ୟେକ ପିଲା ଚାଟଶାଳୀ ନାହାକଙ୍କୁ ମାସକୁ ଚାରିଅଣା କରି ବେତନ ଦେଉଥିଲେ । ନାହାକେ ପାଳିକରି ପିଲାମାନଙ୍କ ଘରେ ଖାଉଥିଲେ । ଛଅ ବର୍ଷ ବୟସଠାରୁ ବି ୭।୮ ମାସ ପର୍ଯ୍ୟନ୍ତ ନୀଳକଣ୍ଠ ଚାଟଶାଳୀ ପାଠପଢ଼ା କାମ ଶେଷ କରିଥିଲେ ।

ନୀଳକଣ୍ଠ ଚାଟଶାଳୀରେ ତାଲିମ ହେବାପରେ ଗ୍ରାମର ମଧ୍ୟ ଓଡ଼ିଆ ସ୍କୁଲରେ ଭର୍ତ୍ତି ହେଲେ । ଅବଶ୍ୟ ସେ ଚାଟଶାଳୀର 'କ' ପରୀକ୍ଷା, 'ଖ'

Digitized by srujanika@gmail.com

ପରୀକ୍ଷା, ପ୍ରାଇମେରୀ ପରୀକ୍ଷା ଆଦି ପାସ୍ କରିଥିଲେ । ସେତେବେଳେ ଅବଧାନେ ପିଲା ପାସ୍ କଲେ ପୁରସ୍କାର ପାଉଥିଲେ । ନୀଳକଣ୍ଠ 'ଖ' ପରୀକ୍ଷାରେ ପାସ୍ କରିଥିଲେ, ତେଣୁ ଗୁରୁଜୀ ଟ ୨-୦୦ ପୁରସ୍କାର ପାଇ-ଥିଲେ । 'କ' ପରୀକ୍ଷା ପାସ୍ କଲାବେଳେ ସେ ଟ ୩-୦୦ ପୁରସ୍କାର ପାଇଥିଲେ ଓ ନିମ୍ନ ପ୍ରାଇମେରୀ ପରୀକ୍ଷା ପାସ୍ କଲାବେଳେ ଟ ୫-୦୦ ପୁରସ୍କାର ପାଇଥିଲେ । ସରକାର ଦରମା ଦେଇ ସେକାଳେ ପ୍ରାଇମେରୀ ସ୍କୁଲ ବସାଇ ନଥିଲେ । କିନ୍ତୁ ଦ୍ୱିତୀୟ ପରୀକ୍ଷାରେ ମାସକୁ ଟ ୨-୦୦ ଲେଖାଏଁ ଦୁଇବର୍ଷ ପର୍ଯ୍ୟନ୍ତ ସରକାରୀ ବୃତ୍ତି ନେଇଥିଲେ । ଏ ବୃତ୍ତିଛଡ଼ା ଅନୁଗ୍ରାହୀ ବୃତ୍ତି ନାମକ ଏକ ବୃତ୍ତି ମିଳୁଥିଲା । ତାହା ବ୍ରାହ୍ମଣ, କରଣ ଆଦିଙ୍କୁ ମିଳୁ ନଥିଲା । ଜଣାଯାଏ ହରିଜନ ସେବାର ମଞ୍ଜି ସରକାର ସେହି କାଳରୁ ପୋତିଥିଲେ ।

ଆଗ କାଳରେ ରକ୍ଷଣଶୀଳ ସମାଜରେ ଆଧୁନିକ ଶିକ୍ଷା ପ୍ରତି ଆଦର ନଥିଲା । କାଗଜ ବିଦେଶରୁ ଆସୁଥିବାରୁ ତାକୁ ଛୁଇଁଲେ ଜାତି ଯିବା ଭୟରେ ରକ୍ଷଣଶୀଳ ପରିବାରର ଲୋକେ ଗାଧୋଉଥିଲେ; କିନ୍ତୁ ପଣ୍ଡିତ ହରିହରଙ୍କ ପରି ସଂସ୍କାରକଙ୍କ ଚେଷ୍ଟାରେ ଏହି ଅନ୍ଧ-ବିଶ୍ୱାସର ପରିବର୍ତ୍ତନ ଘଟିଥିଲା । ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ମଧ୍ୟ ଘଟିଥିଲା । ସେ ସମୟରେ ସରକାର ସ୍କୁଲମାନଙ୍କ ପ୍ରତି କଡ଼ା ନଜର ଦେଉଥିଲେ । ଯଦି କୌଣସି ଛାତ୍ର ସ୍କୁଲରୁ ବୃତ୍ତି ପାଇବାରୁ ବଞ୍ଚିତ ହେଉଥିଲା; ତେବେ ସ୍କୁଲକୁ ସରକାର ଦେଉଥିବା ପନ୍ଦରଟଙ୍କିଆ ବୃତ୍ତି ବନ୍ଦ କରାଯାଉଥିଲା । ତେଣୁ ଭଲ ଫଳ ପାଇବା ପାଇଁ ଗୋଟିଏ ଲେଖାଏଁ ଶ୍ରେଣୀରେ ମେଧାବୀ ଛାତ୍ରମାନଙ୍କୁ ଏକାଧିକ ବର୍ଷ ରଖାଇ ଦେଉଥିଲେ । ସେଥିରୁ ଭଲ ପିଲା ବାଛି ଗୋଟିଏ ଦୁଇଟି କରି ବୃତ୍ତି ପରୀକ୍ଷାକୁ ପଠାଉଥିଲେ । ଏହିପରି ଭାବରେ ସ୍କୁଲର ଉନ୍ନତି କରୁଥିଲେ ।

ନୀଳକଣ୍ଠ ସେହି ମେଧାବୀ ଛାତ୍ରଙ୍କ ଭିତରେ ଅନ୍ୟତମ ଥିଲେ । ତେଣୁ ତାଙ୍କୁ ଉପର କ୍ଲାସଟିରେ ଚାରିବର୍ଷ ଅଟକାଇ ରଖିଥିଲେ । ବୃତ୍ତି ନ ପାଇଲେ ପୁରୀ ସହରକୁ ଯାଇ ପାଠ ପଢ଼ାଇବାର ଆର୍ଥିକ ସ୍ୱଚ୍ଛଳତା ତାଙ୍କ ପିତାଙ୍କର ନଥିଲା । ତେଣୁ ସେ ବାଧହୋଇ ନୀରବ ରହିଥିଲେ ।

Digitized by srujanika@gmail.com

ନୀଳକଣ୍ଠ ତାଙ୍କ ମାଆଙ୍କର ଅଷ୍ଟମ ଗର୍ଭରେ ଜନ୍ମଲାଭ କରିଥିଲେ । ହେଲେ ତାଙ୍କ ଜନ୍ମ ପୂର୍ବରୁ ଅନ୍ୟ ସାତଟିଯାକ ସନ୍ତାନ ମୃତ୍ୟୁବରଣ କରିସାରିଥିଲେ । ସେ ଏକମାତ୍ର ପୁତ୍ରସନ୍ତାନ ଜୀବିତ ଥିବାରୁ ତାଙ୍କୁ ମାଆ ଓ ବଡ଼ଭଉଣୀମାନେ ଅତ୍ୟଧିକ ସ୍ନେହ କରୁଥିଲେ । ଗାଆଁରୁ ବାହାରକୁ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନଥିଲେ । କିନ୍ତୁ ଉଚ୍ଚଶିକ୍ଷା ପାଇଁ ନୀଳକଣ୍ଠଙ୍କର ପ୍ରବଳ ଆଗ୍ରହ ଥିବାରୁ ସେ ବୃତ୍ତି ପରୀକ୍ଷା ଦେଇସାରିବା ପରେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ ।

ବୃତ୍ତି ପରୀକ୍ଷା ଦେବାକୁ ଆସିବାବେଳେ ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲର ଛାତ୍ରାବାସକୁ ଦେଖିଥିଲେ । ସେଠାରେ ରହୁଥିବା ଛାତ୍ର ଓ ଶିକ୍ଷକମାନଙ୍କ ସହ ତାଙ୍କର ପରିଚୟ ମଧ୍ୟ ଥିଲା । ସେହି ଛାତ୍ରାବାସରେ ସଂସ୍କୃତ ସ୍କୁଲର ଛାତ୍ରଛାତ୍ରୀମାନେ ରହୁଥିଲେ । ସେହି ପିଲାଙ୍କ ମଧ୍ୟରେ ନୀଳକଣ୍ଠଙ୍କର କକେଇଙ୍କ ଜୋଇଁ (ମହାମହୋପାଧ୍ୟାୟ ପଣ୍ଡିତ) ଜଗନ୍ନାଥ ମିଶ୍ର ଜଣେ ସଂସ୍କୃତର ଛାତ୍ର ଭାବରେ ସେହି ଛାତ୍ରାବାସରେ ରହୁଥିଲେ । ନୀଳକଣ୍ଠ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଉଚ୍ଚ ଶିକ୍ଷା ପାଇଁ ପୁରୀ ଆସିଥିଲେ । ଜିଲ୍ଲା ସ୍କୁଲରେ ନାମ ଲେଖାଇବା ପରେ ଛାତ୍ରାବାସରେ ରହୁଥିବା ତାଙ୍କ କକେଇଙ୍କ ଜୋଇଁଙ୍କଠାରୁ ପଇସା ଧାର କରି ପିତାମାତାଙ୍କ ପାଖକୁ ପତ୍ର ଲେଖି ଜଣାଇଥିଲେ ।

ସେତେବେଳେ ପୁରୀରେ ମେସ୍ ଖର୍ଚ୍ଚ ମାସକୁ ମାତ୍ର ଦେଢ଼ଟଙ୍କା ଥିଲା । ତଥାପି ତାଙ୍କ ବାପାଙ୍କର ଆର୍ଥିକ ସମ୍ବଳ ନ ଥିବାରୁ ସେହି ଦେଢ଼ଟଙ୍କା ମଧ୍ୟ ଦେବାକୁ ଅସମର୍ଥ ଥିଲେ । ମାତ୍ର ନୀଳକଣ୍ଠ ଅଳ୍ପ କିଛି ଦିନ ମଧ୍ୟରେ ବୃତ୍ତି ପାଇଯାଇଥିବାରୁ ତାଙ୍କୁ ମାସକୁ ତିନିଟଙ୍କା କରି ବୃତ୍ତି ମିଳିଲା । ତେଣୁ ସେ ନିର୍ବିଘ୍ନରେ ପୁରୀ ଜିଲ୍ଲା ସ୍କୁଲର ମେସ୍‌ରେ ରହି ପାଠ ପଢ଼ିଥିଲେ । ମେସ୍ ଖର୍ଚ୍ଚ, ଜଳଖିଆ ଓ ଖାତାପତ୍ର ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ପ୍ରଭୃତି ସବୁ ସେଥିରେ ଚଳିଗଲା ।

ତା'ପରେ ସେ ଭର୍ଣ୍ଣାକୁଲର ବା ସପ୍ତମ ଶ୍ରେଣୀ ପାସ୍ କରିଥିଲେ । ଏହିପରି ଭାବରେ ବହୁ ଦୁଃଖ କଷ୍ଟ ସହି ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ ।

Digitized by srujanika@gmail.com

# ନୀଳକଣ୍ଠ ଓ ତାଙ୍କର ସେବାଭାବ

ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟରେ ପ୍ରେରଣା ତଥା ଉତ୍ସାହ ଦରକାର । ନୀଳକଣ୍ଠ ସେହିପରି ବିଦ୍ୟାଳୟରେ ଛାତ୍ରଥିବା ଅବସ୍ଥାରେ କେତେକ ସନ୍ଥ ତଥା ମହାପୁରୁଷଙ୍କ ସାହଚର୍ଯ୍ୟ ଲାଭ କରିବାର ସୁଯୋଗ ପାଇଥିଲେ । ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲାବେଳେ ଥରେଅଧେ ବୋର୍ଡ଼ିଂରେ ଗୋପବନ୍ଧୁ ଦାସଙ୍କ ସହ ଦେଖାହୋଇଥିଲା । ନୀଳକଣ୍ଠ ଯେତେବେଳେ ପୁରୀ ଛାଡ଼ି କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ପାଠ ପଢ଼ୁଥିଲେ, ସେତେବେଳେ ରେଭେନ୍‌ସା କଲେଜ ଓ କଲେଜିଏଟ୍ ସ୍କୁଲ୍ ଗୋଟିଏ ପରିସର ମଧ୍ୟରେ ଥିଲା । ତେଣୁ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରମାନେ ଏକତ୍ର ଭାବ ବିନିମୟର ସୁଯୋଗ ପାଉଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କ ଜ୍ଞାତି ବଡ଼ଭାଇ ଆଚାର୍ଯ୍ୟ ହରିହର ଦାସ ।

ସେଠାରେ ଗୋପବନ୍ଧୁ, ହରିହର ଓ ନୀଳକଣ୍ଠଙ୍କ ତ୍ରିବେଣୀ ସଂଯୋଗ ସମ୍ଭବ ହୋଇଥିଲା । ଗୋପବନ୍ଧୁଙ୍କ ଗ୍ରାମ ସତ୍ୟବାଦୀ ନିକଟ ସୁଆଣ୍ଡୋ ଗ୍ରାମରେ । ଥରେ ହରିହର ଓ ତାଙ୍କ ଶାଳକ ଅନନ୍ତ ମିଶ୍ର ନୀଳକଣ୍ଠଙ୍କୁ ଧରି ଛୁଟି ସମୟରେ ଗୋପବନ୍ଧୁଙ୍କୁ ଭେଟିବାକୁ ଭାର୍ଗବୀ ନଦୀକୂଳ ସୁଆଣ୍ଡୋ ଗ୍ରାମକୁ ଯାଇଥିଲେ । ସେହି ଗ୍ରାମରେ ସେତେବେଳେ ଭାଗବତ ସପ୍ତାହ ପାଳନ ହେଉଥିଲା । ଗୋପବନ୍ଧୁ ଏହାର ପୁରୋଧା ଥିଲେ ।

ହଇଜା ଓଡ଼ିଶାର ବଡ଼ ଶତ୍ରୁ । ଦୁର୍ଭାଗ୍ୟକୁ ସେତେବେଳେ ସୁଆଣ୍ଡୋ ଗ୍ରାମ ମଧ୍ୟ ହଇଜା ଦ୍ୱାରା ଆକ୍ରାନ୍ତ ହୋଇଥିଲା । ହଇଜା ପାଇଁ ଔଷଧ ବାହାରି ନଥିବାରୁ ହଇଜା ରୋଗରେ ଗାଁର ଶହ ଶହ ଲୋକ ପୋକମାଛି ପରି ମରିଯାଉଥିଲେ । ଏପରି ଲୋକ ମରୁଥିଲେ ଯେ ଶବକୁ ଶ୍ମଶାନକୁ ଆଣି ପୋଡ଼ିବାକୁ ସମୟ ମିଳୁନଥିଲା । ତେଣୁ ଲୋକମାନେ ଶବ ମୁହଁରେ କୌଣସିମତେ ନିଆଁ ଠିକେ ଦେଇ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରିଦେଉଥିଲେ ।

Digitized by srujanika@gmail.com

ହରିହର ଓ ନୀଳକଣ୍ଠ ଛୁଟି କଟାଇବାକୁ ଯାଇଥିଲେ ସତ; ହେଲେ ଭାର୍ଗବୀ କୂଳର ଚନ୍ଦ୍ରବିଧୌତ ରଜନୀର ଶୋଭା ସେମାନେ ଉପଭୋଗ କରିପାରୁନଥିଲେ । ହଇଜାର ପ୍ରକୋପରେ ମୃତ ବ୍ୟକ୍ତି-ମାନଙ୍କର ଶବ ଓ ଉପଯୁକ୍ତ ସତ୍କାର ଅଭାବରୁ ଶାଗୁଣା ବିଲୁଆଙ୍କ ଆନନ୍ଦ କୋଳାହଳ ସେମାନଙ୍କ ହୃଦୟକୁ ଶତଧା ବିଦୀର୍ଣ୍ଣ କରୁଥିଲା । ବନ୍ଧୁମାନେ ଏକାଠି ବସି ଲୋକମାନଙ୍କର ଏ କରୁଣ ଅବସ୍ଥା ଦେଖି ସତେ ଯେପରି ଯୁଗ୍‌ଣ ଉତ୍କଳର ସ୍ତିମିତ ହୃଦ୍‌ସ୍ପନ୍ଦନ ପରିମାପ କରୁଥିଲେ । ସେହିଠାରେ ସେମାନେ ପ୍ରତିଜ୍ଞାବଦ୍ଧ ହେଲେ, "ଆମେ ଜ୍ଞାନ ଅର୍ଜନ ପାଇଁ ପାଠ ପଢ଼ିବା ସତ; ମାତ୍ର ପାଠ ପଢ଼ି ନିଜର ସ୍ୱାର୍ଥପାଇଁ ସରକାରୀ ଚାକିରି କରିବା ନାହିଁ । ଆମେ ଜୀବନରେ ଲୋକଙ୍କ ସେବାକରି ଦେଶପାଇଁ କଷ୍ଟ କରିବା ଓ ଦେଶକୁ ପ୍ରଥମରୁ ଯେପରି ଦେଖିଥିଲେ ତା'ଠାରୁ ଅଧିକ ଉନ୍ନତ ଦେଖି ମରିବା ।" ଭାର୍ଗବୀ ନଦୀକୂଳରେ ଏହି ଉକ୍ତୋକ୍ତି ନୀଳକଣ୍ଠ ଯୁବହୃଦୟ ସେଦିନ ଆଧୁନିକ ଉତ୍କଳ ଭାଗ୍ୟାକାଶରେ ସେବାଭାବର ପ୍ରଥମ ଓଁକାର ସୃଷ୍ଟି କରିଥିଲେ । ସେହି ପ୍ରତିଜ୍ଞାବଦ୍ଧ ଯୁବପୁରୁଷମାନେ ଏକା ଛାତ୍ରାବାସରେ ରହିବାର ସୁବିଧା ପାଇଲେ ଏକତ୍ର ବସି ଦେଶସେବା ସମ୍ବନ୍ଧରେ ଆଲୋଚନା କରୁଥିଲେ । ସ୍କୁଲ କଲେଜ ଛୁଟି ପରେ ସବୁଦିନ ସନ୍ଧ୍ୟା-ବେଳେ ସେମାନେ କାଠଯୋଡ଼ି ନଦୀକୂଳରେ ପଥରବନ୍ଧ ଉପରେ ବସି ଉତ୍କଳ ତଥା ଭାରତବର୍ଷର ଦୁର୍ଭାଗ୍ୟର ପର୍ଯ୍ୟାଲୋଚନା କରନ୍ତି ଓ ନିଜ ଦେଶବାସୀଙ୍କର ସୁଖଦୁଃଖର ସାଥୀ ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି ।

ନୀଳକଣ୍ଠ ପ୍ରକୃତିଗତ ଭାବରେ ଖୁବ୍ ଜିଦ୍‌ଖୋର ଥିଲେ । କେବଳ ପାଠ୍ୟ ପୁସ୍ତକ ନୁହେଁ, ତତ୍ ସହିତ ପ୍ରତ୍ୟହ ଗୀତା, ଉପନିଷଦ ଆଦି ପାଠ କରୁଥିଲେ । ଇତିହାସ ଓ ଗଣିତଙ୍କ ପରି ପାଠ୍ୟ ପ୍ରତି ସେ ପ୍ରାୟ ବୀତସ୍ପୃହ ଥିଲେ । ମାତ୍ର ଥରେ ଶିକ୍ଷକଙ୍କର କଟୁ ବାକ୍ୟ ତାଙ୍କ ହୃଦୟକୁ ଆଘାତ ଦେଇଥିଲା । ଯଦି ଅନ୍ୟମାନେ ସେ ପାଠ ପଢ଼ି ପାରୁଛନ୍ତି, ତେବେ ମୋ ଦ୍ୱାରା କାହିଁକି ହେବନାହିଁ ଭାବି ସେ ଏକା ଜିଦ୍ କରି ଇତିହାସ ପଢ଼ିଥିଲେ ଓ ପ୍ରଗାଢ଼ ଅଧ୍ୟବସାୟ ବଳରେ ଇତିହାସର ପତ୍ର ପରେ ପତ୍ର ତାଙ୍କ ଜ୍ଞାନର ଗମ୍ଭୀରରେ ସାଇତା ହୋଇ ରହିଥିଲା ।

Digitized by srujanika@gmail.com

ସଙ୍ଗରେ ଇତିହାସ ଓ ଇଂରେଜୀରେ ସେ ଖୁବ୍ ଉଚ୍ଚକୋଟୀର କୃତିତ୍ୱ ପ୍ରଦର୍ଶନ କରିଥିଲେ ।

ଏକଦା ନୀଳକଣ୍ଠ ହଇଜାରେ ପୀଡ଼ିତ ହୋଇଥିଲେ । ବାରମ୍ବାର ଝାଡ଼ା ଯାଇ ଓ ଖାଦ୍ୟ ଗ୍ରହଣ କରିନପାରି ସେ ଅତ୍ୟଧିକ ଦୁର୍ବଳ ହୋଇ-ପଡ଼ିଲେ । ଆଜନ୍ମ ଜନସେବୀ ନିଜ ବନ୍ଧୁଙ୍କର ଏତାଦୃଶ ଅବସ୍ଥାରେ ଗୋପବନ୍ଧୁ ମ୍ରିୟମାଣ ହୋଇପଡ଼ିଲେ । ଶେଷରେ ଅବସ୍ଥା ଏପରି ସଙ୍କଟାପନ୍ନ ହେଲା ଯେ ନୀଳକଣ୍ଠ ଗୋପବନ୍ଧୁଙ୍କୁ ନିଜ ଶଯ୍ୟାଧାରରେ ଗୀତା ପଢ଼ିବା ପାଇଁ ଅନୁରୋଧ କରିଥିଲେ । ଗୋପବନ୍ଧୁଙ୍କ ବାକ୍‌ରୁଦ୍ଧ ହୋଇଯାଇଥିଲା । ଗୀତାର କେତୋଟି ମାତ୍ର ଶ୍ଳୋକ ପଢ଼ି ସେ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦିଉଠିଲେ । ନୀଳକଣ୍ଠଙ୍କର ମନେପଡ଼ିଲା ଗୀତାର ଅମର ବାଣୀ "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ।" ସେ ଜୀବନ ଉପରୁ ସମସ୍ତ ମମତା ତ୍ୟାଗ କରି ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରିଦେଲେ । ଗୋପବନ୍ଧୁ ଓ ହରିହର ମଧ୍ୟ ଗୀତା ଛାଡ଼ିଦେଇ ଗୀତାର ସ୍ରଷ୍ଟାଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବାକୁ ଲାଗିଲେ । ଆଶ୍ରିତ ବାତ୍ସଲ୍ୟ ବୋଧହୁଏ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ମହାନତା । ନୀଳକଣ୍ଠଙ୍କ ଜୀବନହାନି ଘଟାଇବା ତାଙ୍କର ଉଦ୍ଦେଶ୍ୟ ନଥିଲା । କେବଳ ଉତ୍କଳର ହଜାର ହଜାର ହଇଜା ରୋଗୀଙ୍କର କଷ୍ଟ ଅନୁଭବ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ପ୍ରାର୍ଥନା ଫଳବତୀ ହେଲା । ନୀଳକଣ୍ଠ ସତେ ଯେପରି ପୁନର୍ଜନ୍ମ ପାଇଲେ । ହଇଜାର କଷ୍ଟ ଅନୁଭୂତିରେ ଆଣିଥିବାରୁ ସେହି ରୋଗୀମାନଙ୍କ ପ୍ରତି ତାଙ୍କର ମନରେ ଅସୀମ ଅନୁକମ୍ପା ଜାଗ୍ରତ ହେଲା । ଦ୍ୱିଗୁଣ ଉତ୍ସାହରେ ଜନସେବା ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଲେ । ଈଶ୍ୱର ମନୁଷ୍ୟକୁ ଶିକ୍ଷା ଦେବା ପାଇଁ କି ପ୍ରଭାବଶାଳୀ ଉପାୟ ଅବଲମ୍ବନ କରନ୍ତି ସତେ !

## ନୀଳକଣ୍ଠଙ୍କର ଆଦର୍ଶ ଜୀବନ ଗଠନ

ପ୍ରତ୍ୟେକ ପ୍ରାଣୀ ଏ ବସୁନ୍ଧରାପୃଷ୍ଠରେ ଜନ୍ମଗ୍ରହଣ କରନ୍ତି । କିନ୍ତୁ ଧନ ବଞ୍ଚନ୍ତି ପୃଣି ବିହାୟୁ ନଅନ୍ତି । ମାତ୍ର ସାମାନ୍ୟ କେତେଜଣ ବ୍ୟକ୍ତି

Digitized by srujanika@gmail.com

ସେମାନଙ୍କ ଜୀବନକୁ ଆଦର୍ଶ କରି ଗଢ଼ିତୋଳିବାରେ ସମର୍ଥ ହୁଅନ୍ତି । ସେମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ ଅନ୍ୟତମ ।

ଓଡ଼ିଶାରେ ଖୁବ୍ କମ୍ ସ୍କୁଲ ଥିଲା । ଯେଉଁ କେତୋଟି ସ୍କୁଲ ଥିଲା ସେଥିରେ କେବଳ ବଙ୍ଗାଳୀମାନେ ଶିକ୍ଷକତା କରୁଥିଲେ । ପ୍ରାୟ କୌଣସି ଓଡ଼ିଆ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇପାରୁନଥିଲେ । ନୀଳକଣ୍ଠ ପିଲା ହୋଇଥିବାବେଳେ ପୂଜ୍ୟ ଚନ୍ଦ୍ରମୋହନ ମହାରଣା ପୁରୀ ଜିଲ୍ଲା ସ୍କୁଲରେ ପ୍ରଥମ ଓଡ଼ିଆ ପ୍ରଧାନ ଶିକ୍ଷକ ଭାବରେ ଯୋଗଦେଲେ । ସ୍କୁଲରେ ପଢ଼ୁଥିବା ସଂଖ୍ୟାଧିକ ବଙ୍ଗାଳୀ ଛାତ୍ର ଜଣେ ଓଡ଼ିଆ ବ୍ୟକ୍ତି ପ୍ରଧାନ ଶିକ୍ଷକ ହେବା ସହିପାରୁନଥିଲେ । ସହ୍ୟ କରିପାରନ୍ତେ କିପରି ? ଚନ୍ଦ୍ରମୋହନ ବାବୁ ଜାତିରେ ବଢ଼େଇ ବୋଲି ବଗୁର ବଙ୍ଗାଳୀ ପିଲାମାନେ ତାଙ୍କୁ ଥଟ୍ଟା କରି ତାଙ୍କ ଅଫିସ୍ ଟେବୁଲ୍ ଉପରେ ଗୋଟିଏ ଲିହଣ ଓ ମୁଗୁର ରଖିଦେଇଥିଲେ । କିନ୍ତୁ ଓଡ଼ିଆଜାତି ତଳ ଓଡ଼ିଆ ପୁଅ ଚନ୍ଦ୍ରମୋହନଙ୍କ ହୃଦୟ ଥିଲା ଆକ୍ରୋଶ ବିହୀନ ଓ ଉଦାର । ଏହି ଘଟଣାରେ ସେ ବିଚଳିତ ହୋଇନଥିଲେ । ବରଂ ସବୁ ପିଲାଙ୍କୁ ସମାନ ଦୃଷ୍ଟିରେ ବ୍ୟବହାର କରିବାକୁ ଲାଗିଲେ । ନୀଳକଣ୍ଠ ଥିଲେ ସ୍ୱଦେଶ-ପ୍ରେମୀ ଓ ସ୍ୱାଭିମାନୀ । ଯୁବ ବୟସରେ ଚନ୍ଦ୍ରମୋହନଙ୍କ ପରି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ଉଦାରତାକୁ ସେ ପ୍ରଥମେ ଠିକ୍ ଭାବେ ବୁଝିପାରିଲେ ନାହିଁ । ସେ ମଧ୍ୟ ବଙ୍ଗାଳୀମାନଙ୍କ ପ୍ରତି ପ୍ରତିହିଂସାଶୀଳ ହେବାକୁ ଚାହୁଁଥିଲେ । ମାତ୍ର ଚନ୍ଦ୍ରମୋହନ ବାବୁଙ୍କ ଉତ୍ତମ ଶିକ୍ଷକତ୍ୱରେ ସେ ତାଙ୍କ ଉଦାରତାର ମୂଲ୍ୟ ବୁଝିଲେ । ପ୍ରତିହିଂସା ପ୍ରଦର୍ଶନ ନୀଚ ଓ ପାଶବିକ ଗୁଣଯୁକ୍ତ ଓ ଉଦାରତା ହେଉଛି ଉଚ୍ଚ ମାନବିକ ମୂଲ୍ୟବୋଧର ପରିଚାୟକ—ଏହା ଜାଣିବା ପରେ ସେ ଚନ୍ଦ୍ରମୋହନଙ୍କ ପ୍ରତି ଆକୃଷ୍ଟ ହେଲେ ଓ ବିଦ୍ୟାର୍ଜନରେ ସମସ୍ତ ପ୍ରକାର ସାହାଯ୍ୟ ପାଇଁ ସେ ତାଙ୍କର ହାରସ୍ଥ ହେଲେ ।

ଛାତ୍ର ଜୀବନରେ ନୀଳକଣ୍ଠଙ୍କର ହସ୍ତାକ୍ଷର ସୁନ୍ଦର ନଥିଲା । ଚନ୍ଦ୍ରମୋହନ ବାବୁ ତାଙ୍କୁ ଏ ବିଷୟରେ ଚେତାଇ ଦେଇଥିଲେ; କିନ୍ତୁ ହସ୍ତାକ୍ଷର କିପରି ସୁନ୍ଦର ଭାବେ ଲେଖାଯାଇ ପାରିବ ନୀଳକଣ୍ଠଙ୍କର ସେ

Digitized by srujanika@gmail.com

ବିଷୟରେ ଧାରଣା ନଥିଲା । ପରେ ଚନ୍ଦ୍ରମୋହନବାବୁ ତାଙ୍କୁ ବୁଝାଇ ଦେଇଥିଲେ ଯେ, "ଥରେ କୃତସଙ୍କଳ୍ପ ହୋଇ କୌଣସି କାମ କଲେ ତାହା ନିଶ୍ଚିତ ଅତି ସହଜରେ ହୋଇପାରିବ ।" ଏହା ପରେ ନୀଳକଣ୍ଠ ଦୃଢ଼ତା ଓ ନିଷ୍ଠାର ଅର୍ଥ ବୁଝିଯାଇଥିଲେ । ନିଜର ଏକନିଷ୍ଠତା ଯୋଗୁଁ ସେ ଯେ କେବଳ ଗୋଟିଏ ସପ୍ତାହରେ ନିଜର ହସ୍ତାକ୍ଷର ସୁନ୍ଦର କରି-ପାରିଥିଲେ; ତାହା ନୁହେଁ, ବରଂ ନିଷ୍ଠାର ଆଲୋକରେ ନିଜ ଜୀବନର ସମସ୍ତ କାର୍ଯ୍ୟକୁ ଆଲୋକିତ କରିବାକୁ ସମର୍ଥ ହୋଇଥିଲେ ।

ପୁରୀରେ ପଢ଼ିଲାବେଳେ ସେ ଆଉ ଜଣେ ଗୁଣୀ ବ୍ୟକ୍ତିଙ୍କ ସମ୍ପର୍କରେ ଆସିବାର ସୌଭାଗ୍ୟ ଲାଭ କରିଥିଲେ । ସେ ଥିଲେ ଗୋପବନ୍ଧୁଙ୍କ ଉପଦେଷ୍ଟା ଓ ଗୁରୁ ଦେଶପ୍ରାଣ ମୁକ୍ତ୍ୟାର ରାମଚନ୍ଦ୍ର ଦାସ । ରାମଚନ୍ଦ୍ର ଜଣେ ସାଧୁପୁରୁଷ ଓ ପରୋପକାରୀ ବ୍ୟକ୍ତି ଥିଲେ । ଓଡ଼ିଶାର ଉନ୍ନତି ତଥା ଓଡ଼ିଆ ଛାତ୍ରମାନଙ୍କର ଜ୍ଞାନ ଓ ବିଦ୍ୟାର୍ଜନରେ କିପରି ଉନ୍ନତି ଘଟିବ ତାହା ତାଙ୍କର ଧ୍ୟେୟ ଥିଲା । ସେଥିପାଇଁ ସେ ବ୍ୟକ୍ତିଗତ ଚେଷ୍ଟା କରି ନୂଆ ନୂଆ ଓଡ଼ିଆ ବହିସବୁ ସଂଗ୍ରହ କରୁଥିଲେ । ଛାତ୍ରମାନଙ୍କୁ ଘରକୁ ଡାକି ସେସବୁ ପଢ଼ାଇ ସେମାନଙ୍କ ସଙ୍ଗେ ଆଲୋଚନା କରୁଥିଲେ । ପିଲମାନେ ଦେଶସେବୀ, ସାହିତ୍ୟିକ ଓ ଉଚ୍ଚାଭିଳାଷୀ ହୁଅନ୍ତୁ ସେଥିପାଇଁ ସେ ଉପଦେଶ ଓ ଉତ୍ସାହ ଦିଅନ୍ତି । ଗୋପବନ୍ଧୁଙ୍କ ପରି ନୀଳକଣ୍ଠଙ୍କର ମଧ୍ୟ ସେ ଥିଲେ ପ୍ରେରଣାର ଉତ୍ସ । ତାଙ୍କଠାରୁ ଉତ୍ସାହ ଲାଭ କରି ନୀଳକଣ୍ଠଙ୍କ ସାହିତ୍ୟିକ ଜୀବନର ବୀଜ ଅଙ୍କୁରିତ ହୋଇଥିଲା । ସଭା ସମିତି ଗଢ଼ିବା, ଲେଖାଲେଖି କରିବା ଓ ବକ୍ତୃତା ଦେବା ଆଦି କାର୍ଯ୍ୟରେ ତାଙ୍କର ଆଗ୍ରହ ଆସିଲା । ସେହି ସମୟରେ ପଠାଣି ସାମନ୍ତ (ସାମନ୍ତ ଚନ୍ଦ୍ରଶେଖର)ଙ୍କ ପୁରୀରେ ଦେହାନ୍ତ ହେଲା । ଗୋପବନ୍ଧୁଙ୍କ ପ୍ରେରଣାରେ ନୀଳକଣ୍ଠ ସେହି ଯୋଗଜନ୍ମା ଜ୍ୟୋତିର୍ବିଦ୍‌ଙ୍କ ସମ୍ପର୍କରେ ଏକ ପ୍ରବନ୍ଧ ରଚନା କଲେ । ତାଙ୍କ ପ୍ରବନ୍ଧଟି ପ୍ରଥମେ ରାମଚନ୍ଦ୍ର ଓ ଭକ୍ତକବି ମଧୁସୂଦନ ପଢ଼ି ତାହାର ପ୍ରଶଂସା କରିଥିଲେ । ପରେ ତାହା ଚନ୍ଦ୍ରଶେଖରଙ୍କ ଶ୍ରାଦ୍ଧ ସଭାରେ ପାଠ ହେଲା ଓ ତା'ପରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଲା ।

Digitized by srujanika@gmail.com

## ନୀଳକଣ୍ଠଙ୍କର ଧର୍ମବିଶ୍ୱାସ

ପିଲାଦିନରୁ ନୀଳକଣ୍ଠଙ୍କର ଧର୍ମପ୍ରତି ବିଶ୍ୱାସ ସେତେ ଦୃଢ଼ ନଥିଲା । ତାଙ୍କର ଅନ୍ଧ ଧର୍ମବିଶ୍ୱାସ ଓ ତଦନୁଗତ କ୍ରିୟାପ୍ରତି ସମାଲୋଚନା-ମୂଳକ ଦୃଷ୍ଟି ଥିଲା ସତ; ମାତ୍ର ସେ କୌଣସି ଧର୍ମ ବିଚାରକୁ ପରୀକ୍ଷା ନକରି ଫେପାଇ ଦେଉନଥିଲେ । ପିତାମାତାଙ୍କର ଯେଉଁ ଧର୍ମବିଶ୍ୱାସ ଥିଲା, ଦେବଦେବୀଙ୍କର ଅମୁଣିଆ କଦଳୀ ବା ଚୂଡ଼ା ଖାଇବା ନିଷେଧ, ତାହା ନୀଳକଣ୍ଠ ନମାନି ଥରେ କଦଳୀ ଖାଇଦେଇଥିଲେ ।

ଇଂରେଜମାନଙ୍କ ସମୟ । ନୀଳକଣ୍ଠ ସେତେବେଳେ ପୁରୀ ଜିଲ୍ଲା ସ୍କୁଲରେ ପଢ଼ୁଥାନ୍ତି । ଇଂରେଜ ସାହେବ ପାଦ୍ରୀମାନେ ଦେଶ ଦେଶ ବୁଲି ଖ୍ରୀଷ୍ଟିୟାନ୍ ଧର୍ମ ପ୍ରଚାର କରୁଥାନ୍ତି । ପୁରୀ ସହରରେ ସେମାନେ ପ୍ରଚାର କଲାବେଳେ ହିନ୍ଦୁ ପଣ୍ଡିତମାନଙ୍କ ବାରଣ ସତ୍ତ୍ୱେ ମଧ୍ୟ ନୀଳକଣ୍ଠ ଆଗ୍ରହ ସହକାରେ ଖ୍ରୀଷ୍ଟଧର୍ମ ଶୁଣିବାକୁ ଯାଇଥିଲେ । ହେଭର୍‌ଲେଟ ବୋଲି ଜଣେ ସାହେବ ପ୍ରଚାର କରୁଥିଲେ, ସେ କହୁଥିଲେ, "କାଠ ପଥରକୁ ଦେବତା ବୋଲି ମାନନାହିଁ । ନିରାକାର ଯୀଶୁଙ୍କଠାରେ ମନଦେଲେ ଯୀଶୁ ତୁମକୁ ତ୍ରାଣ କରିବେ । ସେ ପାପୀକୁ ତ୍ରାଣ କରିବାକୁ ଜନ୍ମ ହୋଇଥିଲେ ।" ଏହିପରି ଅନେକ କଥା ସେ ପ୍ରଚାର କରୁଥିଲେ । ନୀଳକଣ୍ଠ ଆଗ୍ରହର ସହ ଦୁଇ ତିନିଦିନ ଏହି ପ୍ରଚାର ଶୁଣିବାକୁ ଯାଇଥିଲେ । ଏହା ଶୁଣି ପୁରୀ ଜିଲ୍ଲା ସ୍କୁଲର ହେଡ଼ପଣ୍ଡିତ ସଦାଶିବ ମିଶ୍ର ନୀଳକଣ୍ଠଙ୍କୁ ଡକାଇ ଖ୍ରୀଷ୍ଟଧର୍ମ ଶୁଣିବାକୁ ଯିବା ପାଇଁ ବାରଣ କରିଥିଲେ ।

ଇଂରେଜ ଅମଳରେ ପାଠ୍ୟ ପୁସ୍ତକରେ ମଧ୍ୟ ଖ୍ରୀଷ୍ଟିୟାନ ଧର୍ମ ବିଷୟରେ ଅନେକ ବିଷୟ ଥାଏ । ଖ୍ରୀଷ୍ଟିୟାନ ଧର୍ମ ବିଷୟରେ ଜାଣିବାର ଆଗ୍ରହ ଯୋଗୁଁ ଥରେ ସେ ଛାତ୍ରାବାସର ନିକଟରେ ଥିବାବେଳେ ଅନ୍ୟ ପିଲା-ମାନଙ୍କୁ ଡାକି ସେମାନଙ୍କୁ ସଙ୍ଗରେ ନେଇ ସ୍କୁଲ ଛୁଟି ପରେ ଦିନ ଚାରିଟା ବେଳେ ପୁରୀର ଗୋଟିଏ ଖ୍ରୀଷ୍ଟିୟାନ୍ ଧର୍ମ ମନ୍ଦିର ବା ଗୀର୍ଜାକୁ ଉପାସନା ଶୁଣିବାକୁ ଓ ମିଳିତ ପ୍ରାର୍ଥନା ଦେଖିବାକୁ ଯାଇଥିଲେ । ଏକଥା ତହିଁଆର-ଦିନ ପଣ୍ଡିତ ସଦାଶିବ ମିଶ୍ରଙ୍କ କାନରେ ଯାଇ ପଡ଼ିଥିଲା । ଏ ଘଟଣାରେ

Digitized by srujanika@gmail.com

ସେ ଅତ୍ୟନ୍ତ ବିବ୍ରତ ହୋଇ ସବୁକଥା ଆସି ଚନ୍ଦ୍ରମୋହନ ବାବୁଙ୍କୁ ଜଣାଇଥିଲେ । ଫଳରେ ସ୍କୁଲର ଛାତ୍ର ଓ ମାଷ୍ଟରମାନଙ୍କ ଭିତରେ ଭୀଷଣ ବିଶୃଙ୍ଖଳା ଖେଳିଗଲା । ସମସ୍ତେ କହିଲେ, "ଆଚ୍ଛା ନୀଳକଣ୍ଠଙ୍କୁ ଚନ୍ଦ୍ରମୋହନ ବାବୁ ବଡ଼ଲୋକ କଲେ, ଆଉ ଜାତି ରହିବ ନାହିଁ । ନୀଳକଣ୍ଠ ନିଜେ ଖ୍ରୀଷ୍ଟିଆନ୍ ହେବ ଓ ଆଉ ସମସ୍ତ ପିଲାଙ୍କୁ ଖ୍ରୀଷ୍ଟିଆନ୍ କରିଦେବ ।" ବୋର୍ଡ଼ିଂରେ ପିଲାମାନେ କି ପ୍ରାୟଶ୍ଚିତ୍ତ କରିବେ ସେ କଥାର ମଧ୍ୟ ବିଗୁର ଲାଗିଥିଲା । ପିଲାମାନଙ୍କ ମୁହଁଗୁଡ଼ିକ ଶୁଖିଯାଇଥିଲା । ହେଡ଼ମାଷ୍ଟର ଚନ୍ଦ୍ରମୋହନ ବାବୁଙ୍କୁ ନୀଳକଣ୍ଠଙ୍କ କୁକର୍ମ ବିଷୟରେ ଜଣାଇ କଠୋର ଶାସ୍ତି ବିଧାନ ପାଇଁ ଦାବି କରିଥିଲେ ଓ ନୀଳକଣ୍ଠଙ୍କୁ ଡକାଇ ପଠାଇଲେ । ଅନ୍ୟ ପିଲାମାନଙ୍କୁ ନେଇ ଗୀର୍ଜାକୁ କାହିଁକି ଯାଇଥିଲେ ସେ ବିଷୟରେ ତାଙ୍କୁ କୈଫିୟତ ମଗାଗଲା । ନୀଳକଣ୍ଠ ବିନମ୍ର କଣ୍ଠରେ କହିଥିଲେ, "କାଲି ସ୍କୁଲରେ ଆପଣ **Village Black Smith** ବିଷୟରେ ପଢ଼ାଉଥିବା ବେଳେ ପାର୍ସନ୍ ବା ଧର୍ମଯାଜକ ଆଗ ପ୍ରାର୍ଥନା କରନ୍ତି ଓ ପରେ ପ୍ରଚାର କରନ୍ତି ବୋଲି ଆମକୁ ବୁଝାଇଥିଲେ । ଆମ ହିନ୍ଦୁଙ୍କର ତ ସେସବୁ ନାହିଁ । ତେଣୁ ଦେଖିଲେ ଭଲ କରି ବୁଝି ହୋଇଯିବ ବୋଲି ମୁଁ ପିଲାଙ୍କୁ ସେ କଥା ଦେଖାଇବାକୁ ସଙ୍ଗରେ ନେଇ ଯାଇଥିଲି ।" ହେଡ୍‌ମାଷ୍ଟ୍ରେ ବିଗୁରବନ୍ତ ଲୋକ ଥିବାରୁ କିଛି କହିନଥିଲେ; ମାତ୍ର ପଣ୍ଡିତେ ନୀଳକଣ୍ଠଙ୍କୁ ଡକାଇ କହିଲେ, ତୁମେ ଗୀର୍ଜାକୁ ଯାଇ ଖ୍ରୀଷ୍ଟିଆନ୍‌ମାନଙ୍କୁ ଛୁଇଁଥିବ, ସେଥିରେ କଣ ତୁମର ଜାତି ଗଲାନାହିଁ ? ପଣ୍ଡିତେ ନୀଳକଣ୍ଠଙ୍କୁ ଏ ଘଟଣା କହିବା ପୂର୍ବରୁ ତାଙ୍କ ସ୍କୁଲକୁ ପରିଦର୍ଶନ କରିବା ପାଇଁ ଜଣେ ଗୋରା **Inspector** ଆସିଥିଲେ । ତାଙ୍କ ନାଁ ରଏଟର ସାହେବ । ତାଙ୍କ ସହିତ ପଣ୍ଡିତେ ହାତ ମିଳାଇଥିବାର ନୀଳକଣ୍ଠ ଦେଖିଥିଲେ । ତେଣୁ ସେ ଉତ୍ତର ଦେଇଥିଲେ, "ଆପଣ ସାହେବଙ୍କ ସହ ହାତ ମିଳାଇଥିଲେ । ଏଥିରେ ଆପଣଙ୍କ ଜାତି ଗଲା ନାହିଁ । ଆମର କାହିଁକି ଜାତି ଚାଲିଯିବ ?" ପଣ୍ଡିତେ କହିଲେ, "ଆମେ ହାତ ମିଳାଇଲା ପରେ ଘରକୁ ଯାଇ 'ଅଣ୍ଠା ପାଣି' କରିଥିଲୁ ।"

ନୀଳକଣ୍ଠ ତାଙ୍କୁ କୌତୁକ କରି କହିଥିଲେ, ମୋତେ ଆପଣ ସେ କଥା ଆଗରୁ କହିଥିଲେ ମୁଁ 'ବେଳପାଣି' କରିଦେଇଥାନ୍ତି । ଆପଣଙ୍କୁ

Digitized by srujanika@gmail.com

ଆଉ ଏତେ କଷ୍ଟ କରିବାକୁ ପଡ଼ିନଥାନ୍ତା । ଏହିପରି ଧର୍ମ ସମ୍ବନ୍ଧରେ ନୀଳକଣ୍ଠଙ୍କର ବିଶ୍ୱାସ ବହୁତ ଉଚ୍ଚ ଧରଣର ଓ ପରୀକ୍ଷାସାପେକ୍ଷ ଥିଲା । ଯେକୌଣସି ଧର୍ମବିଶ୍ୱାସକୁ ଗ୍ରହଣ ବା ତ୍ୟାଗ କରିବା ପୂର୍ବରୁ ସେ ତାକୁ ନିକଟରୁ ଅନୁଧ୍ୟାନ କରିବାକୁ ଚାହୁଁଥିଲେ ।

## ନୀଳକଣ୍ଠଙ୍କର ବିବାହ

ନୀଳକଣ୍ଠ ଦାଶ ପୁରୀ ବ୍ରାହ୍ମଣ ସମିତି ହଷ୍ଟେଲ୍‌ରେ ରହିବା ପରଠାରୁ ସେ ରାମଚନ୍ଦ୍ର ଦାଶ ଓ ଗୋପବନ୍ଧୁ ଦାସ ଇତ୍ୟାଦିଙ୍କ ସଂସ୍ପର୍ଶରେ ଆସି ଅନେକ ପ୍ରବନ୍ଧ ଓ କାବ୍ୟ ଆଦି ରଚନା କରିଥିଲେ । ସେହି ସମୟରେ ସେ ସ୍ଥିର କରିନେଇଥିଲେ ଯେ ସେ ବିବାହ କରିବେ ନାହିଁ । ଦେଶ-ସେବା ପାଇଁ ଗୋଟିଏ ଦଳ ଗଢ଼ି ଗୋପବନ୍ଧୁ ଦାସଙ୍କ ସଙ୍ଗେ ଦେଶସେବା କାର୍ଯ୍ୟରେ ଲାଗିବେ । ନିଜେ ଅନ୍ୟ ଯୁବକମାନଙ୍କୁ ଏକତ୍ରିତ କରିବେ । ସୁଆଣ୍ଡୋ ଗାଁର ନଈବନ୍ଧ ଉପରେ ବସି ସେ ଯେଉଁ ସଂକଳ୍ପ କରିଥିଲେ, ତାହା ଏହିପରି ଭାବରେ ଫଳପ୍ରଦ କରିବା ପାଇଁ ସେ ଆଗୁସାର ହୋଇଥିଲେ । କ୍ରମଶଃ ଜୀବନର ସମସ୍ତ କ୍ରିୟା ସବୁକୁ ସଂଯତ, ଶୃଙ୍ଖଳିତ ଓ ଏକମୁଖୀ କରିବାର ଉଦ୍ୟମ କରିଥିଲେ । ମାତ୍ର ଗୋପବନ୍ଧୁ ଦାସଙ୍କ ପୁତ୍ରର ମୃତ୍ୟୁ ନୀଳକଣ୍ଠ ଉପରେ ବଳିଷ୍ଠ ପ୍ରଭାବ ପକାଇଥିଲା । ଗୋପବନ୍ଧୁ ଅଷ୍ଟମ ଶ୍ରେଣୀରୁ ବିବାହ କରିଥିଲେ । ତାପରେ ଗ୍ରାମ ସୁଆଣ୍ଡୋରେ ପତ୍ନୀ ଓ ପିଲାପିଲିଙ୍କୁ ଛାଡ଼ି ବ୍ରାହ୍ମଣ ସମିତି ହଷ୍ଟେଲରେ ରହି ଏମ୍. ଏ. ଶେଷ କରିବାକୁ ଅଧ୍ୟୟନରତ ଥିଲେ । ହଠାତ୍ ତାଙ୍କ ପୁତ୍ରର ମୃତ୍ୟୁ ଖବର ସମସ୍ତଙ୍କୁ ବିଚଳିତ କରିଥିଲା । ବିଶେଷକରି ଗୋପବନ୍ଧୁ ଓ ତାଙ୍କ ସ୍ତ୍ରୀଙ୍କ ଅବସ୍ଥା ଦେଖିଲାପରେ ନୀଳକଣ୍ଠଙ୍କ ମନରେ ଭାବନା ଆସିଥିଲା ଯେ ଯେତେବଡ଼ ମହାପୁରୁଷ ହେଲେ ମଧ୍ୟ ପାରିବାରିକ ଦୁର୍ବଳତା ମନୁଷ୍ୟକୁ ବେଳେବେଳେ ସ୍ଥିତିଭ୍ରଷ୍ଟ କରିଦିଏ । ତେଣୁ ସେ ଚିନ୍ତା କରି ସ୍ଥିର କଲେ ଯେ ଦୁର୍ବଳତା ନଥିବା ଭଳି ପରିସ୍ଥିତି ସୃଷ୍ଟି କଲେ ଦେଶ କାର୍ଯ୍ୟରେ ବହୁତ ବେଶି ସୁବିଧା ହେବ । ସେଥିପାଇଁ ସେ ବିବାହ ନକରିବା ପାଇଁ ସ୍ଥିର କଲେ । ତାଙ୍କର ବୃଦ୍ଧ ପିତା ସେ କଥା ଜାଣିପାରି ଅତି ବିବ୍ରତ ହୋଇ ଗୋପବନ୍ଧୁଙ୍କ ପାଖରେ ବିନତି କଲେ । ନୀଳକଣ୍ଠ ତାଙ୍କର

Digitized by srujanika@gmail.com

ଏକମାତ୍ର ପୁଅ । ପୁଅକୁ ବିବାହ ଦେଇ କୁଳରକ୍ଷା କରିବା ପାଇଁ ତାଙ୍କର ଉତ୍କଣ୍ଠା ଦେଖି ଗୋପବନ୍ଧୁ ନୀଳକଣ୍ଠଙ୍କୁ ବୁଝାଇଲେ ।

ନୀଳକଣ୍ଠ ପିତାଙ୍କ ନିକଟକୁ ଯାଇ ତାଙ୍କୁ ଦେଶସେବା ପାଇଁ ଛାଡ଼ିଦେଇ କୁଳରକ୍ଷା ପାଇଁ ପୋଷ୍ୟପୁତ୍ର ଗ୍ରହଣ କରିବା ପାଇଁ ବିନମ୍ର ଅନୁରୋଧ ଜଣାଇଲେ । ସତୁରି ବର୍ଷ ବୟସରେ ତାଙ୍କର ପିତା ପୁତ୍ରର କଥା ଶୁଣି ଅତ୍ୟନ୍ତ ମର୍ମାହତ ହେଲେ ଓ ପୁଣି ଆସି ଗୋପବନ୍ଧୁଙ୍କ ନିକଟରେ କାନ୍ଦିଲେ । ଗୋପବନ୍ଧୁଙ୍କ ପରଦୁଃଖ କାତର ପ୍ରାଣ ସେଥିରେ ତରଳିଗଲା । ସେ ନୀଳକଣ୍ଠଙ୍କୁ ଡାକି ନାନା କଥା ବୁଝାଇ ପିତାଙ୍କ ପ୍ରାଣରେ ଆଘାତ ନଦେଇ ବିବାହ ନକରିବା ସଂକଳ୍ପକୁ ପରିତ୍ୟାଗ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଗୋପବନ୍ଧୁଙ୍କୁ ସେ ଗୁରୁ ରୂପେ ମାନୁଥିଲେ । ତେଣୁ ଗୋପବନ୍ଧୁଙ୍କ କଥାକୁ ଅମାନ୍ୟ ନକରିପାରି ବିବାହ କରିବାକୁ ସମ୍ମତ ହୋଇଥିଲେ ।

ନୀଳକଣ୍ଠ ଯେଉଁ ବର୍ଷରେ ଏନ୍‌ଟ୍ରାନ୍‌ସ୍ କ୍ଲାସ୍‌ରେ ପଢ଼ୁଥିବା ବର୍ଷ ବହୁତ ବିବାହ ପ୍ରସଙ୍ଗ ଆସିଲା । ନୀଳକଣ୍ଠଙ୍କ ପରି ଜଣେ ଉଦୀୟମାନ ଯୁବକଙ୍କୁ କିଏ ବା ଜୋଇଁ ନକରିବାକୁ ଚାହିଁବ ? ତେଣୁ ତାଙ୍କୁ ଜୋଇଁ କରିବା ଆଶାରେ ବହୁତ ବିତ୍ତଶାଳୀ କନ୍ୟାପିତା ପାଞ୍ଚହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଯୌତୁକ ଓ ଅନ୍ୟାନ୍ୟ ପ୍ରଲୋଭନ ଦେଇ ତାଙ୍କ ପିତାଙ୍କ ପାଖକୁ ଦଉଡ଼ୁଥିବା କଥା ନୀଳକଣ୍ଠ ଜାଣିଥିଲେ । ମେସ୍ ଖର୍ଚ୍ଚ ମାସିକ ଦେଢ଼ ଟଙ୍କା ଓ ପିତାଙ୍କ ଦୁଃସ୍ଥ ଆର୍ଥିକ ଅବସ୍ଥାବେଳେ ପାଞ୍ଚହଜାର କିଛି କମ୍ ନଥିଲା । ଲୋଭରେ ପଡ଼ି ସେପରି ପ୍ରସ୍ତାବରେ ରାଜି ହେଲେ ବିବାହିତ ଜୀବନ ଜଞ୍ଜାଳପୂର୍ଣ୍ଣ ହେବ ଓ ସ୍ୱାଧୀନଭାବେ ଦେଶକାର୍ଯ୍ୟ କରିବାରେ ବାଧା ଉପୁଜିବ ବୋଲି ସେ ସବୁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ପିତାଙ୍କୁ ଭବଭୂତିଙ୍କର ଗୋଟିଏ ଶ୍ଳୋକ ପାଠ କରି ବୁଝାଇ ଦେଇଥିଲେ—

"ଉତ୍ତମ ସ୍ୱର୍ଜିତଂ ବିତ୍ତଂ ମଧ୍ୟମ ପିତୁରର୍ଜିତଂ
ଅଧମ ଭ୍ରାତୃ ବିତ୍ତଂଚ ସ୍ତ୍ରୀ ବିତ୍ତମଧମାଧମ୍ ।"

ଅର୍ଥାତ୍ ନିଜ ଅର୍ଜିତ ବିତ୍ତ ଛାଡ଼ି ଅନ୍ୟମାନଙ୍କ ଅର୍ଥରେ ଧନୀ ହେବା ଅଧମର କାର୍ଯ୍ୟ, ବିଶେଷକରି ସ୍ତ୍ରୀ ଧନ ଆଣି ବିବାହ କରିବା

Digitized by srujanika@gmail.com

ଅତି ଅଧମର କାମ । ସେ ଯଦି ବିବାହ କରିବେ, ତେବେ ଏପରି ଘରୁ ଝିଅଟିଏ ଆଣିବା ଦରକାର, ଯେଉଁ ଖାନ୍‌ଦାନ୍ ଘର ଭାଙ୍ଗିଯାଇ ପୁଣି ନୂଆ ଗଢ଼ା ହେଉଥିବ ଓ ସେ ଘରର ଲୋକେ ଦୁଃଖ କଷ୍ଟ ଭିତରେ ଗତି କରି ସେ ସବୁରେ ବିବ୍ରତ ହେଉନଥିବେ । ତା ହେଲେ ସେ ଝିଅଟି ଦୁଃଖ କଷ୍ଟ ସହି ତାଙ୍କ ଘରେ ଚଳିପାରିବ । କାରଣ ସେ ଯେଉଁ ଦେଶ-ସେବା ପଥକୁ ବାଛି ନେଇଥିଲେ ତାହା ଅତି ଦୁର୍ଗମ ପଥ ଥିଲା । ସେ ପଥରେ ଗତି କରିବା ସମୟରେ ଅର୍ଥାନଟନ ଦେଖାଯିବ । କିନ୍ତୁ ତାଙ୍କ ଲକ୍ଷ୍ୟରେ ଆଗେଇ ଯିବାପାଇଁ ଉପଯୁକ୍ତ ସହଧର୍ମିଣୀଟିଏ ଦରକାର ଯେ କି ସମସ୍ତ ସୁଖ-ଦୁଃଖରେ ଭାଗିଦାର ହେବ । ମାତ୍ର ସମସ୍ତ କଥା ସତ୍ତ୍ୱେ ନୀଳକଣ୍ଠଙ୍କ ପିତାମାତା ପୁତ୍ରକୁ ବିବାହ ଦେବା ପାଇଁ ଖୁବ୍ ଆକୁଳ ଥିଲେ । ନୀଳକଣ୍ଠଙ୍କ ପିତା ମଧ୍ୟ ଜଣେ ବୁଝିବାର ଲୋକ ଥିଲେ । ତେଣୁ ପୁଅର ବୁଝାମଣା ବା ରାଜିରେ ଅସମ୍ମତ ହେବାର କୌଣସି କାରଣ ନଥିଲା । ସେ ଖୋଜି ଖୋଜି ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର କର୍ତ୍ତା ଶ୍ରୀ ପୁରୁଷୋତ୍ତମପୁରର ଶ୍ରୀ ସୋମନାଥ ମିଶ୍ରଙ୍କ କନ୍ୟା ଶ୍ରୀମତୀ ରାଧାରାଣୀ ଦେବୀଙ୍କୁ ପୁତ୍ରବଧୂ ରୂପେ ମନୋନୀତ କଲେ । ସୋମନାଥ ମିଶ୍ର ଜଣେ ଖାନ୍‌ଦାନ୍ ପରିବାରର ବ୍ୟକ୍ତି ଥିଲେ । ସେ ଆବାଲ୍ୟରୁ ପିତାଙ୍କୁ ହରାଇଥିଲେ ଓ ତାଙ୍କ ଘର ଭାଗ ହୋଇ ଖୁବ୍ କମ୍ ଅଂଶ ତାଙ୍କ ଭାଗରେ ପଡ଼ିଥିଲା । ସେ ଖୁବ୍ ପରିଶ୍ରମୀ ଥିଲେ । ସେହି ସ୍ୱଳ୍ପ ଜମିରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜର ଘର ସଂସାର ଚଳାଉଥିଲେ । ତେଣୁ ଝିଅ ବିଭାଘର କରିବା ପାଇଁ ତାଙ୍କ ପାଖେ କୌଣସି ବିତ୍ତ ବା ସମ୍ପତ୍ତି ନଥିଲା । ଏକା ପ୍ରକାର ଶାସନୀ ବ୍ରାହ୍ମଣ ହେଲେ ମଧ୍ୟ ଗାଁ ବ୍ରାହ୍ମଣଙ୍କ ଭିତରର ଭେଦାଭେଦ ଅନୁସାରେ ବରପକ୍ଷଠାରୁ କନ୍ୟାପକ୍ଷ ଟିକିଏ ଉଚ୍ଚ ଥିବାରୁ ସେତେବେଳର ପ୍ରଥା ଅନୁସାରେ ବିବାହ ଉତ୍ସବ ବେଳେ ବରଂ ଆନନ୍ଦର ସହିତ ବରପକ୍ଷ କନ୍ୟାପକ୍ଷର ଜାତିଭାଇଙ୍କୁ ଟଙ୍କା କିଛି ଦେଇ ସନ୍ତୁଷ୍ଟ କରିଥିଲେ । ୧୯୦୫ ମସିହା ଫେବୃୟାରୀ ୧୫ ତାରିଖରେ କଟକରେ ନୀଳକଣ୍ଠଙ୍କର ଏନ୍‌ଟ୍ରାନ୍‌ସ ପରୀକ୍ଷା ଥାଏ । କିନ୍ତୁ ବିବାହ କରିବା ପାଇଁ ସେ ବାଧ୍ୟ ହୋଇ ଫେବୃୟାରୀ ୫ ତାରିଖରେ ଆସିଥିଲେ ଓ ସାତମଙ୍ଗଳା ଦିନ ପୁଣି ତାଙ୍କୁ କଟକ ଫେରିବାକୁ ପଡ଼ିଥିଲା । ରାଧାରାଣୀ ଦେବୀ ଉତ୍ତମ

Digitized by srujanika@gmail.com

ଗୃହିଣୀ ଥିଲେ । ଶ୍ୱଶୁର ଘରର ସମସ୍ତଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ ଓ ସ୍ୱାମୀଙ୍କ କଥାକୁ ବେଦର ଗାର ପରି ମଣୁଥିଲେ । ସେ ଜୀବନସାରା ବହୁ ଦୁଃଖ କଷ୍ଟ ସହି ନିର୍ବିକାର ଚିତ୍ତରେ ପିଲାଛୁଆଙ୍କ କଥାଠାରୁ ଜମିବାଡ଼ି ପର୍ଯ୍ୟନ୍ତ ସବୁ ବୁଝି ସମସ୍ତ ସଂସାରର ଭାର ବହନ କରିବା ସଙ୍ଗେ ସଙ୍ଗେ ନୀଳକଣ୍ଠଙ୍କୁ ଦେଶସେବାରେ ସାହାଯ୍ୟ କରିଥିଲେ ।

## ନୀଳକଣ୍ଠ ଓ ତାଙ୍କର ସହପାଠୀଗଣ

ହିନ୍ଦୋଳରେ ବୋର୍ଡ଼ିଂରେ ରହୁଥିବା ସମୟରେ ଶ୍ରୀ ଜଗ୍ନେଶ୍ୱର ମିଶ୍ର ନୀଳକଣ୍ଠଙ୍କର ଅତ୍ୟନ୍ତ ବନ୍ଧୁ ହୋଇଥିଲେ । ତାଙ୍କର ଜୀବନରେ ଆଦର୍ଶବାଦ, ତ୍ୟାଗ ଓ ବିଦ୍ୟାରେ ବିଜ୍ଞତା ଖୁବ୍ ଥିଲା । ଦ୍ୱିତୀୟ ଶ୍ରେଣୀରେ ପଢ଼ିବା କାଳରୁ ତାଙ୍କ ସଙ୍ଗେ ନୀଳକଣ୍ଠଙ୍କର ଆତ୍ମୀୟତା ଥିଲା । ସେ ଥିଲେ ବିବାହିତ । ସେ ନୀଳକଣ୍ଠଙ୍କ ସଙ୍ଗେ ଯୋଗଦେଇ ଦେଶ କାମ କରିବାକୁ ଖୁବ୍ ଆଗ୍ରହୀ ହୋଇଥିଲେ ଓ ସେମାନଙ୍କ ସହ ଯୋଗ ଦେଇ-ଥିଲେ । ଉଭୟ ବୃତ୍ତି ପରୀକ୍ଷା ଦେଇଥିଲେ ଓ ବୃତ୍ତି ପାଇଥିଲେ । ଜଗ୍ନେଶ୍ୱର ନୀଳକଣ୍ଠଙ୍କ ଉପରେ ଥିଲେ ।

ଜଗ୍ନେଶ୍ୱର ବ୍ୟତୀତ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ନୀଳକଣ୍ଠଙ୍କ ଠାରୁ ମୋଟେ ଦେଢ଼ ବର୍ଷ ସାନ ବୟସରେ; ମାତ୍ର ପାଠପଢ଼ାରେ ସାନ ବରଷେ । ତାଙ୍କ ପିତା ବଡ଼ ଦରିଦ୍ର ଥିଲେ । କିନ୍ତୁ ସେ ଥିଲେ ନୈଷ୍ଠିକ ବ୍ରାହ୍ମଣ । ଗୋଦାବରୀଶ ୧୯୦୦ ମସିହାରେ ବାଣପୁର ମଧ୍ୟ-ଓଡ଼ିଆ ସ୍କୁଲରୁ ପାସ୍ କରି ପୁରୀ ଜିଲ୍ଲା ସ୍କୁଲରେ ଭର୍ତ୍ତି ହୋଇଥିଲେ । ସେ ବୋର୍ଡ଼ିଂରେ ରହିଲେ । ନୀଳକଣ୍ଠ ମଧ୍ୟ ଆସି ସେହି ବୋର୍ଡ଼ିଂରେ ରହିଲେ । ନୀଳକଣ୍ଠ ଯେତେବେଳେ କଟକରୁ ଫେରି ଏନ୍‌ଟ୍ରାନ୍ସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ତାଙ୍କର ଗୋଦାବରୀଶଙ୍କ ସହ ଘନିଷ୍ଠତା ଦୃଢ଼ ହୋଇଥିଲା ।

ଏ ଦୁଇଜଣ ସୁନାମଧନ୍ୟ ସହପାଠୀ ବ୍ୟତୀତ ନୀଳକଣ୍ଠ ଆଉ ଜଣେ ବିଶିଷ୍ଟ ଲୋକଙ୍କ ସହ ସଂପର୍କିତ ହୋଇଥିଲେ । ସେ ହେଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ସମ୍ମିଳନୀ ବିଷୟରେ ସବୁଠାରେ ପ୍ରଚାର କରୁଥାନ୍ତି । ଉତ୍କଳର ଉନ୍ନତି ପାଇଁ ସେ

Digitized by srujanika@gmail.com

ଦେଶବାସୀଙ୍କୁ ଆହ୍ୱାନ ଦେଉଥାନ୍ତି । ତାହା ନୀଳକଣ୍ଠଙ୍କୁ ଖୁବ୍ ଆପ୍ୟାୟିତ କରିଥିଲା । ବାସ୍ତବରେ ନୀଳକଣ୍ଠ ପଣ୍ଡିତ ଲୋକମାନଙ୍କ ବ୍ୟକ୍ତିଗତ ଅସଦ୍‌ଗୁଣ ସଙ୍ଗ କେବେହେଲେ ଗ୍ରହଣ କରୁନାହାନ୍ତି । ତେଣୁ ସେ 'ପଣ୍ଡିତ' ନାମକୁ ସାର୍ଥକ କରିପାରିଥିଲେ ।

## ନୀଳକଣ୍ଠଙ୍କ ପାଠ ଓ ଜନସେବା

ନୀଳକଣ୍ଠ କଟକରୁ ଏନ୍‌ଟ୍ରାନ୍‌ସ ପାସ୍ କରିବା ପରେ ଏଫ୍. ଏ. ପଢ଼ିବା ପାଇଁ ରେଭେନ୍‌ସା କଲେଜରେ ନାମ ଲେଖାଇଥିଲେ । ସେଠାରେ ସେ ରହି ପାଠପଢ଼ା ସହିତ ପୂର୍ବପରି ସେବାକାମ ସୁରୁରୂପେ ଚଳାଇଲେ । ସେହି ସମୟର ଗୋଟିଏ ଘଟଣା । କଲେଜଏଟ୍ ଛାତ୍ରାବାସର ଆରପଟେ ଲଣ୍ଡା ଦେଉଳ ନାମରେ ଦେଉଳଟିଏ ଠିଆ ହୋଇଥାଏ । ସେହି ଦେଉଳ ହତା ଭିତରେ କେତେ ବଖରା ଘର ରହିଥିଲା । ସେଥିରେ କେତେଗୁଡ଼ିଏ ଛାତ୍ର ମେସ୍ କରି ରହୁଥିଲେ । ସେଥି-ମଧ୍ୟରୁ ଗୋଟିଏ ପିଲାକୁ ହଇଜା ଧରିଥିବା ଖବର ପାଇବା ମାତ୍ରେ ପୂଜାରୁ ଉଠି ସେଠାକୁ ଯାଇ ନୀଳକଣ୍ଠ ତାର ସେବାରେ ଲାଗିଗଲେ । ସେ ପିଲାଟି ବଡ଼ ଅସହାୟ ଅବସ୍ଥାରେ ପଡ଼ିଥିଲା । ଛାତ୍ରାବାସକୁ ଆସି ଲୁଗା ବଦଳାଇ ଛାତ୍ରାବାସ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ଯିବାକୁ ତାଙ୍କୁ ବେଳ ନଥିଲା ।

ହଇଜା ରୋଗୀପାଖେ ରହିଥିବା ଖବର ପାଇ ତାଙ୍କ କଲେଜର ପ୍ରିନ୍‌ସିପାଲ୍ ତାଙ୍କୁ ଡକାଇ ପଠାଇଲେ । ସେ ଯେପରି ଅବସ୍ଥାରେ ଥାଆନ୍ତୁ ସଙ୍ଗେ ସଙ୍ଗେ ଆସି ତାଙ୍କ ଦେଖାକରିବା ପାଇଁ ଆଦେଶ ପଠାଇଲେ । ନୀଳକଣ୍ଠ ଯେପରି ବେଶରେ ଥିଲେ ତାହା ପିନ୍ଧି କେହି ପ୍ରିନ୍‌ସିପାଲ୍‌ଙ୍କ ନିକଟକୁ ଯିବାକଥା ନୁହେଁ । ମାତ୍ର ଯାହାର ଉଦ୍ଦେଶ୍ୟ ମହତ୍ ସେ ସାଧାରଣ ବେଶ ପୋଷାକ ପ୍ରତି ଧ୍ୟାନ ଦେବ ବା କାହିଁକି ? ତେଣୁ ସେହିପରି ପୂଜାମଠା ପରିହିତ ନୀଳକଣ୍ଠ ପ୍ରିନ୍‌ସିପାଲ୍‌ଙ୍କ ନିକଟରେ ପହଞ୍ଚିଲେ । ତାଙ୍କ ହାତ ମଇଳା ସଫାକରି ପଟାସ୍ ପାଣିରେ ଧୂଆ ହେବା ଫଳରେ ନାଲି ପଡ଼ିଯାଇଥିଲା । ପ୍ରିନ୍‌ସିପାଲ କୋପାନ୍ୱିତ

Digitized by srujanika@gmail.com

ହୋଇ ପଚାରିଲେ, "ତୁମେ କାହା ଅନୁମତିରେ ବୋର୍ଡ଼ିଂ ଛାଡ଼ି ହଇଜା ରୋଗୀର ସେବା କରିବାକୁ ଯାଇଥିଲ ?" ସେ ବିନମ୍ର କଣ୍ଠରେ ଉତ୍ତର ଦେଇଥିଲେ, "ଅନୁମତି ନେବାକୁ ସମୟ ନଥିଲା । ତେଣୁ ମୁଁ ଅନୁମତି ନେଇ ପାରିନାହିଁ ।" ସେ ଉତ୍ତର ଶୁଣି ପ୍ରିନ୍‌ସିପାଲ୍ କହିଲେ, "ତୁମ ବାବା ତୁମ ବିଷୟରେ ସମସ୍ତ ଦାୟିତ୍ୱ ଦେଇ ତୁମକୁ ମୋ ପାଖରେ ଛାଡ଼ି ଯାଇଛନ୍ତି । ତୁମେ ଯଦି ଏପରି କାର୍ଯ୍ୟ କରି ହଇଜା ଆକ୍ରାନ୍ତ ହୁଅ, ତେବେ ମୁଁ ତୁମ ବାପାଙ୍କୁ କି କୈଫିୟତ୍ ଦେବି ?" ନୀଳକଣ୍ଠ ନମ୍ର ଭାବରେ ପ୍ରିନ୍‌ସିପାଲଙ୍କୁ କହିଲେ, "ବଡ଼ମାନେ ଏପରି କହୁଥାନ୍ତି, ପିଲାମାନେ ସେପରି କରୁଥାନ୍ତି । ମୁଁ ଆଉ ବେଶୀ ସମୟ ରହିପାରିବି ନାହିଁ । ମତେ ଛାଡ଼ିଦିଅନ୍ତୁ, ଜଣେ ରୋଗୀର ଅବସ୍ଥା ସଙ୍କଟାପନ୍ନ । ତା' ପାଖରେ ଆଉ କେହି ନାହାନ୍ତି ।" ନିଜର ଭାଇ ବନ୍ଧୁ କୁଟୁମ୍ବ ହୋଇନଥିବା ଜଣେ ସାଧାରଣ ରୋଗୀ ପାଇଁ କି ବ୍ୟାକୁଳତା ! ସେବା ମନୋଭାବର ଏ ଚରମ ନିଦର୍ଶନ ଇତିହାସରେ ବିରଳ । ରୋଗୀର ଦୟନୀୟ ଅବସ୍ଥା ବର୍ଣ୍ଣନା କରିବା ସମୟରେ ତାଙ୍କ ଆଖି ଛଳ ଛଳ ହୋଇଯାଇଥିଲା । କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା । କଠୋର ହୃଦୟ ପ୍ରିନ୍‌ସିପାଲଙ୍କ ହୃଦୟ ମଧ୍ୟ ତରଳିଗଲା । ବିବେକର ତାଡ଼ନାରେ କେତେକ ସତର୍କତାମୂଳକ ଉପଦେଶ ଦେଇ ରୋଗୀସେବା କରିବାକୁ ସେ ନୀଳକଣ୍ଠଙ୍କୁ ଅନୁମତି ଦେଲେ ।

ସେତେବେଳେ କଟକରେ ପଡ଼ୋଶୀ ବଙ୍ଗାଳୀମାନେ ବେଶ୍ ପ୍ରାଧାନ୍ୟ ବିସ୍ତାର କରିଥିଲେ । ଓଡ଼ିଆମାନଙ୍କୁ ସେମାନେ ଘରେ ପୂଜାରୀ ଓ ଚାକର ରୂପେ ରଖି କାମ କରାନ୍ତି । ଚାକରବାକରଙ୍କ ରୋଗ ବୈରାଗ ହେଲେ ସେମାନଙ୍କ ପ୍ରତି ଦୃଷ୍ଟି ଦିଆଯାଏ ନାହିଁ । ହଇଜା ଓ ଅନ୍ୟାନ୍ୟ ରୋଗରେ ପଡ଼ି ବଡ଼ ଅସହାୟ ଅବସ୍ଥାରେ ସେମାନେ ମରନ୍ତି । ସେପରି ଦୁଃସ୍ଥ ନିରାଶ୍ରୟ ରୋଗୀ ଲୋକଙ୍କ ସାହାଯ୍ୟ ଓ ସେବାପାଇଁ ନୀଳକଣ୍ଠ ଗୋଟିଏ ସେବାଦଳ ଗଢ଼ିଥିଲେ ଓ ସେ ଦଳକୁ ରୋଗୀଙ୍କ ବିଷୟ ଜଣାଇବାକୁ ପ୍ରଚାର କରାଇଲେ । ଖବର ପାଇବା ମାତ୍ରେ ସେବାଦଳ ରୋଗୀ ନିକଟରେ ପହଞ୍ଚି ତା'ର ସେବାରେ ଲାଗିପଡ଼ୁଥିଲେ । ନିଜେ

Digitized by srujanika@gmail.com

ବଞ୍ଚି ଅନ୍ୟକୁ ବଞ୍ଚିବାରେ ସାହାଯ୍ୟ କରିବା ଭାବନା ମଣିଷ ମଧ୍ୟରେ ମହାନ୍ ମାନବିକତାର ପରିଚୟ ଦିଏ ।

ଓଡ଼ିଶା ବଢ଼ି ମରୁଡ଼ିର ଦେଶ । ୧୯୦୭ରେ କେନ୍ଦ୍ରାପଡ଼ା-ଯାଜପୁର ଅଞ୍ଚଳରେ ପ୍ରଚଣ୍ଡ ବନ୍ୟା ହେଲା । ନୀଳକଣ୍ଠଙ୍କ ସେବାଦଳ ଗୋପବନ୍ଧୁଙ୍କ ସଙ୍ଗେ ସ୍ୱେଚ୍ଛାସେବକବାହିନୀ ଧରି ବନ୍ୟା ଅଞ୍ଚଳରେ ପହଞ୍ଚିଲେ । ଚତୁର୍ଦ୍ଦିଗରେ ଗୋଳିଆ ପାଣିର ସୁଅ । ଗଛପତ୍ର ସବୁ ପାଣିରେ ବୁଡ଼ିଯାଇଥାଏ । ବଡ଼ ବଡ଼ ଗଛର ଅଧା ପାଣି ଭିତରେ ବୁଡ଼ିଯାଇଥାଏ । ଡାଳ କେତୋଟି ଉପରକୁ ଦିଶୁଥାଏ । ସେହି ଡାଳରେ ଆଶ୍ରୟ ନେଇଥିବା ଅର୍ଦ୍ଧମୃତ ଲୋକଙ୍କର ବିକଟ ଚିତ୍କାର ଓ ତଳ ପାଣିକୁ ଖସିପଡ଼ିଥିବା ମୁର୍ଦ୍ଦାରଙ୍କ ଉତ୍କଟ ଗନ୍ଧ । ଠାଏ ଠାଏ ଗାଁ ଗଣ୍ଡାରେ ଘରଚାଳ ଉପରେ ଆଶ୍ରୟ ନେଇଥାନ୍ତି ମଣିଷ ଓ ଗୃହପାଳିତ ପଶୁମାନେ । ସେ ଦୃଶ୍ୟ ବଡ଼ ହୃଦୟବିଦାରକ । ଡଙ୍ଗା ପାଖ ଦେଇ ଗାଈଗୋରୁ ଓ ମଣିଷ ପ୍ରଭୃତିଙ୍କ ବିକୃତ ପଚା ଶବ ସବୁ ଭାସିଯାଉଥାଏ । ଖାଦ୍ୟପଦାର୍ଥ ଓ ଔଷଧ ଧରି ସ୍ଥାନରୁ ସ୍ଥାନକୁ ସ୍ୱେଚ୍ଛାସେବକଙ୍କ ଡଙ୍ଗା ଚାଲିଥାଏ । ସେମାନେ ଟାପୁମାନଙ୍କରେ ଜୀବିତ ଲୋକମାନଙ୍କୁ ଚୂଡ଼ା, ମୁଢ଼ି, ଔଷଧ ପ୍ରଭୃତି ବାଣ୍ଟୁଥାଆନ୍ତି । ସେବା ଦଳକୁ ଦେଖିଲେ ଲୋକେ ଭାବନ୍ତି ସତେ ଯେପରି ସେମାନେ ଈଶ୍ୱରଙ୍କ ପ୍ରେରିତ ଦେବଦୂତ ।

ସେବାଦଳ ନିଜ ପାଇଁ ନେଇଥିବା ପିଇବା ପାଣି କେତେ ଦିନ ପରେ ସରିଗଲା । ଆଉ ଗୁଡ଼ିଏ ଗାଁକୁ ଯିବା ବାକି ଥାଏ । ପାଣି ଅଭାବରୁ କର୍ମୀମାନେ ଫେରିଆସିବାକୁ ଉଦ୍ୟତ ହେଲେ । ବିପଦରେ ବାଟ ଦେଖାଇବା ଓ ସାହସ ଦେବା ପ୍ରକୃତ ନେତାର କର୍ତ୍ତବ୍ୟ । ପିଇବା ପାଣିର ଅଭାବ ମେଣ୍ଟାଇବାକୁ ଗୋପବନ୍ଧୁ ଗୋଟିଏ ଗ୍ଲାସ୍ ନେଇ ଦୂଷିତ ବନ୍ୟାଜଳରୁ ଗିଲାସେ ପାଣି ଆଣି "ହେ ପ୍ରକୃତି ମା" ବୋଲି କହି ଢକ୍ ଢକ୍ କରି ସେ ପାଣି ଗିଲାସକ ପିଇଦେଲେ । ତାହା ସମସ୍ତଙ୍କୁ ପ୍ରେରଣା ଦେଲା । ସେମାନେ ପାଣି ପାଇଁ ଫେରି ନଆସି ଆଖି ନାକ ବୁଜି ସେହି ପାଣି ପିଇବାକୁ ଅଭ୍ୟାସ କରି ବିପନ୍ନ ଲୋକଙ୍କ ସେବାରେ ଲାଗିଗଲେ ।

Digitized by srujanika@gmail.com

ଜନସେବା ପାଇଁ ଆତ୍ମବିସର୍ଜନର ଏହାଠାରୁ ପ୍ରକୃଷ୍ଟ ଦୃଷ୍ଟାନ୍ତ ବା ଆଉ କ'ଣ ହୋଇପାରେ ?

ନୀଳକଣ୍ଠଙ୍କ ଜନସେବା ଓ ଦେଶକାର୍ଯ୍ୟ ପାଇଁ ପ୍ରସ୍ତୁତି ବି ଊଣା ନଥିଲା । ୧୯୦୪ରୁ ଉତ୍କଳ ଗୌରବ ମଧୁସୂଦନଙ୍କ ବିଦେଶୀ ବର୍ଜନ ଓ ସ୍ୱଦେଶୀ ଜିନଷ ବ୍ୟବହାର ପ୍ରତିଜ୍ଞା ପତ୍ରରେ ପୁରୀ ସଭାରେ ସେ ପ୍ରଥମେ ଦସ୍ତଖତ କରିଥିଲେ । ସେ ଶପଥ କଲେ, ମୁଁ ପ୍ରାଣପଣେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବ । ସ୍ୱଦେଶୀ ଲୁଗାଛଡ଼ା ଆଉ କିଛି ପିନ୍ଧିବି ନାହିଁ । ଏହା ଗାନ୍ଧିଜୀଙ୍କ ଅହିଂସା ଲଢ଼େଇର ଗୋଟିଏ ମୁଖ୍ୟ ପର୍ଯ୍ୟାୟ ଥିଲା । ଇଂରେଜ ସରକାରଙ୍କ ଡରରେ ସେପରି ଶପଥ ଗ୍ରହଣ କରିବାକୁ ସେତେବେଳେ ଲୋକେ ଡରୁଥିଲେ । କିନ୍ତୁ ସର୍ବପ୍ରଥମେ ଶପଥ ନେଇ ନୀଳକଣ୍ଠ ନିଜର ନିର୍ଭୀକତା ଓ ସ୍ୱଦେଶପ୍ରେମର ପରିଚୟ ଦେଇଥିଲେ । ସେଇ ଶପଥ ନେବାଠାରୁ ନୀଳକଣ୍ଠ କେବଳ ସ୍ୱଦେଶୀ ବସ୍ତ୍ର ପିନ୍ଧୁଥିଲେ । ଇଂରେଜ ଶାସନ ବିରୁଦ୍ଧରେ ଚାଲିଥିବା ସ୍ୱଦେଶୀ ବିପ୍ଳବ ଆନ୍ଦୋଳନରେ ଜଣେ ପ୍ରମୁଖ ନେତା ଥିଲେ କ୍ଷୁଦିରାମ । ସେ ପରେ ଫାଶୀ ପାଇ ଶହୀଦ ହୋଇଥିଲେ । ତାଙ୍କ ସହିତ ଦେଖାକରି ତାଙ୍କରି ପ୍ରେରଣାରେ ଗୋଟିଏ ବିପ୍ଳବୀ ଛାତ୍ର ସଂଘ ଗଢ଼ି ନୀଳକଣ୍ଠ ଓଡ଼ିଶାରେ ତା'ର ନେତୃତ୍ୱ ନେଇ-ଥିଲେ । ପରେ କଲିକତାରେ ପଢ଼ିବା ସମୟରେ ସେ ସ୍ୱଦେଶୀ ଆନ୍ଦୋଳନକାରୀ ଅନୁଶୀଳନ ନାମକ ବିପ୍ଳବୀ ଦଳ ସହିତ ସାମିଲ ହୋଇଥିଲେ ।

ପାଠ ପଢ଼ାରେ ମଧ୍ୟ ନୀଳକଣ୍ଠଙ୍କର ଜାତୀୟତା ଭାବ ପ୍ରସ୍ଫୁଟିତ ହୋଇଥିଲା । ସେ ବୃତ୍ତି ପାଇ ଏଫ୍. ଏ. ପାସ୍ କରି ବି. ଏ.ରେ ନାମ ଲେଖାଇଲେ । ସେତେବେଳେ କଲେଜରେ ବିଜ୍ଞାନ ବା କେମିଷ୍ଟ୍ରି ବିଭାଗ ଖୋଲାହେଲା । ସେଥିପାଇଁ ବଙ୍ଗ ସରକାର ଅଶୀ ହଜାର ଟଙ୍କା ମଞ୍ଜୁର କରିଥିଲେ । କିନ୍ତୁ ବିଜ୍ଞାନ ପଢ଼ିବା ପାଇଁ କେହି ଛାତ୍ର ଆଗଭର ହେଲେ ନାହିଁ । ସେ ବିଭାଗଗୁଡ଼ିକ ଓଡ଼ିଶାରୁ ଉଠିଯିବାର ସ୍ଥିର ହେଲା ।

ମାତ୍ର ବିଜ୍ଞାନ ଥରେ ଉଠାଇ ନେଇଗଲେ ବହୁ ବର୍ଷ ପାଇଁ ଆଉ ଓଡ଼ିଶାକୁ ଆସିବା ସମ୍ଭବ ନଥିଲା । ଓଡ଼ିଶା ଶିକ୍ଷା କ୍ଷେତ୍ରରେ ପଛୁଇଯିବ

Digitized by srujanika@gmail.com

ଛାତ୍ର ନୀଳକଣ୍ଠ ଆଉ ଦୁଇ-ଚାରିଜଣ ଛାତ୍ରଙ୍କୁ କେମେଷ୍ଟ୍ରି ପଢ଼ିବାକୁ ଉତ୍ସାହିତ କରି ସେମାନଙ୍କ ସହିତ ବିଜ୍ଞାନ ପଢିଲେ । ସେ ଆଗରୁ ବି. ଏ.ରେ ସଂସ୍କୃତ ଓ ଦର୍ଶନ ଦୁଇଟି ବିଷୟ ପଢ଼ିବାକୁ ବାଞ୍ଛୁଥିଲେ, କିନ୍ତୁ କେମେଷ୍ଟ୍ରି ଓ ଦର୍ଶନ ନେଇ ବି. ଏ. ପଢ଼ିଲେ । ବର୍ତ୍ତମାନ କେତେ ଜଣ ଛାତ୍ର ଏ ଦୁଃସାହସ କରିପାରିବେ ।

କେମେଷ୍ଟ୍ରି ପାଠ ସଙ୍ଗେ ନୀଳକଣ୍ଠଙ୍କର ପୂର୍ବରୁ କୌଣସି ସମ୍ବନ୍ଧ ନଥିବାରୁ ତାଙ୍କୁ ସେ ପାଠ ବୁଝି ଆୟତ୍ତ କରିବାକୁ ବଡ଼ କଷ୍ଟ ଲାଗିଲା । କିନ୍ତୁ ନୀଳକଣ୍ଠ ଥିଲେ ଜିଦ୍‌ଖୋର ଓ ନିଷ୍ଠାବାନ । ସେ ପାଠକୁ ଆୟତ୍ତ କରିବାକୁ କେମେଷ୍ଟ୍ରି ବହିକୁ ଏକାଦିକ୍ରମେ ୭ଂଥର ପଢ଼ି ପୂରା ନିଜର କରିନେଲେ । ଶେଷରେ ବି. ଏ. ପରୀକ୍ଷାରେ କେମେଷ୍ଟ୍ରିରେ ସମଗ୍ର କଲିକତା ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କଲେ । ଓଡ଼ିଶାର ଛାତ୍ର ସୁଯୋଗ ପାଇଲେ ଅସମ୍ଭବକୁ ସମ୍ଭବ କରିପାରେ ଏହା ପ୍ରମାଣିତ କରି ସେ ସମସ୍ତଙ୍କର ଆଖି ଖୋଲିଦେଲେ ।

ବି. ଏ. ପାସ୍ କରିବା ପରେ ତିନିବର୍ଷ ଓକିଲାତି ପଢ଼ିବା ପାଇଁ ମାସିକ ତିରିଶ ଟଙ୍କା ବୃତ୍ତି ପାଇ କଲିକତା ଯାଇ ଏମ୍. ଏ. ଓକିଲାତିରେ ନାମ ଲେଖାଇଲେ । ସେ ମାତ୍ର ଦୁଇ ବର୍ଷ ପରେ ଏମ୍. ଏ. ପାସ୍ କଲେ ସତ; ମାତ୍ର ଓକିଲାତି ପଢ଼ିଲେ ନାହିଁ । ଏମ୍. ଏ. ପଢ଼ିବା ତାଙ୍କର ଲକ୍ଷ୍ୟ ଥିଲା; କିନ୍ତୁ ଓକିଲାତି ପାସ୍ କରି ଅର୍ଥୋପାର୍ଜନ କରିବା ଉଦ୍ଦେଶ୍ୟ ତାଙ୍କର ନଥିଲା । ଜନସେବା ଯାହାର ଅସ୍ଥିମଜ୍ଜାଗତ, ସାମାନ୍ୟ ଅର୍ଥ ପାଇଁ ସେ ପ୍ରଲୋଭିତ ହୁଅନ୍ତେ ବା କାହିଁକି ? ଦେଶର ପୁନରୁତ୍‌ଥାନ ପାଇଁ ତାଙ୍କର ବିପ୍ଳବୀ ମନ ଅଥୟ ହୋଇଉଠୁଥିଲା । ସେ ଜାଣିଥିଲେ ଓଡ଼ିଆ ଜାତିର ଐତିହ୍ୟ ଦିନେ ଏତେ ବିରାଟ ଥିଲା ଯେ, କଳାରେ ଉତ୍କର୍ଷତା ଯୋଗୁଁ ତା'ର ନାମ ଥିଲା ଉତ୍କଳ । ତା'ର ଉଚ୍ଚ ଶିକ୍ଷିତମାନେ ବି ସେ କଥା ପ୍ରତି ଦୃଷ୍ଟି ନଦେଇ ବିଦେଶୀ ରାଜତ୍ୱ ଓ ଶିକ୍ଷାର ପ୍ରଭାବରେ ସରକାରୀ ଚାକିରି ଓ ସଙ୍କୀର୍ଣ୍ଣ ସ୍ୱାର୍ଥ ପାଇଁ ପରର ଗୋଲାମୀ କରୁଥିଲେ । ନିଜର ଅନ୍ତର୍ନିହିତ ଶକ୍ତିକୁ ଭୁଲିଯାଇ ବାହ୍ୟ ଚାକଚକ୍ୟ ଆଡ଼କୁ ଆକର୍ଷିତ ହେଉଥିଲେ ।

Digitized by srujanika@gmail.com

ଇଂରେଜ ଶିକ୍ଷା ଓ ସଭ୍ୟତା ଏ ଦେଶକୁ ପଙ୍ଗୁ କରିଦେଇଥିଲା । ସାମାଜିକ ଓ ବ୍ୟକ୍ତିଗତ ଜୀବନର ଅଧୋଗତି ଘଟିଥିଲା । ନାନା ସାମାଜିକ କୁସଂସ୍କାର ଭିତରେ ଲୋକେ ଛଟପଟ ହେଉଥିଲେ । ନୀଳକଣ୍ଠ ଏସବୁ ବେଶ୍ ହୃଦୟଙ୍ଗମ କରିଥିଲେ । ସମାଜ ସଂସ୍କାର ପାଇଁ ଉତ୍କଳ ସାହିତ୍ୟ ପ୍ରଭୃତି ଓଡ଼ିଆ ପତ୍ରପତ୍ରିକାକୁ ବିଭିନ୍ନ ପ୍ରବନ୍ଧ ପଠାଇ ସାହିତ୍ୟ ଜରିଆରେ ଧର୍ମ-କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିଦେଇ-ଥିଲେ ଓ ଜାତି ଗଠନ ପାଇଁ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ଚେଷ୍ଟା କରିଥିଲେ । ସେ ଥିଲେ ବାସ୍ତବିକ ଗୁରୁ । ଗୋଟାଏ ଜାତିର ଗୁରୁ । ସମାଜର ଚେତନା ଜାଗ୍ରତ କରିବାକୁ ତାଙ୍କ ଲେଖନୀ ଗୋଟାଏ ପରେ ଗୋଟାଏ ତେଜୋଦୀପ୍ତ ଓ ଭାବପୂର୍ଣ୍ଣ ସାହିତ୍ୟ ସୃଷ୍ଟି କରିଚାଲିଥିଲା ।

## ନୀଳକଣ୍ଠଙ୍କର ହୋମିଓପ୍ୟାଥିକ ଶିକ୍ଷା ଓ ହଇଜା ରୋଗୀଙ୍କ ସେବା

ନୀଳକଣ୍ଠ ଯେତେବେଳେ ସତ୍ୟବାଦୀ ସ୍କୁଲରେ ଯୋଗଦେଲେ ସେତେବେଳେ ଗୋପବନ୍ଧୁଙ୍କର ବାରିପଦାରେ ଗୋଟିଏ ହୋମିଓପ୍ୟାଥି ଔଷଧ ରଖିବାର ସୁନ୍ଦର ବାକ୍ସ ଥିବାର ସେ ଦେଖିଥିଲେ । ତାଙ୍କଠାରୁ ନୀଳକଣ୍ଠ ସେ ବାକ୍ସଟି ନେଇ ପାଖରେ ରଖି ହୋମିଓପ୍ୟାଥି ଚିକିତ୍ସା ଆରମ୍ଭ କରିଦେଲେ । ସେହି ସମୟରେ ପ୍ରଥମ କରି ରେଳ ବାହାରିଥାଏ ଓ ସେହିବର୍ଷ ପ୍ରଭୁ ଜଗନ୍ନାଥଙ୍କର ପୁରୀରେ ନବ କଳେବର ହେଉଥାଏ । ତାହା ଦେଖିବା ଲାଗି ହଜାର ହଜାର ସଂଖ୍ୟାରେ ଯାତ୍ରୀ ଆସି ପୁରୀରେ ପହଞ୍ଚିଲେ । ସେ ଯାତ୍ରୀମାନଙ୍କୁ ସୁଯନ୍ତ୍ରୀ ବାହାର କରିବାକୁ ପୁରୀ ମ୍ୟୁନିସିପାଲିଟି ସମର୍ଥ ନଥିଲା । ଅସ୍ୱାସ୍ଥ୍ୟକର ପରିବେଶ ଓ ଅପରିଷ୍କାର ଜଳ ଯୋଗୁଁ ହଇଜା ଲାଗିଲା । ପୁରୀର ଯାତ୍ରୀମାନେ ଓ ତା'ପରେ ପାଖ-ଆଖ ଗ୍ରାମମାନଙ୍କୁ ତାହା ବ୍ୟାପିଗଲା । ସତ୍ୟବାଦୀ ଅଞ୍ଚଳରେ ଏହା ଥିଲା ସବୁଠାରୁ ଭୟଙ୍କର ହଇଜା । ସେହି ସମୟରେ ଆଚାର୍ଯ୍ୟ ହରିହର ଥାନ୍ତି କଟକ ଏକାଡେମୀ ସ୍କୁଲର ଶିକ୍ଷକ । ସେ ଦୁର୍ଭାଗ୍ୟବଶତଃ ସେବା-କାର୍ଯ୍ୟରେ ଯୋଗ ଦେଇ ପାରିଲେ ନାହିଁ । ନୀଳକଣ୍ଠ ତେଣୁ ଏକାକୀ ଗ୍ରେଟ ଗ୍ରେଟ ଛାତ୍ରମାନଙ୍କୁ ନେଇ ହୋମିଓପ୍ୟାଥି ଚିକିତ୍ସାରେ ଲାଗିଗଲେ ।

Digitized by srujanika@gmail.com

ଆବଶ୍ୟକ ସମୟରେ ଲୋକମାନେ ଯେପରି ତାଙ୍କୁ ସହଜରେ ଖୋଜ-ପାଇବେ ସେଥିପାଇଁ ନୀଳକଣ୍ଠ ବୋର୍ଡିଂ ବାରଣ୍ଡାରେ ଖଟଟିଏ ପକାଇ ଶୋଉଥିଲେ । ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ରଥ ବହୁ ସମୟରେ ନୀଳକଣ୍ଠଙ୍କ ସାଙ୍ଗରେ ଥାଆନ୍ତି । ସମୟ ସମୟରେ ଛାତ୍ରମାନଙ୍କୁ ଧରି ଗ୍ରାମମାନଙ୍କୁ ଯାଉଥିଲେ ଓ ଗାଉଁଲି ଲୋକମାନଙ୍କ ଚିକିତ୍ସା କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନ ବୁଝାଉଥିଲେ । ସେ କାଳରେ ଔଷଧ ନଥିବାରୁ ହଇଜାକୁ ଭାରି ଭୟ ଥିଲା । ବିଶେଷତଃ ପିଲାମାନଙ୍କୁ ହଇଜା ହେଲେ ନିସ୍ତାର ନଥିଲା । ନୀଳକଣ୍ଠଙ୍କ ହିସାବ ଅନୁଯାୟୀ ସେ ପ୍ରଥମ ମାସରେ ୧୧୮ ଜଣ ରୋଗୀ ଚିକିତ୍ସା କରିଥିଲେ । ସେଥିରୁ ୧୯ ଜଣ ମାତ୍ର ମରିଥିଲେ । ହୋମିଓପ୍ୟାଥି ସେତେବେଳେ ମୁଖ୍ୟ ଚିକିତ୍ସା ଥିଲା । ଡାକ୍ତରୀ ଓ ଅନ୍ୟାନ୍ୟ ଚିକିତ୍ସାର, ଶିରାରେ ଦିଆଯିବା ଇଞ୍ଜେକ୍ସନ୍ ଓ ସାଲାଇନ୍ ଆଦି ଔଷଧ ଅଳ୍ପଦିନ ପରେ ବାହାରିଥିଲା । କିନ୍ତୁ ନୀଳକଣ୍ଠ ହୋମିଓପ୍ୟାଥିରେ ଭାରତର ତଥା ଆମେରିକାର ଅନେକ ଚିକିତ୍ସାଗ୍ରନ୍ଥ କିଣି ହୋମିଓପ୍ୟାଥି ଚିକିତ୍ସାକୁ ଆୟତ୍ତ କରିଥିଲେ । ହୋମିଓପ୍ୟାଥି ଚିକିତ୍ସା କରି ରୋଗୀମାନଙ୍କୁ ଭଲ କରି ସେତେବେଳେ ଖୁବ୍ ନାଁ କରିଥିଲେ ।

ନୀଳକଣ୍ଠ ଯେ କେବଳ ଗାଁର ଲୋକମାନଙ୍କୁ ଔଷଧ ଦେଇ ଚିକିତ୍ସା କରୁଥିଲେ ତା ନୁହେଁ, ବରଂ ସେମାନଙ୍କ ଘରୁ ବାଲି ସାଗୁ ଆଦି ପଥ୍ୟ ତିଆରି କରି ଖାଇବାକୁ ଦେଉଥିଲେ । ଗୋପବନ୍ଧୁ ମଝିରେ ମଝିରେ ବାରିପଦାରୁ ଆସି ନୀଳକଣ୍ଠଙ୍କୁ ସାହାଯ୍ୟ କରୁଥିଲେ । ଏଥିରେ ତାଙ୍କ ପିତା ମଧ୍ୟ ପ୍ରେରଣା ଦେଉଥିଲେ । ପିତାଙ୍କ ପ୍ରେରଣା ଥିଲା ନୀଳକଣ୍ଠଙ୍କ ଜୀବନର ଏକ ଶିକ୍ଷା, ଯାହା କି ତାଙ୍କୁ ପରବର୍ତ୍ତୀ ଜୀବନରେ ସେବା କରିବାର ଉତ୍ସାହ ଓ ଉତ୍କଣ୍ଠାକୁ ବହୁଗୁଣିତ କରିଥିଲା ।

## ନୀଳକଣ୍ଠ ଓ ସତ୍ୟବାଦୀର ପରିକଳ୍ପନା

ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ପୂର୍ବ ପ୍ରତିଜ୍ଞା ଅନୁସାରେ ଦେଶକୁ ଉନ୍ନତ କରିବାକୁ ହେଲେ ସାମାଜିକ ଓ ବ୍ୟକ୍ତିଗତ ଜୀବନର ବିକାଶ ପାଇଁ ଅନୁକୂଳ ଅବସ୍ଥା ସୃଷ୍ଟି କରିବା ପାଇଁ ଗୋଟିଏ ଅନୁଷ୍ଠାନ

Digitized by srujanika@gmail.com

ଗଢ଼ିବାକୁ ସେ ଗୋପବନ୍ଧୁଙ୍କ ସଙ୍ଗେ ଏକମତ ହୋଇଥିଲେ । ଗୋପବନ୍ଧୁ ଯେକୌଣସି କାର୍ଯ୍ୟ କରିବା ସମୟରେ ନୀଳକଣ୍ଠଙ୍କ ପରାମର୍ଶ ନେଉଥିଲେ । ଉକ୍ତ ସତ୍ୟବାଦୀ ବିଦ୍ୟାଳୟ ଗଢ଼ିବା ପୂର୍ବରୁ ମଧ୍ୟ ସେ ନୀଳକଣ୍ଠଙ୍କ ସୁଚିନ୍ତିତ ମତ ନେଉଥିଲେ । ପୁନାର ଫର୍‌ଗୁସନ୍ କଲେଜ ସେତେବେଳେ ତାଙ୍କ ଆଖି ଆଗରେ ଥିଲା ଓ ଅନ୍ୟ କେତେକ ବିଦ୍ୟାଳୟକୁ ଅନୁସରଣ କରି ସେମାନେ ପୂର୍ବକଳ୍ପିତ ଭବିଷ୍ୟତ କର୍ମପନ୍ଥାର ସୁଚିନ୍ତିତ ଯୋଜନା ଅନୁସାରେ ସତ୍ୟବାଦୀରେ ଏକ ବିଦ୍ୟାଳୟ ସ୍ଥାପନା କରିବାର ସଂକଳ୍ପ ନେଇଥିଲେ । ଗୋପବନ୍ଧୁ, ନୀଳକଣ୍ଠ, ହରିହର, ଗୋଦାବରୀଶ, କୃପାସିନ୍ଧୁ ପ୍ରଭୃତି ନବଯୁଗର ପଞ୍ଚସଖା ସେତେବେଳେ ସହଜଲଭ୍ୟ ଯାବତୀୟ ସ୍ୱାର୍ଥମୂଳକ ପ୍ରଲୋଭନ ବିସର୍ଜନ କରିଥିଲେ । ଦେଶାତ୍ମ-ବୋଧରେ ଅନୁପ୍ରାଣିତ ହୋଇ ତ୍ୟାଗ ଭିତରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ବକୁଳ ଝୁରିଅନା ବନରେ ପୃଥିବୀ ବିଖ୍ୟାତ ପ୍ରାଚୀନ ଗୁରୁକୁଳ ଆଶ୍ରମ ଅନୁସରଣରେ ସତ୍ୟବାଦୀ ଅନୁଷ୍ଠାନ ଗଢ଼ା ହେବା ପରେ ଜଣକ ପରେ ଜଣେ ବିଦ୍ୱାନ ଆସି ଯୋଗଦେଇଥିଲେ ।

୧୯୦୯ ମସିହା କୁମାର ପୂର୍ଣ୍ଣିମାଦିନ ପଣ୍ଡିତ ହରିହରଙ୍କ ଜନ୍ମ ଦିବସରେ ନୀଳକଣ୍ଠ ତାଙ୍କ ଗ୍ରାମ ଶ୍ରୀରାମଚନ୍ଦ୍ରପୁରରୁ ମିଡ଼ିଲ ଭର୍ଣ୍ଣାକୁଲର ସ୍କୁଲଟିକୁ ସତ୍ୟବାଦୀକୁ ଉଠାଇ ଆଣିବାରେ ସାହାଯ୍ୟ କରି ଗୋପବନ୍ଧୁଙ୍କ ସଙ୍ଗେ ସତ୍ୟବାଦୀ ଶିକ୍ଷାନୁଷ୍ଠାନର ଶୁଭ ଦେଇଥିଲେ । ସେହି ସ୍କୁଲରେ ଅଧ୍ୟକ୍ଷତା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଏମ୍. ଏ. ପଢ଼ିବାକୁ କଲିକତା ଯାଇଥିଲେ । ସେ ଦୁଇବର୍ଷ ପରେ ୧୯୧୧ରେ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍‌କରି ସତ୍ୟବାଦୀ ଅନୁଷ୍ଠାନରେ ପ୍ରଧାନାଚାର୍ଯ୍ୟ ରୂପେ ଯୋଗ ଦେଇ ତାକୁ ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷା ଅନୁଷ୍ଠାନରେ ପରିଣତ କରିବାକୁ ଲାଗିପଡ଼ିଥିଲେ ।

ଗୋପବନ୍ଧୁ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାତା-ସମ୍ପାଦକ ଥିଲେ । ନୀଳକଣ୍ଠ ପରିଚାଳକ ବା ସୁପରିନ୍‌ଟେଣ୍ଡେଣ୍ଟ ହେଡ୍‌ମାଷ୍ଟର ଥିଲେ । ଧୀରେ ଧୀରେ ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ, ପଣ୍ଡିତ ବାସୁଦେବ ମହାପାତ୍ର ଓ ରାମଚନ୍ଦ୍ର ରଥଙ୍କ ପରି

Digitized by srujanika@gmail.com

ଦେଶସେବୀ, ତ୍ୟାଗୀ ଓ ଜ୍ଞାନୀ ଯୁବକମାନେ ସେ ଅନୁଷ୍ଠାନରେ ଯୋଗଦେଇ ଶିକ୍ଷକତା କରୁଥିଲେ ।

ସତ୍ୟବାଦୀ ବିଦ୍ୟାଳୟ ଥିଲା ପୁରାତନ ଆର୍ଯ୍ୟ ଗୁରୁକୁଳର ଏକ ନିଛକ ପ୍ରତିବିମ୍ବ । ସେ ସମୟର ସମସ୍ତ ନିୟମମାନ ଏଠାରେ ପ୍ରବର୍ତ୍ତିତ କରାଯାଇଥିଲା । ଛାତ୍ରମାନଙ୍କ ସରଳ ଜୀବନଯାପନ ଓ ଚରିତ୍ର ଗଠନ ତଥା ଜାତି ପ୍ରୀତିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଥିଲା । ସେବା ସେମାନଙ୍କ ଜୀବନର ମୂଳମନ୍ତ୍ର ଥିଲା । ବିଦ୍ୟାଧ୍ୟୟନ ପାଇଁ ବିଭିନ୍ନ ବିଷୟରେ ସୁନାମଧନ୍ୟ ଶିକ୍ଷକମାନେ ନିଯୁକ୍ତ ହୋଇଥିଲେ । ଏହି ବିଦ୍ୟାଳୟର ସୁନାମ କ୍ରମଶଃ ବ୍ୟାପିବାରେ ଲାଗିଲା । ବହୁ ଦୂରରୁ ବି ଛାତ୍ରମାନେ ସେଠାକୁ ଆସିବାକୁ ଲାଗିଲେ । ଛାତ୍ର ସଂଖ୍ୟା ବଢ଼ି ବଢ଼ି ସାତ-ଆଠଶହରୁ ଊର୍ଦ୍ଧ୍ୱ ହୋଇଥିଲା । ସେତେବେଳେ ଏତେ ପିଲା ଏକାଠିହୋଇ ପଢ଼ୁଥିବା ବିଦ୍ୟାଳୟ ଆଉ ନଥିଲା । ବୁଲି ବୁଲି ରୋଗୀ ଓ ଗରିବ ଲୋକମାନଙ୍କର ସେବା କରିବା ଛାତ୍ର ଓ ଶିକ୍ଷକମାନଙ୍କର ଧରାବନ୍ଧା କାର୍ଯ୍ୟ ଥିଲା । ତେଣୁ ସେ ସ୍କୁଲର ନାଁ ସେ ଅଞ୍ଚଳରେ ଖୁବ୍ ଜୋର୍‌ରେ ବ୍ୟାପିଯାଇଥିଲା । କୌଣସି ସ୍ଥାନରେ ରୋଗ ହେବାର ଖବର ପାଇବା ସଙ୍ଗେ ସଙ୍ଗେ କେତେକ ଛାତ୍ରଙ୍କ ସହିତ ହୋମିଓପ୍ୟାଥିକ୍ ବାକ୍‌ସଟିଏ ହାତରେ ଧରି ବାହାରିପଡ଼ୁଥିଲେ । ସେ ଯେପରି ନିର୍ଲିପ୍ତ ଭାବରେ କଲେରା ରୋଗୀଙ୍କ ଶୁଶ୍ରୂଷା ଓ ସେବା କରୁଥିଲେ ତାହା ଛାତ୍ର-ସମାଜ ଓ ଲୋକଙ୍କ ମନରେ ବେଶ୍ ପ୍ରଭାବ ପକାଇ ପାରିଥିଲା । କ୍ରମେ ଲୋକମାନଙ୍କ ମନରେ କଲେରା ପ୍ରଭୃତି ମାରାତ୍ମକ ରୋଗ ବିଷୟରେ ଥିବା ଭୟ ଓ ଅନ୍ଧବିଶ୍ୱାସ ଦୂର କରିବାକୁ ସେ ସମର୍ଥ ହୋଇଥିଲେ । ଏହା-ଦ୍ୱାରା ପ୍ରମାଣିତ ହୋଇଥିଲା ଯେ ଛାତ୍ରଜୀବନ ଜନସେବାର ମୂଳଦୁଆ ପକାଇବା ପାଇଁ ସର୍ବୋତ୍କୃଷ୍ଟ ସମୟ ।

ସ୍ୱାଧୀନ, ନିଷ୍କଳଙ୍କ, ସେବାପରାୟଣ ଓ ନିର୍ଭୀକ ଚରିତ୍ର ଗଠନ ପାଇଁ ଏହି ଅନୁଷ୍ଠାନ ଗଢ଼ାଯାଇଥିଲା । ପିଲାମାନେ ଆତ୍ମନିର୍ଭରଶୀଳ ହୋଇ ସେମାନଙ୍କର ଭବିଷ୍ୟତ ଗଢ଼ିବା ପାଇଁ ସେମାନଙ୍କୁ ବିଭିନ୍ନ ବୃତ୍ତିଗତ ଶିକ୍ଷା ଯଥା—ବଢ଼େଇ କାମ ଓ ଅନ୍ୟାନ୍ୟ କାର୍ଯ୍ୟରେ

Digitized by srujanika@gmail.com

ତାଲିମ ଦିଆ ଯାଉଥିଲା । ଆତ୍ମପ୍ରତ୍ୟୟ ଜନ୍ମାଇବା ପାଇଁ ଗରିବ ପିଲମାନଙ୍କୁ ସେଠାରେ ସନ୍ଧ୍ୟା ସମୟରେ ପାଠ ପଢ଼ା-ଯାଉଥିଲା । ଗରିବ ଶ୍ରେଣୀର ପିଲମାନେ ଦିନରେ ଶାରୀରିକ ପରିଶ୍ରମ କରି ପଇସା ଅର୍ଜନ କରୁଥିଲେ । ନିଜ ଅର୍ଜିତ ସେହି ପଇସାରେ ସେମାନେ ପଢ଼ିବାକୁ ସମର୍ଥ ହେଉଥିବାରୁ ସେମାନଙ୍କର ଆତ୍ମମର୍ଯ୍ୟାଦା ଓ ଜ୍ଞାନ ବଢ଼ୁଥିଲା । ନୀଳକଣ୍ଠ ସେହି ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟ ଥିଲେ । ସୁତରାଂ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଅର୍ଜନ କରିବାକୁ ସେ ନିଜର ନୈତିକ ଦାୟିତ୍ୱ ବୋଲି ମନେକରୁଥିଲେ । ଫଳରେ ସେ ସମସ୍ତଙ୍କ ସନ୍ଦେହ ମୋଚନ କରିବାକୁ ସମର୍ଥ ହେବେ । ଏହି ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ପ୍ରତିଦିନ ରାତି ଦୁଇଟା ତିନିଟା ପର୍ଯ୍ୟନ୍ତ ଅଧ୍ୟୟନ ରତ ରହୁଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ଅଧ୍ୟୟନ କରିବା ତାଙ୍କର ଅଭ୍ୟାସରେ ପଡ଼ିଯାଇଥିଲା । ତାଙ୍କର ଅଗାଧ ପାଣ୍ଡିତ୍ୟ ଯୋଗୁଁ ତାଙ୍କୁ ସମସ୍ତେ ବିଶ୍ୱକୋଷ (ଏନ୍‌ସାଇକ୍ଲୋପିଡ଼ିଆ) ଓ ଭ୍ରାମ୍ୟମାଣ ଗ୍ରନ୍ଥଙ୍କ ପାଠାଗାର ଆଖ୍ୟା ଦେଇଥିଲେ । ସେ ସମୟରେ ନୀଳକଣ୍ଠଙ୍କ ଭଳି ଲେଖକ ଖୁବ୍ କମ୍ ଥିଲେ । ନିଜର ଅଗାଧ ପାଣ୍ଡିତ୍ୟ ଓ ଅଧ୍ୟବସାୟ ଯୋଗୁଁ ଲେଖାଗୁଡ଼ିକ ସାରଗର୍ଭକ ହେଉଥିଲା । କେବଳ ବିଭିନ୍ନ ପତ୍ର-ପତ୍ରିକାରେ ଲେଖାଲେଖି କରି ସେ ସନ୍ତୁଷ୍ଟ ନଥିଲେ । ନିଜର ଓଜସ୍ୱିନୀ ଭାଷଣ ଦ୍ୱାରା ମଧ୍ୟ ସେ ନିଜ ପାଣ୍ଡିତ୍ୟର ପରିଚୟ ଦେଇଥିଲେ । ଯାହାକୁ ଲକ୍ଷ୍ୟ କରି ବ୍ୟାସକବି ଫକୀରମୋହନ ସତ୍ୟବାଦୀ ଭ୍ରମଣ ବେଳେ ତାଙ୍କୁ ଗୁରୁକୁଳର ପ୍ରଧାନ ଗୁରୁରୂପେ ଅଭିହିତ କରିଥିଲେ । ବ୍ୟାସକବି ନିଜ ଭାଷାରେ କହିଥିଲେ, "ସଦାଶିବ ନୀଳକଣ୍ଠ ସତତ ସନ୍ନ୍ୟାସୀ ।"

ସେ ଛାତ୍ରମାନଙ୍କର ଉପଯୁକ୍ତ ଶିକ୍ଷା ପାଇଁ କଡ଼ା ନଜର ଦେଉ-ଥିଲେ । ଯେକୌଣସି ବିଷୟରେ ଦରକାର ହେଲେ ସେ ଦକ୍ଷତାର ସହିତ ପଢ଼ାଇ ପାରୁଥିଲେ । ଏପରିକି ଚିତ୍ରାଙ୍କନ ମଧ୍ୟ ତାଙ୍କ ପାଇଁ କଷ୍ଟ-ସାପେକ୍ଷ ନଥିଲା । ସେତେବେଳର ଓଡ଼ିଆ ବ୍ୟାକରଣ ସଂସ୍କୃତ ବ୍ୟାକରଣର ଅନୁକରଣରେ ପଢ଼ାହେଉଥିଲା । ଏହାକୁ ଲକ୍ଷ୍ୟ କରି ସେ ଗୋଟିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ ଓ ପିଲମାନେ ସହଜରେ

Digitized by srujanika@gmail.com

ଡ୍ରଇଂ ଶିଖିବା ପାଇଁ ଗୋଟିଏ ମଡେଲ୍ ଡ୍ରଇଂ ପୁସ୍ତକ ବାହାର କରିଥିଲେ ।

ଓଡ଼ିଆ ଅକ୍ଷରକୁ ଆଦରଣୀୟ କରିବା ପାଇଁ ଯୁକ୍ତାକ୍ଷରକୁ ସରଳ କରି ଲିପି ସଂସ୍କାର ପାଇଁ ଉଦ୍ୟମ କରିଥିଲେ । ତେଣୁ ସେ 'ପଣ୍ଡିତ ଗୋପବନ୍ଧୁ', 'ନୀଳକଣ୍ଠ' ନ ଲେଖି 'ପଂଡିତ ଗୋପବଂଧୁ', 'ନୀଳକଂଠ' ପ୍ରଭୃତି ଲେଖୁଥିଲେ ।

ଆଦ୍ୟଭାଷା ସଂସ୍କୃତରେ ମଧ୍ୟ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସତ୍ୟବାଦୀର ସଂସ୍କୃତ ଟୋଲ୍‌ର ପରିଚାଳନା କାର୍ଯ୍ୟ ସେ ନିଜେ ସମାହିତ କରୁଥିଲେ । ଦରକାର ବେଳେ ପିଲାମାନଙ୍କୁ ସଂସ୍କୃତ ପଢ଼ାଉଥିଲେ ଓ ସତ୍ୟବାଦୀ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ସଂସ୍କୃତ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସେ ଯଥେଷ୍ଟ ପରିଶ୍ରମ କରିଥିଲେ । କେବଳ କଳା ନୁହେଁ, ଏପରିକି ବିଜ୍ଞାନର ବିଭିନ୍ନ ବିଭାଗ ତଥା ଉଦ୍ଭିଦତତ୍ତ୍ୱ ସମ୍ବନ୍ଧରେ ତାଙ୍କର ଯଥେଷ୍ଟ ଜ୍ଞାନ ଥିଲା । ଏହି ବିଷୟରେ ସେ ପ୍ରବନ୍ଧମାନ ଲେଖୁଥିଲେ । ଗଣିତ ଓ ଜ୍ୟୋତିଷ ଚର୍ଚ୍ଚା ପାଇଁ ସେ ମୁକ୍ତ ଆକାଶ ତଳେ ରାତିର ଆକାଶର ମାନଚିତ୍ର ପକାଇ ତାରା, ଗ୍ରହ, ନକ୍ଷତ୍ରମାନଙ୍କୁ ନିରୀକ୍ଷଣ କରି ପିଲାମାନଙ୍କୁ ତାରକାମାନଙ୍କ ବିଷୟରେ ଜ୍ଞାନ ପ୍ରଦାନ କରୁଥିଲେ । ତାଙ୍କ ପରି ଜଣେ ସର୍ବଜ୍ଞାନ ପରିପୂର୍ଣ୍ଣ ଶିକ୍ଷକ ଲାଭକରି ସତ୍ୟବାଦୀର ଛାତ୍ରସମାଜ ବାସ୍ତବିକ କୃତାର୍ଥ ହୋଇପାରିଥିଲେ । ନୀଳକଣ୍ଠଙ୍କର ଗୋଟିଏ ବିଶେଷ ଗୁଣ ଥିଲା—ତାହା ହେଲା ତାଙ୍କର ଅସାଧାରଣ ସ୍ମୃତି-ଶକ୍ତି । ସେ ଗୋଟିଏ ବିଷୟ ଥରେ ପଢ଼ିନେଲେ ତାକୁ ସାରା ଜୀବନ ମନେରଖିପାରୁଥିଲେ । ପିଲାମାନଙ୍କୁ ଏହାର ରହସ୍ୟ ବୁଝାଇବାକୁ ଯାଇ ସେ କହୁଥିଲେ କୌଣସି ବିଷୟରେ ଆଗ୍ରହ ଜାତ ହେଲେ ତାହା ଅଳ୍ପ ପରିଶ୍ରମରେ ଚିରଦିନ ପାଇଁ ଆୟତ୍ତ ହୋଇଯାଏ । ଯେପରି ଜଣେ ଦାଣ୍ଡ-ପିଣ୍ଡାରେ ବସି ରାସ୍ତାକୁ ଚାହିଁବାବେଳେ ସେ ଯଦି ତା'ର ପରିଚିତ ବ୍ୟକ୍ତି ଯଥା ମାମୁଁ ବା ଅନ୍ୟକେହି ନିଜର ଲୋକ ଚାଲିଯାଉଥିବାର ଦୂରରୁ ଦେଖେ, ତେବେ ତାଙ୍କ ବିଷୟରେ ଆଗ୍ରହ ଜାତ ହୁଏ । ଏହି ଆଗ୍ରହ ଉକ୍ତ ବ୍ୟକ୍ତିଙ୍କର ଗତିବିଧି ଲକ୍ଷ୍ୟ କରିବାକୁ ଆମକୁ ପ୍ରେରଣା ଦିଏ ।

Digitized by srujanika@gmail.com

ଫଳରେ ଆମେ ଉକ୍ତ ବ୍ୟକ୍ତି ଓ ତାଙ୍କର ବେଶପୋଷାକ, ଗ୍ଭଲିଚଳନ, କଥାବାର୍ତ୍ତା, ସ୍ୱର ଆଦି ତତ୍‌କ୍ଷଣାତ୍ ମନେରଖିପାରୁ । କିନ୍ତୁ ବାଟରେ ଯାଉଥିବା ବହୁ ଅପରିଚିତ ବ୍ୟକ୍ତିଙ୍କ ପ୍ରତି ଆମର କୌଣସି ଆଗ୍ରହ ନଥିବାରୁ ଆମେ ସେମାନଙ୍କ ପ୍ରତି ଦୃଷ୍ଟି ଦେଉନାହିଁ । ଯଦିବା ଦୃଷ୍ଟି-ଦେଉ, ତେବେ କିଛି ବେଳେ ସ୍ମରଣ ରଖୁନାହିଁ । ବିଦ୍ୟାଧ୍ୟୟନରେ ପ୍ରକୃତି ମଧ୍ୟ ଠିକ୍ ସେହିଭଳି । ଏହାପ୍ରତି ଆମର ଆଗ୍ରହ ଯେତେ ଅଧିକ ହେବ, ଆମେ ଏହାକୁ ସେତେ ଅଧିକ ଭଲପାଇବା ଓ ପାଠ ଆମର ବଶୀଭୂତ ହେବ ।

ସତ୍ୟବାଦୀ ଅନୁଷ୍ଠାନରେ ବିଭିନ୍ନ ବିଷୟରେ ବହୁ ଆଲୋଚନା ସଭାର ବ୍ୟବସ୍ଥା କରାଯାଉଥିଲା । ଛାତ୍ର ଓ ଶିକ୍ଷକମାନେ ସବୁ ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ । ଛାତ୍ରମାନଙ୍କ ଭିତରେ ଓଡ଼ିଆ, ସଂସ୍କୃତ, ଇଂରାଜୀ ପ୍ରଭୃତି ଭାଷାରେ ପ୍ରବନ୍ଧ ଓ କବିତା ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତାମାନ ହେଉଥିଲା ।

ପିଲାମାନେ ପ୍ରତିଦିନ ପ୍ରାତଃ ସମୟରେ ବୈଦିକ ନିୟମରେ ଉପାସନା କରୁଥିଲେ । ବୈଦିକ ଉପନିଷଦୀୟ ପ୍ରାର୍ଥନା ସବୁର ଓଡ଼ିଆ ଅନୁବାଦ କରି ସେ ଉପାସନା ପୁସ୍ତକ ଛପାଉଥିଲେ ।

ପିଲାମାନଙ୍କୁ ସ୍ୱାଧୀନତା ମତାବଲମ୍ବୀ ଓ ଗଣତନ୍ତ୍ର ପଦ୍ଧତି ସହିତ ପରିଚିତ କରାଇବା ପାଇଁ ସେମାନଙ୍କୁ ଗୁରୁକୁଳ ପରିଚାଳନାରେ ସଂପୃକ୍ତ କରାଯାଇଥିଲା । ନୀଳକଣ୍ଠ ଗଣତନ୍ତ୍ର ନୀତିର ଉପକାରିତା ବୁଝାଇବାକୁ ଯାଇ ଛାତ୍ରମାନଙ୍କୁ ଏକାଠି କରି ଉଦ୍‌ବୋଧନ ଦେଇ କହୁଥିଲେ— "ଶିକ୍ଷକ ଓ ଛାତ୍ର ସମସ୍ତେ ମିଶି ଗୋଟିଏ ପରିବାର । ଏ ପରିବାରକୁ ଉନ୍ନତ କରି ଗଢ଼ିବାରେ ଶିକ୍ଷକମାନେ ଯେପରି ଚେଷ୍ଟିତ ହେଉଛନ୍ତି ଓ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ଚରିତ୍ର ଗଠନ ପାଇଁ ଦୃଷ୍ଟି ଦେଉଛନ୍ତି, ବଡ଼ ବଡ଼ ଛାତ୍ରମାନେ ସେପରି ଶିକ୍ଷାରେ ଭାଗ ନେଇ ସେମାନଙ୍କ ସାନ-ଭାଇମାନଙ୍କର ତତ୍ତ୍ୱ ନେବା ଉଚିତ । ସଂକ୍ଷେପରେ କହିବାକୁ ଗଲେ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷା ମୂଲ୍ୟବୋଧଭିତ୍ତିକ ଥିଲା ।

Digitized by srujanika@gmail.com

ସତ୍ୟବାଦୀ ଗୁରୁକୁଳର ଛାତ୍ରାବାସ ଦୂରଦୂରାନ୍ତରରୁ ଆସିଥିବା ଶହଶହ ଛାତ୍ରଙ୍କ ଆବାସ ଥିଲା । ବଡ଼, ଶ୍ରେଷ୍ଠ, କଠୋର, କୋମଳ ପ୍ରକୃତି ବିଶିଷ୍ଟ ଓ ଧନୀ, ଦରିଦ୍ର ପ୍ରତ୍ୟେକ ପ୍ରକାର ଛାତ୍ର ସେଠାରେ ସମବେତ ହୋଇଥିଲେ । ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ବୃଦ୍ଧି କରିବା ପାଇଁ ଶିକ୍ଷକମାନେ ମଧ୍ୟ ପିଲାମାନଙ୍କ ସହ ଛାତ୍ରାବାସରେ ରହୁଥିଲେ । ଯେ କୌଣସି ଛାତ୍ର ଆବଶ୍ୟକ ପଡ଼ିଲେ ସଙ୍ଗେ ସଙ୍ଗେ ଶିକ୍ଷକଙ୍କୁ ପଚାରି ନିଜର ସନ୍ଦେହ ମୋଚନ କରିପାରୁଥିଲେ ।

ମେଧାବୀ ଓ ଚରିତ୍ରବାନ୍ ଛାତ୍ରମାନଙ୍କ ଭିତରୁ ବାଛି ତିରିଶ ଜଣଙ୍କୁ ମନିଟର କରାଯାଇଥିଲା । ସେମାନଙ୍କୁ ଅନ୍ୟାନ୍ୟ ଛାତ୍ରମାନଙ୍କର ଦାୟିତ୍ୱ ଦିଆଯାଇଥିଲା । ସେମାନେ ଅନ୍ୟ ପିଲାଙ୍କର ସ୍ୱାସ୍ଥ୍ୟ, ଚଳଣି, ଶିକ୍ଷା, ଚରିତ୍ର ପ୍ରଭୃତି ବିଷୟରେ ଦୃଷ୍ଟି ଦେଉଥିଲେ । ସେମାନେ ଉପଯୁକ୍ତ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି କି ନା ତାହା ଶିକ୍ଷକମାନେ ନିରୀକ୍ଷଣ କରୁଥିଲେ । ମେଧାବୀ ଛାତ୍ରଙ୍କ ବ୍ୟକ୍ତିତ୍ୱର ପ୍ରଭାବ ସାଧାରଣ ଛାତ୍ରଙ୍କ ଉପରେ ପଡୁଥିଲା ଏବଂ ମେଧାବୀ ଛାତ୍ରମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ବିକଶିତ ହେଉଥିଲା ।

ପିଲାମାନେ ରାତି ୫ଟାରୁ ଉଠି ସ୍ନାନ କରିବା, ତତ୍ପରେ ଉପାସନା, ବ୍ୟାୟାମ ଓ ପାଠପଢ଼ା କରିବାର ବ୍ୟବସ୍ଥା ଥିଲା । ମନିଟରମାନେ ଏ ବ୍ୟବସ୍ଥା ଠିକ୍ ଭାବେ ଚାଲିଛି ନା ନାହିଁ ତଦାରଖ କରୁଥିଲେ । ତା ଛଡ଼ା ସେମାନେ ଛାତ୍ରମାନଙ୍କର ଖାଦ୍ୟପେୟ ଓ ବେଶଭୂଷା ବିଷୟ ମଧ୍ୟ ବୁଝୁଥିଲେ । ସରଳ ଜୀବନଯାପନ ଓ ଉଚ୍ଚ ଚିନ୍ତାଧାରା ସତ୍ୟବାଦୀ ଶିକ୍ଷାର ଆଦର୍ଶ ଥିଲା ।

## ସତ୍ୟବାଦୀ ବିଦ୍ୟାଳୟ ଓ ଘରପୋଡ଼ି

ସତ୍ୟବାଦୀର ବର୍ତ୍ତମାନ ବିଦ୍ୟାଳୟ ଗୃହଟି କୋଠାଘର । ସେତେବେଳେ ଏହାର ମଝି ମାହାଲା ସ୍ଥାନରେ ମାଇନର୍ ସ୍କୁଲ୍‌ର ଗୋଟିଏ ଚାଳ ଥାଏ । ଉଦ୍ୟୋକ୍ତାମାନେ ଧନୀଲୋକ ନୁହନ୍ତି । ନିଜ ନିଜର ପାଠ୍ୟପୁସ୍ତକମାନ ଦେଇ, ଚାନ୍ଦା ଆଦାୟ କରି ଓ ଭିନ୍ନ ଅଞ୍ଚଳରୁ ଅର୍ଥ ସଂଗ୍ରହ

Digitized by srujanika@gmail.com

କରି ବହୁ କଷ୍ଟରେ ସେମାନେ ଗୋଟିଏ ବଡ଼ ଧରଣର ଲାଇବ୍ରେରୀ କରି-ଥିଲେ । ନୀଳକଣ୍ଠଙ୍କର ସବୁ ପଢ଼ାବହି ଓ ନୋଟ୍ ସେହି ଲାଇବ୍ରେରୀରେ ଥିଲା । ସେହି ଲାଇବ୍ରେରୀ ସେହିଘରେ ଗୋଟିଏ ବଖରାରେ ଥିଲା ।

ନୂଆ ଶ୍ରେଣୀ ଖୋଲିବାର ଅଳ୍ପଦିନ ପରେ ସେହି ବିରାଟ କାଷ୍ଠ ନିର୍ମିତ ଗୃହଟିକୁ ପାଖଆଖ ଗ୍ରାମର କେହି ରକ୍ଷଣଶୀଳ ଦୁର୍ବୃତ୍ତ ଗୋପନରେ ପୋଡ଼ି ପକାଇଲେ । ୧୯୧୧-୧୨ ମସିହା ବେଳକୁ ମାଇନର ସ୍କୁଲ ସଙ୍ଗେ ହାଇସ୍କୁଲ ଚତୁର୍ଥ ଶ୍ରେଣୀ ଖୋଲିଥାଏ । ନୀଳକଣ୍ଠ ଯୁବକ-ମାନଙ୍କୁ ନିଜ ମତରେ ଅନୁପ୍ରାଣିତ କରିଥିଲେ । ସେମାନଙ୍କ ମନରେ ପଣ୍ଡିତ ବ୍ରାହ୍ମଣ ନିଶ ରଖିବା ଶାସ୍ତ୍ରବିରୁଦ୍ଧ ନୁହେଁ ବୋଲି ଏକ ଦୃଢ଼ ବିଶ୍ୱାସ ଆଣି ଦେଇଥିଲେ । ତେଣୁ ନୀଳକଣ୍ଠଙ୍କ ଦଳର ଯୁବକମାନେ ନିଶ ରଖିଲେ । ରକ୍ଷଣଶୀଳ ବ୍ରାହ୍ମଣ ସମାଜରେ ଚହଳ ପଡ଼ିଗଲା । ନିଶ ରଖିବାରୁ ଏବଂ ଅନ୍ୟାନ୍ୟ କୁସଂସ୍କାରକୁ ନମାନି କାର୍ଯ୍ୟ କରିବାରୁ ନୀଳକଣ୍ଠ ଇତ୍ୟାଦିଙ୍କ କର୍ମକେନ୍ଦ୍ର ସତ୍ୟବାଦୀକୁ ଜାଳିପୋଡ଼ି ଦେବାର ବିଚାର ସେମାନେ ଆଗରୁ କରିଥିଲେ । ସକାଳୁଆ ସ୍କୁଲ ସାରି ସମସ୍ତେ ଗଲାପରେ ଉପରବେଳା ସ୍କୁଲଘର ଭସ୍ମୀଭୂତ ହୋଇଗଲା । ଲାଇବ୍ରେରୀଟି ମଧ୍ୟ ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏହି ଅଗ୍ନିକାଣ୍ଡରେ ଶିକ୍ଷକମାନେ ବହୁତ ମ୍ରିୟ-ମାଣ ହୋଇପଡ଼ିଥିଲେ । ଘରପୋଡ଼ିର ଖବର ଶୁଣି ଗୋପବନ୍ଧୁ ବାରିପଦାରୁ ଧାଇଁ ଆସିଥିଲେ । ଶିକ୍ଷକମାନେ ବିଦ୍ୟାଳୟର ଦୁରବସ୍ଥା ତାଙ୍କୁ ଜଣାଇବାରୁ ସେ କହିଥିଲେ ବିଦ୍ୟାଳୟ କୋଠା ହେବାପାଇଁ ଏହା ଆଗାମୀ ସୂଚନା । ତେଣୁ ନୀଳକଣ୍ଠ ଆଦି ସାହସ ପାଇଥିଲେ ଓ ଯଥାରୀତି ସତ୍ୟବାଦୀ ବିଦ୍ୟାଳୟର କାର୍ଯ୍ୟ ଚାଲିଥିଲା ।

## ସତ୍ୟବାଦୀକୁ ନୂତନ ରୂପ ଦେବାର ପରିକଳ୍ପନା

ଗୋପବନ୍ଧୁ ପଶ୍ଚିମ ବଙ୍ଗର ବିଶ୍ୱଭାରତୀ ଅନୁଷ୍ଠାନ ଦେଖି ଫେରିଥାନ୍ତି । ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କ ଉପସ୍ଥିତିରେ ସେ ଶାନ୍ତି-ନିକେତନର କାର୍ଯ୍ୟକଳାପ ବିଶଦଭାବେ ବର୍ଣ୍ଣନା କଲେ ଏବଂ କହିଲେ ସେଠାରେ ଛାତ୍ରାବାସ ଓ ବିଦ୍ୟାଳୟ ଗଣତନ୍ତ୍ର ମଣ୍ଡଳରେ ଛାତ୍ରମାନଙ୍କ

Digitized by srujanika@gmail.com

ଦ୍ୱାରା ପରିଚାଳିତ ହୁଏ । ପିଲାମାନେ ବଜାର ସଉଦା କରନ୍ତି—ଅର୍ଥାତ୍ ଗାଡ଼ିରେ ବସି ତାଲିକା ନେଇ ଜଣେ ଦୁଇଜଣ ଛାତ୍ର ପୂଜାରୀ ଚାକରଙ୍କୁ ଘେନି ବଜାରକୁ ଯାଆନ୍ତି । ତାଲିକା ଅନୁସାରେ ପୂଜାରୀ ଚାକରମାନେ ବଜାରରୁ ଜିନିଷ ଆଣି ଫେରନ୍ତି । ଛାତ୍ରାବାସର ଯାବତୀୟ କାର୍ଯ୍ୟ—ଖାଇବା, ଖୁଆଇବା, ଶୋଇବା, ବସିବା, ପଢ଼ିବା, ପଢ଼ାଇବା ଆଦି ସକଳ କାର୍ଯ୍ୟ ପିଲାମାନେ ସମ୍ପାଦନ କରନ୍ତି । ତେଣୁ ଶିକ୍ଷା ପୂର୍ଣ୍ଣାଙ୍ଗ ହୁଏ । ଆଜିକାଲିର ଛାତ୍ରମାନେ ପାଠ ପଢ଼ି ପ୍ରମାଣପତ୍ରଟିଏ ଧରି ଫେରିଆସିବା ପରେ କେବଳ ଚାକିରି ଖୋଜିବା ଛଡ଼ା ଅନ୍ୟକିଛି କାମ କରିପାରୁ ନାହାନ୍ତି । ନିଜେ ନିଜେ ସବୁକାମ କରିଥିଲେ ଜୀବନରେ ସବୁ ଜଟିଳତାକୁ ସମ୍ମୁଖୀନ ହେବାପାଇଁ ଯେକୌଣସି କାର୍ଯ୍ୟ ସମ୍ପାଦନ କରିବାପାଇଁ ସକ୍ଷମ ହୋଇପାରିବ ।

ପ୍ରତ୍ୟହ ବିଦ୍ୟାଳୟ ଛୁଟିପରେ ବହୁ ଆଲୋଚନା ଚାଲିଲା । ତିନିଦିନ ମଧ୍ୟରେ ବହୁ ପ୍ରକାର ଯୋଜନା ପିଲାମାନେ ଓ ଶିକ୍ଷକମାନେ ପେଶ୍ କଲେ । କୌଣସିଟି ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । କିନ୍ତୁ ନୀଳକଣ୍ଠ ଏକ ଯୋଜନା ତିଆରି କରି ସମସ୍ତଙ୍କ ଆଗେ ପ୍ରକାଶ କରିଥିଲେ ଯେ ମନିଟର ଦ୍ୱାରା ସମସ୍ତ କାର୍ଯ୍ୟ ପରିଚାଳିତ ହେବ ଓ ତାହାହିଁ ହେଲା । ତେଣୁ ନୀଳକଣ୍ଠଙ୍କ ମତାନୁସାରେ ନୂତନ ଢଙ୍ଗରେ ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲିଲା ।

## ପ୍ରଧାନ ଶିକ୍ଷକ ଭାବେ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ

ନୀଳକଣ୍ଠ ପ୍ରଧାନଶିକ୍ଷକ ଥିବା ସମୟରେ ଖାଲି ଗମ୍ଭୀର ରହୁଥିଲେ । ପିଲାମାନେ କିପରି ପାଠ ପଢ଼ିବେ ଓ ପ୍ରାଞ୍ଜଳଭାବେ ଭାବବ୍ୟକ୍ତ କରିପାରିବେ ସେଥିପାଇଁ ଯତ୍ନବାନ ଥିଲେ । ପିଲାମାନଙ୍କର ପାଠ ପଢ଼ାର ଆଗ୍ରହ ପାଇଁ ଶ୍ରେଣୀ ପାଠାଗାର ବ୍ୟବସ୍ଥା କରି ଦେଇଥିଲେ—ପ୍ରତି ଶ୍ରେଣୀରେ ଉପଯୋଗୀ ବହିସବୁ ଗୋଟିଏ ଆଲମାରିରେ ରଖାଯାଉଥିଲା । ଓଡ଼ିଶାର ତତ୍‌କାଳୀନ ଶିକ୍ଷାବିଭାଗ ଇନ୍‌ସ୍‌ପେକ୍ଟର ମିଃ ମ୍ୟାକୋଂବି ସତ୍ୟବାଦୀ ପରିଦର୍ଶନରୁ ଫେରି ପରେ ଶ୍ରେଣୀ ପାଠାଗାରର ଏହି ପଦ୍ଧତିକୁ ଓଡ଼ିଶାର ସମସ୍ତ ବିଦ୍ୟାଳୟ ପାଇଁ ଚଳେଇବାର ଚେଷ୍ଟା କରିଥିଲେ ।

Digitized by srujanika@gmail.com

ଆଉ ଗୋଟିଏ ଘଟଣା । ନୀଳକଣ୍ଠ ପ୍ରଧାନ ଶିକ୍ଷକ ହିସାବରେ ପିଲ୍‌ମାନଙ୍କୁ ଏପରି ମଡ଼େଲ ଡ୍ରିଲ୍ ଶିଖାଇଥିଲେ ଏଥିରେ ପରିଦର୍ଶକ ମ୍ୟାକୋଣ୍ଡିଂ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

ପରିଚାଳନା ଦୃଷ୍ଟିକୋଣରୁ ନୀଳକଣ୍ଠ ବହୁତ କଡ଼ା ଓ କଠୋର ଥିଲେ । ପାଠପଢ଼ାରେ ଟିକିଏ ତ୍ରୁଟି ଦେଖିଲେ ତାକୁ ସଂଶୋଧନ କରିବାକୁ ପଶ୍ଚାତ୍ ନଥିଲେ । ଥରେ ଜଣେ ନୂତନ ଗ୍ରାଜୁଏଟ୍ ଶିକ୍ଷକ ହୋଇ ଆସିଥାନ୍ତି । ସେ ନବମ ଶ୍ରେଣୀରେ ଇଂରାଜୀ ପଢ଼ାଇବାକୁ ଯାଇ କହିଲେ— **Any word ending with 'ly' is an adverb.** ନୀଳକଣ୍ଠ ଠିକ କରି ପଦାରେ ଶୁଣୁଥିଲେ । ଜଣେ ବିଚକ୍ଷଣ ଛାତ୍ର ସଙ୍ଗେ ସଙ୍ଗେ ପଚାରିଥିଲା, **Italy, Cicily are an adverb ?** ତାପରେ ନୀଳକଣ୍ଠ ସେ ଶିକ୍ଷକ ଜଣକୁ ବାହାରକୁ ଡାକି ସତ୍ୟବାଦୀ ଛାଡ଼ି ଯିବାକୁ କହିଥିଲେ ।

କେବଳ ଏତିକି ନୁହେଁ କୌଣସି ଛାତ୍ରର ଔଦ୍ଧତ୍ୟ କିମ୍ବା ଅବାଧ୍ୟତା ଦେଖିଲେ ସେ ସହିପାରୁ ନଥିଲେ । ସେଥିଯୋଗୁଁ ପିଲ୍‌ମାନେ ତାଙ୍କୁ ଭୟ କରୁଥିଲେ । ଆଉ ମଧ୍ୟ ସେ ଯେତିକି କଠୋର ଥିଲେ ସେତିକି ସ୍ନେହ ମଧ୍ୟ ଦେଉଥିଲେ ।

## ନୀଳକଣ୍ଠଙ୍କର ଲୋକ ସଂପର୍କ ଓ ସତ୍ୟବାଦୀରେ ବାହ୍ୟ ଶିକ୍ଷାର ପ୍ରଭାବ

ନୀଳକଣ୍ଠ ପ୍ରଧାନ ଶିକ୍ଷକ ଭାବେ କଠୋର ଓ ଶୃଙ୍ଖଳାପ୍ରେମୀ ଥିଲେ ମଧ୍ୟ ସତ୍ୟବାଦୀର ଗୁରୁକୁଳ ଆଶ୍ରମର ବାଳକମାନଙ୍କୁ ବିଦ୍ୟାଳୟର ପରିସର ମଧ୍ୟରେ ଆବଦ୍ଧ କରି ରଖାଯାଉନଥିଲା । ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଦୁଃସ୍ଥ ରୋଗୀମାନଙ୍କର ସେବା, ବିଭିନ୍ନ ଦୈବ ଦୁର୍ବିପାକ; ଯଥା ବନ୍ୟା, ହଇଜା ଓ ଘରପୋଡ଼ି ଇତ୍ୟାଦିରେ ସାହାଯ୍ୟ କରିବାରେ ନିଜକୁ ନିୟୋଜିତ କରିବାକୁ ଛାତ୍ରମାନଙ୍କୁ ପ୍ରେରଣା ପ୍ରଦାନ କରାଯାଉଥିଲା । ତା'ଛଡ଼ା ବାହ୍ୟ ଜ୍ଞାନ ଅର୍ଜନ ପାଇଁ ସେମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଥିଲେ । ଜାତୀୟ ଅନୁଷ୍ଠାନମାନଙ୍କର ସଭାସମିତି ଅନୁଷ୍ଠିତ ହେଲେ ସେଥିରେ ଯୋଗଦାନ କରି ନିଜର ଜ୍ଞାନ ବର୍ଦ୍ଧନ କରୁଥିଲେ ।

Digitized by srujanika@gmail.com

ଲୋକ ସମ୍ପର୍କ ବଢ଼ାଇବା ଓ ଲୋକଚରିତ୍ର ଅଧ୍ୟୟନ କରିବା ପାଇଁ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ-ମାନଙ୍କୁ ପ୍ରେରଣା କରାଯାଉଥିଲା । ସେଠାରେ ସେମାନେ ପଠନ ପଦ୍ଧତି, ଲୋକାଚାର, ଚରିତ୍ର ଗଠନ ବିଷୟକ ବାସ୍ତବଜ୍ଞାନ ଆହରଣ କରୁଥିଲେ । ଆହୁରି ମଧ୍ୟ ଏହି ଶୃଙ୍ଖଳିତ ଛାତ୍ରମାନଙ୍କର ପ୍ରଭାବ ଅନ୍ୟ ବିଦ୍ୟାଳୟର ଛାତ୍ରମାନଙ୍କ ଉପରେ ପଡ଼ୁଥିଲା ।

ଛାତ୍ରମାନେ ବାହାରକୁ ଗଲାବେଳେ ଶିକ୍ଷକମାନେ ମଧ୍ୟ ସେମାନଙ୍କ ସହିତ ରହୁଥିଲେ । ଅଧିକାଂଶ ସମୟ ପଦଯାତ୍ରା କରାଯାଉଥିଲା । ଫଳରେ ନିଜ ଦେଶ ଓ ନିଜ ଜାତି ବିଷୟରେ ସେମାନଙ୍କ ଜ୍ଞାନ ପରିପକ୍ୱ ହେଉଥିଲା । ସମଗ୍ର ବିଶ୍ୱ ଯେ ଏକ ବିରାଟ ଶିକ୍ଷାୟତନ—ଏହା ଦ୍ୱାରା ପ୍ରମାଣିତ ହୋଇଥିଲା ।

ଶିକ୍ଷକ ଓ ଛାତ୍ରମାନଙ୍କୁ ନେଇ ନୀଳକଣ୍ଠ ଭୁବନେଶ୍ୱର, କୋଣାର୍କ, ନୀଳମାଧବ ଓ ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ସ୍ଥାନ ବୁଲିଥିଲେ । ଏହା ପିଲା-ମାନଙ୍କର ସାମାଜିକ ଜ୍ଞାନ ବଢ଼ାଉଥିଲା । ଲୋକମାନଙ୍କ ଚାଲିଚଳଣି ଓ ଓ ରୀତିନୀତି ସହିତ ସେମାନେ ପରିଚିତ ହେଉଥିଲେ । ତା'ଛଡ଼ା ଉତ୍କଳର କଳା, ସ୍ଥାପତ୍ୟ ଓ ଐତିହ୍ୟ ବିଷୟରେ ନୀଳକଣ୍ଠ ସେମାନଙ୍କୁ ବୁଝାଇ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ କରାଉଥିଲେ । କୋଣାର୍କ ଯାତ୍ରା କରି ସେ ତାଙ୍କର ପ୍ରସିଦ୍ଧ 'କୋଣାର୍କ' କାବ୍ୟ ରଚନା କରିଥିଲେ । ସେହି କାବ୍ୟର "ରାମଚଣ୍ଡୀରେ ରାତି" ନାମକ ଏକ ଅନୁଚ୍ଛେଦ ରହିଛି । ଉତ୍କଳ ଇତିହାସର ଗୌରବମୟ ଗରିମା, ସାହିତ୍ୟ ଜ୍ଞାନ, କବିତା ରଚନା ଶୈଳୀ ଓ ବାତ୍ସଲ୍ୟ ସ୍ନେହରେ କବିତାଟି ପରିପୃକ୍ତ ହୋଇଉଠିଛି । ଗୋଟିଏ ସ୍ଥାନରେ ସେ ଲେଖିଛନ୍ତି—

"ଐତିହାସିକ ଭୂମି ଏ ଏଥି ବାଳକ କୁଳ
ଇତିହାସ ସ୍ମୃତି ପୁଲକେ ଲଭେ ହେଲେ ବିହ୍ୱଳ ।"

ସେହି କାବ୍ୟରେ ମଧ୍ୟ ସେ ପିଲାମାନଙ୍କ ଓଡ଼ିଶାର ପୂର୍ବ ଗୌରବ ଓ ଇତିହାସ ପୁନରାବୃତ୍ତି ହେବାର ଆଶା ରଖି ଗାଇଛନ୍ତି—

Digitized by srujanika@gmail.com

"ତାମ୍ରଲପ୍ତି ଘୁଡ଼ ଉଠିବ ତଣ୍ଡୁ ସିଂହଳ ତଟେ
ଉତ୍କଳ କମଳା ହସିବେ ପୁଣି ଜୈନ ମୁକୁଟେ ।"

ନୀଳକଣ୍ଠଙ୍କ ଚରିତ୍ରର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଲା ତାଙ୍କର ଚିନ୍ତା, ଚେତନା ଓ କର୍ମ ସର୍ବଦା ଏକମୁଖୀ ଥିଲା । ପ୍ରଧାନ ଶିକ୍ଷକଭାବେ ପିଲାଙ୍କର ଚରିତ୍ର ଗଠନ ଚିନ୍ତା ତାଙ୍କୁ ସର୍ବଦା ଘାରୁଥିଲା । ସତ୍ୟବାଦୀ ବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନେ ପର୍ଯ୍ୟଟନରେ ଗଲାବେଳେ, ଜଣା-ପଡ଼ୁଥିଲା ସତେ ଯେପରି ଗୋଟିଏ ବିଦ୍ୟାଳୟ ପରିଭ୍ରମଣ କରୁଛି । ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ, ସେମାନଙ୍କ ସାମାଜିକ କାର୍ଯ୍ୟ ଓ ଶୃଙ୍ଖଳାବୋଧର ପଟାନ୍ତର ନଥିଲା ।

ଏହିପରି ଏକ ଆଦର୍ଶ ସ୍ଥାନୀୟ ଶିକ୍ଷାଗୋଷ୍ଠୀକୁ କିଏ ବା ଆଦର ନକରିବ ? ପଥ ମଧ୍ୟରେ ଲୋକେ ସେମାନଙ୍କୁ ଅଭ୍ୟର୍ଥନା ଜଣାଉଥିଲେ । ଅତି ଆଦରରେ ପାଛୋଟି ନେଇ ସମ୍ମାନ ପ୍ରଦର୍ଶନ କରୁଥିଲେ । ସ୍ଥାନେ ସ୍ଥାନେ ସେମାନଙ୍କର ଶିବିର ପଡ଼ୁଥିଲା । ଏକ ପ୍ରକାର ସଭା ମଧ୍ୟ ଅନୁଷ୍ଠିତ ହେଉଥିଲା । ଏ ଖବର ପାଇଲାକ୍ଷଣି ଆଖପାଖର ଲୋକେ ସେଠାକୁ ଧାଇଁ ଆସୁଥିଲେ । ସେମାନେ ଛାତ୍ରମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ କରିବାକୁ ଭୁଲୁନଥିଲେ ।

ନୀଳକଣ୍ଠ ଛାତ୍ରମାନଙ୍କ ସହିତ ନୀଳମାଧବ, ଖଣ୍ଡଗିରି ଭ୍ରମଣ ବେଳେ ଖୋର୍ଦ୍ଧାର ବରୁଣେଇ ପାହାଡ଼ଠାରେ ଶିବିର ପକାଇଥିଲେ । ସେଠାରେ ପ୍ରାଚୀନ ରାଜପୁରର ଭଗ୍ନାବଶେଷମାନ ଛାତ୍ରମାନଙ୍କୁ ଦେଖାଇ ଦେଇଥିଲେ । ଓଡ଼ିଶାର ଗୌରବ ବୃଦ୍ଧି କରିଥିବା ତାର ବୀର ନରପତି ଓ ଦୁର୍ଦ୍ଧର୍ଷ ପାଇକ ସେନାର କୃତିତ୍ୱ ବର୍ଣ୍ଣନା କଲାବେଳେ ସେ ଭାବପ୍ରବଣ ହୋଇପଡ଼ୁଥିଲେ । ତାଙ୍କର କଥାର ମାଧୁର୍ଯ୍ୟ, ଶୈଳୀ ଓ ଭାବ ଛାତ୍ର-ମାନଙ୍କର ଅନ୍ତର ସ୍ପର୍ଶ କରୁଥିଲେ ।

ଛାତ୍ରମାନେ ଯେ କେବଳ ଛାତ୍ରାବାସରେ ଥିଲାବେଳେ କଡ଼ା ଶୃଙ୍ଖଳା ରକ୍ଷା କରୁଥିଲେ ତା ନୁହେଁ, ବରଂ ପରିଭ୍ରମଣ ସମୟରେ ଶିବିର-ମାନଙ୍କରେ ମଧ୍ୟ ସେମାନେ ସେହି ନିୟମମାନ ପାଳନ କରୁଥିଲେ । ସବୁ କାର୍ଯ୍ୟ ଠିକ୍ ସମୟରେ କରିଯାଉଥିଲା । ବିଦ୍ୟାଧ୍ୟୟନ, ସେବା, ଖେଳ ବ୍ୟାୟାମ, ସାହିତ୍ୟ ଚର୍ଚ୍ଚା ଯଥାରୀତି ଚାଲୁଥିଲା ।

Digitized by srujanika@gmail.com

ସେତେବେଳର ଗଡ଼ଜାତ ରାଜାମାନଙ୍କର ପ୍ରତିପତ୍ତି ଓ ସମ୍ମାନ ଯଥେଷ୍ଟ ଥିଲା । ସେମାନେ ଗରିବ କୃଷକମାନଙ୍କୁ ବେଠି ଖଟାଇ ନିଜର ସମ୍ପଦ ବୃଦ୍ଧି କରୁଥିଲେ । ନୀଳକଣ୍ଠ ଏପରି କାର୍ଯ୍ୟର ଥିଲେ ଘୋର ବିରୋଧୀ । ଓଡ଼ିଶାର ଗରିବ କୃଷକ ମୁଣ୍ଡଝାଳ ତୁଣ୍ଡରେମାରି ପରିଶ୍ରମ କରିବ ଓ ତାର ଅର୍ଜିତ ଧନ ଯାଇ ଠୁଳ ହେବ ସାମନ୍ତମାନଙ୍କର ଭଣ୍ଡାର ଘରେ । ଏପରି ପରମ୍ପରାକୁ ତାଙ୍କର ସ୍ୱାଧୀନ ଚେତାମାନ ଗ୍ରହଣ କରି-ପାରୁନଥିଲା ।

ଛାତ୍ରମାନଙ୍କ ସହ ପରିଭ୍ରମଣ ସମୟରେ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଓ ଗୌରବ ଲୋକମାନଙ୍କ ମଧ୍ୟରେ ପରିବର୍ତ୍ତନ ସୃଷ୍ଟି କରୁଥିଲା । ତାଙ୍କର ଜ୍ଞାନ ଗାରିମା ଦେଖି ଲୋକେ ଯେତିକି ଅଭିଭୂତ ହେଉଥିଲେ, ସେବା-କାର୍ଯ୍ୟ ଦେଖି ତା'ଠାରୁ ଅଧିକ ପ୍ରଭାବିତ ହେଉଥିଲେ । ସେ ଛାତ୍ରମାନଙ୍କୁ ନେଇ ବାଘମାରି ପାରିହୋଇ ଗୋବିନ୍ଦପୁରରେ କ୍ୟାମ୍ପ ପକାଇଥାନ୍ତି । ଏହାପରେ ସେମାନେ ଖଣ୍ଡପଡ଼ା ଯିବାର କଥା । ଖରାଦିନ । ଭୀଷଣ ଗ୍ରୀଷ୍ମତାପରେ ରାସ୍ତାଘାଟ ତାତିଯାଉଥାଏ । ଖଣ୍ଡପଡ଼ାର ଗଡ଼ଜାତ ରାଜା ନୀଳକଣ୍ଠଙ୍କ ଆଗମନର ବାର୍ତ୍ତା ପାଇ ଗୋଟିଏ ଖଣ୍ଡ ଶଗଡ଼ ପଠାଇଦେଲେ । ନୀଳକଣ୍ଠ ସେହି ଶଗଡ଼ିଆମାନଙ୍କୁ ପଚାରି ବୁଝିଲେ ଯେ ସେମାନେ ସମସ୍ତେ ବେଠି ଶ୍ରମିକ । ସେ ଛାତ୍ରମାନଙ୍କୁ ଡାକି ବୁଝାଇଦେଲେ ଯେ ଏପରି ସାମନ୍ତମାନେ ଦେଶର ଜନଶକ୍ତିର ଦୁରୁପଯୋଗ କରି ନିଜର ବଡ଼ପଣିଆ ପ୍ରତିଷ୍ଠିତ କରିବାକୁ ଚାହାନ୍ତି । ବେଠି ଖଟୁଥିବା ଶଗଡ଼ିଆମାନେ ତାଙ୍କ କାର୍ଯ୍ୟପାଇଁ କୌଣସି ମଜୁରି ତ ପାଇବେ ନାହିଁ, ବରଂ ନିଜ ହାତରୁ ସେମାନେ ନିଜର ଖାଇବା ପିଇବା ଖର୍ଚ୍ଚ ମଧ୍ୟ ତୁଲାଇବେ । ସୁତରାଂ ରାଜାଙ୍କର ସାହାଯ୍ୟ ଗ୍ରହଣ କରିବା ଅର୍ଥ ଶୋଷଣକୁ ସମର୍ଥନ କରିବା । ସେ ଶଗଡ଼ିଆମାନଙ୍କୁ କହିଲେ, "ତୁମେମାନେ ଫେରିଯାଅ, ଫେରିଯାଇ ରାଜାଙ୍କୁ କହିବ, ଯେଉଁ ରାଜା ଗୋଟିଏ ଆଦର୍ଶ ଅନୁଷ୍ଠାନର ଛାତ୍ରଙ୍କ ପାଇଁ ବେଠି ଶଗଡ଼ ପଠାନ୍ତି, ସେ ରାଜାଙ୍କର ନିମନ୍ତ୍ରଣ ରକ୍ଷା କରିବାକୁ ସ୍ୱାଧୀନଚେତା ସତ୍ୟବାଦୀ ବିଦ୍ୟାଳୟ ତାଙ୍କ ନିକଟକୁ ଯାଇପାରିବ ନାହିଁ ।"

ଏକଥା ଶଗଡ଼ିଆମାନଙ୍କର ସର୍ଦ୍ଦାର ରାଜାଙ୍କୁ ଜଣାଇଲେ । ସେତେବେଳର ଗଡ଼ଜାତ ରାଜାମାନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା

Digitized by srujanika@gmail.com

କିଛି କମ୍ କଥା ନଥିଲା । ହେଲେ ସ୍ୱାଭିମାନୀ ନୀଳକଣ୍ଠ ସତ୍ୟ ଓ ନିର୍ଭୟତାର ଯେଉଁ କବଚ ପିନ୍ଧିଥିଲେ, ରାଜାଙ୍କର କ୍ଷମତା ଅସ୍ତ୍ର ତାକୁ ଭେଦ କରିବାକୁ ସମର୍ଥ ହୋଇନଥିଲା ।

ଗୋବିନ୍ଦପୁରଠାରୁ ଚାଲି ଚାଲି ଯାଇ ଶିକ୍ଷକ ଓ ଛାତ୍ରମାନେ କଳାପଥରଠାରେ କ୍ୟାମ୍ପ ପକାଇଲେ । ରାଜା ଏଥରକ ନିଜର ଭୁଲର ପୁନରାବୃତ୍ତି କଲେ ନାହିଁ । ନୀଳକଣ୍ଠଙ୍କ ଲୋକପ୍ରିୟତା ଓ ବ୍ୟକ୍ତିତ୍ୱ ତାଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ସେ ଆଉ କୋଡ଼ିଏଟି ଭଡ଼ା ଶଗଡ଼ ପଠାଇଲେ । ଏଥର ସେମାନଙ୍କ ସଙ୍ଗେ ପୂର୍ବ ଶଗଡ଼ିଆ ଓ ବଳଦଙ୍କ ପାଇଁ ମଜୁରି ଟଙ୍କା ଓ ଖାଦ୍ୟ ମଧ୍ୟ ଆସିଥିଲା ।

ରାଜାସାହେବ ଯେ କେବଳ ନିଜର ଭୁଲ୍ ସୁଧାରିନେଇଥିଲେ ତା ନୁହେଁ, ବରଂ ସେଥିପାଇଁ କ୍ଷମା ମାଗି ପତ୍ର ଦେଇଥିଲେ ଓ ନୀଳକଣ୍ଠଙ୍କ ଆଗମନକୁ ଚାହିଁ ବସିଛନ୍ତି ବୋଲି ଜଣାଇଥିଲେ । ଧନସମ୍ପଦ ଓ କ୍ଷମତା ଏକ ଆଦର୍ଶ ବ୍ୟକ୍ତିତ୍ୱ ଆଗରେ ହାର ମାନିଥିଲା । ଯାହା ଆଗରେ କଥା କହିବାକୁ ଲୋକେ ଡରୁଥିଲେ ସେ ଯେ କ୍ଷମା ମାଗିପାରିବେ ତାହା ସମସ୍ତଙ୍କ କଳ୍ପନାର ବାହାରେ ଥିଲା । ସତ୍ୟବାଦୀର ତେଜସ୍ୱୀ ଶିକ୍ଷକଙ୍କର ବ୍ୟକ୍ତିତ୍ୱ ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା । ତାଙ୍କୁ ସମ୍ମାନ ଦେଖାଇ ଖଣ୍ଡପଡ଼ା ରାଜା ନିଜେ ସମ୍ମାନିତ ହୋଇଥିଲେ । ତାଙ୍କ ଆଗରେ ମୁଣ୍ଡ ନୁଆଇଁ ସେ ନିଜ ମସ୍ତକ ଉନ୍ନତ ରଖିବାକୁ ସମର୍ଥ ହୋଇଥିଲେ । ଧନସମ୍ପଦ ଓ କ୍ଷମତା ସବୁକୁ ପଦାନତ କରିପାରେ; ମାତ୍ର ଆଦର୍ଶବାଦକୁ ନୁହେଁ । କଳାପଥରକୁ ଯାଇ ସେମାନେ କଣ୍ଟିଲୋ ବଙ୍ଗଳାରେ ଅବସ୍ଥାନ କଲେ । ସେଠାରେ ଶଗଡ଼ିଆଙ୍କ ସମେତ ସମସ୍ତଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ମିଳିମିଶି ଭୋଜନ କରିବା ଉତ୍ତାରୁ ପରଦିନ ସକାଳେ ନୀଳମାଧବ ଦର୍ଶନ କଲେ ।

ନୀଳମାଧବ, ଜଗନ୍ନାଥ ଓ ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ପ୍ରଶସ୍ତି ତଥା ଆର୍ଯ୍ୟ ଜୀବନ ସମ୍ବନ୍ଧରେ ପିଲାମାନଙ୍କୁ ଏକ ସାରଗର୍ଭକ ଭାଷଣ ନୀଳକଣ୍ଠ ନିଜ ଛାତ୍ର ତଥା ସମବେତ ଜନତାଙ୍କୁ ପ୍ରଦାନ କରିଥିଲେ । ଜଗନ୍ନାଥ ଧର୍ମ କଣ ଓ ଏ ଧର୍ମର ମୂଳତତ୍ତ୍ୱ କିପରି ଆଦର୍ଶସ୍ଥାନୀୟ

Digitized by srujanika@gmail.com

ତାହା ସେ ସମସ୍ତଙ୍କ ସମ୍ମୁଖରେ ବ୍ୟାଖ୍ୟା କରିଥିଲେ । ଶେଷରେ ରାତି ଆଠଟାରେ ସେମାନେ ଖଣ୍ଡପଡ଼ାରେ ପହଞ୍ଚିଲେ । ସେତେବେଳକୁ ସେଠାରେ ପ୍ରାୟ ସାତ ଆଠଶହ ଲୋକ, ଶିକ୍ଷକ ଓ ଛାତ୍ର ସମସ୍ତଙ୍କ ପାଇଁ ଅସ୍ଥାୟୀ ଘର, ଗ୍ୟାସ୍ ଲାଇଟ୍ ଓ ପାନ ଭୋଜନର ବ୍ୟବସ୍ଥା କରାଯାଇ-ଥିଲା । ଖଣ୍ଡପଡ଼ାର ରାଜା ସତେ ଯେପରି ଏକ ଅସ୍ଥାୟୀ ସହର ତିଆରି କରିଥିଲେ; କିନ୍ତୁ ନୀଳକଣ୍ଠ ଏସବୁ ଆଡ଼ମ୍ବରର ପକ୍ଷପାତୀ ନଥିଲେ । ସେ ରାଜାସାହେବଙ୍କୁ ଏପରି ନକରିବା ପାଇଁ ଅନୁରୋଧ କରିଥିଲେ । ସତ୍ୟବାଦୀ ବିଦ୍ୟାଳୟ ହେଉଛି ଏକ ସଂଯମ ଓ ଶୃଙ୍ଖଳାର ଅନୁଷ୍ଠାନ । ସେଠାର ନୀତିନିୟମ ଓ କାର୍ଯ୍ୟକଳାପ ବିଷୟରେ ସେ ବୁଝାଇଥିଲେ । ଏପରି ତିନିଦିନ ରହିବା ପରେ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ରାଜବାଟୀ, ଜଙ୍ଗଲ ପ୍ରଭୃତି ବୁଲି ଦେଖିଥିଲେ ଓ ସେଠାରୁ ସତ୍ୟବାଦୀକୁ ଫେରିଥିଲେ ।

ପୁରାତନ ରାଜାରାଜୁଡ଼ାଙ୍କ ଭାଟନାମକ ଏକ ପ୍ରକାର କବି ଥିଲେ । ସେମାନଙ୍କ କାର୍ଯ୍ୟ ହେଲା ଯୁଦ୍ଧ ସମୟରେ ସୈନ୍ୟବାହିନୀ ସହ ଯାଇ ପ୍ରେରଣାମୂଳକ କବିତାମାନ ଗାନ କରିବା ଓ ସେମାନଙ୍କୁ ବୀରତ୍ୱର ସହ ଯୁଦ୍ଧ କରିବା ପାଇଁ ପ୍ରେରଣା ଦେବା । ରାଜାମାନେ ଶାସନ କ୍ଷମତାରୁ ଚ୍ୟୁତ ହେବାପରେ ଇଂରେଜ ଅମଳରେ ଏହି କବିମାନଙ୍କର ଆଉ ଆବଶ୍ୟକତା ପଡ଼ିଲା ନାହିଁ । ତେଣୁ ସେମାନଙ୍କର ସଂଖ୍ୟା ଧୀରେ ଧୀରେ ଲୋପ ପାଇବାକୁ ଲାଗିଲା । ଶାସ୍ତ୍ରରେ ଅଛି—"ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା, ବନିତା, ଲତା ।" କବିମାନଙ୍କର ପ୍ରଧାନ ଆଶ୍ରୟ ହେଲେ ଗ୍ରାହକ । କିନ୍ତୁ ସେତେବେଳେ ଭାଟମାନଙ୍କର ଆଉ ଆବଶ୍ୟକତା ପଡ଼ିଲା ନାହିଁ, ସେମାନଙ୍କର ଲୋକପ୍ରିୟତା ଓ ଗ୍ରାହକତା ମଧ୍ୟ କମିବାରେ ଲାଗିଲା । ଗଡ଼ଜାତ ପରିଭ୍ରମଣ ସମୟରେ ଏହିପରି ଜଣେ ଦୁଃସ୍ଥ ଭାଟଙ୍କର ପରିଚୟ ନୀଳକଣ୍ଠ ପାଇଥିଲେ । ତାଙ୍କ ପରିସ୍ଥିତିକୁ ଲକ୍ଷ୍ୟ କରି ସେ ଲେଖିଥିଲେ—

"ଗ୍ରାହକତା ବିନା କବି ସ୍ୱର୍ଗସୁଖ
ଆନ ମୂଲେ କବି ତୋଷଇ କେହି ?"

Digitized by srujanika@gmail.com

ସତ୍ୟବାଦୀର ଛାତ୍ରମାନେ ସମଗ୍ର ବିଶ୍ୱକୁ ବିଦ୍ୟାଳୟ ରୂପେ ଗ୍ରହଣ କରିଥିଲେ । ଭ୍ରମଣ, ସେବାକାର୍ଯ୍ୟ ଓ ଅଧ୍ୟୟନ ସଙ୍ଗେ ସଙ୍ଗେ ସେମାନେ ଚିତ୍ତବିନୋଦନ ପାଇଁ ଅନେକ ପ୍ରକାର କାର୍ଯ୍ୟକ୍ରମ ମଧ୍ୟ କରୁଥିଲେ । ବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ ହେଉଥିଲା । ପୂଜା ଓ ଅନ୍ୟାନ୍ୟ ଆମୋଦକର ଉତ୍ସବର ବ୍ୟବସ୍ଥା ଥିଲା । ବାର୍ଷିକୋତ୍ସବ ତଥା ଅନ୍ୟାନ୍ୟ ସମୟରେ ନାଟକ, ଅଭିନୟ, ପାଠ୍ୟ ଓ କ୍ରୀଡ଼ାପ୍ରତିଯୋଗିତା ପ୍ରଭୃତି ଅନୁଷ୍ଠିତ ହେଉଥିଲା । ସେସବୁ ଦେଖିବାପାଇଁ ସେ ସମୟରେ ବହୁ ଲୋକ ନିମନ୍ତ୍ରିତ ହୋଇ ଆସୁଥିଲେ । ସରସ୍ୱତୀ ଓ ଗଣେଶ ପୂଜାରେ ପ୍ରାର୍ଥନା କରାଯିବା ସଙ୍ଗେ ସଙ୍ଗେ ଛାତ୍ରମାନେ ସ୍ୱରଚିତ କବିତା ଆବୃତ୍ତି କରୁଥିଲେ । ପଣ୍ଡିତ ନୀଳକଣ୍ଠ ମଧ୍ୟ ନିଜ ରଚିତ ସଂସ୍କୃତ ଓ ଓଡ଼ିଆରେ ସଙ୍ଗୀତମାନ ଆବୃତ୍ତି କରୁଥିଲେ ।

ଶିକ୍ଷା, ସେବା ଓ ମନୋରଞ୍ଜନ ସହିତ ଛାତ୍ର ମନରେ ଜାତୀୟତା-ଭାବର ସ୍ରୋତ ପ୍ରବାହିତ କରିବାପାଇଁ ସତ୍ୟବାଦୀ ଦୃଢ଼ସଂକଳ୍ପ ଥିଲା । ସେ ସମୟର ଓଡ଼ିଶାରେ ମଧୁବାବୁଙ୍କର ଗରିମାମୟ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ ଜାତୀୟତା ଭାବର ଓଁକାର ସୃଷ୍ଟି କରିଥାଏ । ବିଭିନ୍ନ ସଭା, ସମିତି ଓ ଅଧିବେଶନ ଜରିଆରେ ଓଡ଼ିଶାର ସୁପ୍ତ ଜନତାକୁ ଜାଗ୍ରତ କରାଇବାର ଚେଷ୍ଟା ଚାଲିଥାଏ । ସତ୍ୟବାଦୀର ଛାତ୍ରମାନେ ଏହାର ଅଧିବେଶନମାନଙ୍କରେ ଯୋଗଦେଇ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ । ସେମାନଙ୍କ ବକ୍ତୃତାମାନ ସର୍ବଜନ ଆଦୃତ ହେଉ-ଥିଲା । ମଧୁବାବୁଙ୍କ ନିଷ୍ଠା ଓ ସତ୍ୟବାଦୀର ଶୃଙ୍ଖଳା ଉଭୟର ସଙ୍ଗମ ଦେଖିଲେ ମନେହେଉଥିଲା ଏ ଜାତିର ପୁନରୁତ୍ଥାନ ସତେ ଯେପରି ଆଉ ବେଶୀ ବିଳମ୍ବ ନୁହେଁ । ୧୯୧୧ରୁ ୧୯୧୮ ପର୍ଯ୍ୟନ୍ତ ସତ୍ୟବାଦୀ ଗୁରୁ-କୁଳର ପ୍ରଧାନାଚାର୍ଯ୍ୟ ରୂପେ ନୀଳକଣ୍ଠ ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ବିଦ୍ୟାଳୟର ହାନିଲାଭ, ଭଲମନ୍ଦ ପ୍ରତ୍ୟେକଟି ବିଷୟ ସେ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରୁଥିଲେ । ଏପରିକି କେଉଁ ଛାତ୍ର ଛୁରିଅନା ଗଛରୁ ପତ୍ରଟିଏ ଛିଣ୍ଡାଇଦେଲା, ସେଥିପାଇଁ ମଧ୍ୟ ତାଙ୍କର ଦୃଷ୍ଟି ଥିଲା ।

ସତ୍ୟବାଦୀ ବନବିଦ୍ୟାଳୟ କେବଳ ଓଡ଼ିଶା କାହିଁକି ଓଡ଼ିଶା ବାହାରେ ଏପରିକି ସୁଦୂର ଆମେରିକାରେ ମଧ୍ୟ ନିଜ ଗରିମା ପ୍ରଚାର

Digitized by srujanika@gmail.com

କରିପାରିଥିଲା । ଅନେକ ଇଂରେଜ ଓ ଆମେରିକୀୟ ଶିକ୍ଷାବିତ୍ ଏଠାକୁ ଆସିଥିଲେ ଓ ଏଠାକାର ଶିକ୍ଷାପଦ୍ଧତି ଓ ଶୃଙ୍ଖଳା ଦେଖି ପ୍ରଶଂସାମୁଖର ହୋଇପଡ଼ୁଥିଲେ ।

## ସମାଜ ସଂସ୍କାର

ନୀଳକଣ୍ଠ ଯେତେବେଳେ ଏମ୍. ଏ. ପାସ୍. କରି ସତ୍ୟବାଦୀରେ ପାଠ ପଢ଼ାଇବାକୁ ଆସିଲେ, ସେତେବେଳେ ତାଙ୍କୁ ତୀବ୍ର ସାମାଜିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ସତ୍ୟବାଦୀ ବିଦ୍ୟାଳୟକୁ କେବଳ ସତ୍ୟବାଦୀ ପାଖରୁ ନୁହେଁ ବହୁ ଦୂରଦୂରାନ୍ତରରୁ ଓ ବିଭିନ୍ନ ଭାଷାଭାଷୀ ଓ ଜାତିର ଲୋକଙ୍କର ପିଲାମାନେ ପାଠ ପଢ଼ିବାକୁ ଆସୁଥିଲେ । ସ୍କୁଲରେ କୌଣସି ଭେଦାଭେଦ ଭାବ ନଥିଲା । ସମସ୍ତ ପିଲା ଏକାଠି ବସି ପଂକ୍ତିଭୋଜନ କରୁଥିଲେ ଓ ଜାତି ଅନୁଯାୟୀ କର୍ମବିଭାଜନର ବ୍ୟବସ୍ଥା ସେଠାରେ ନଥିଲା । ବୃତ୍ତିଗତ ବିଦ୍ୟା କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଚାଟିଆ ଅଧିକାର ହୋଇ-ନପାରେ । ତେଣୁ ବ୍ରାହ୍ମଣ ଓ ଉଚ୍ଚ ଜାତିର ପିଲା ଭଣ୍ଡାରିକାମ ଶିଖି କ୍ଷୌର କରିବାକୁ ଆରମ୍ଭ କଲେ । ଉଚ୍ଚବର୍ଣ୍ଣର ପିଲାମାନେ ବଢ଼େଇକାମ, ଚାଷକାମ, କମାରକାମ ପ୍ରଭୃତି କରିବାକୁ ଲାଗିଲେ । ଏହା ଯୋଗୁଁ ନୀଳକଣ୍ଠ ପରମ୍ପରାନିଷ୍ଠ ପଣ୍ଡିତମାନଙ୍କର ବିଷଦୃଷ୍ଟିରେ ପଡ଼ିଲେ । ପିଲାଙ୍କର ଅଭିଭାବକମାନେ ତାଙ୍କୁ ବିଦ୍ରୂପ ଓ ସତର୍ପଣରେ ଲକ୍ଷ୍ୟ କରୁଥିଲେ । ସେହି ସମୟରେ ନୀଳକଣ୍ଠ "ଅଛି ଓ ହେବ"—ଏହିପରି ଅନେକ ସମାଲୋଚନାମୂଳକ ପ୍ରବନ୍ଧ ସବୁ ଲେଖିଥିଲେ । ଫଳରେ ଏହି ସଂସ୍କାରଭାବ ସମସ୍ତ ଉତ୍କଳରେ ବ୍ୟାପ୍ତ ହୋଇଗଲା । ଏପରିକି ପଞ୍ଜାବ ବାଟେ ଦକ୍ଷିଣକୁ ଓ ମେଦିନୀପୁର ବାଟେ କଲିକତା ଆଡ଼କୁ ସେ ସବୁର ପ୍ରଭାବ ଚାଲିଗଲା ।

କଲେଜରେ ପଢ଼ିଲାବେଳୁ ନୀଳକଣ୍ଠ ନିଶ ରଖିଥିଲେ । ସେତେବେଳେ ବ୍ରାହ୍ମଣମାନେ ନିଶ ରଖିବାକୁ ଏକ ଗର୍ହିତ କାର୍ଯ୍ୟ ରୂପେ ବିବେଚନା କରୁଥିଲେ । ସୁତରାଂ ନୀଳକଣ୍ଠଙ୍କୁ ଏଥିପାଇଁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ତାଙ୍କ ଦୃଢ଼ତାର ଶେଷରେ ଜୟ

Digitized by srujanika@gmail.com

ଘଟିଥିଲା । ସେ ଯେ କେବଳ ନିଜ ରଖିଥିଲେ ତା ନୁହେଁ, ତାଙ୍କ ଗୁରୁମାନେ ମଧ୍ଯ ତାଙ୍କୁ ଅନୁକରଣ କରିଥିଲେ । ଅନ୍ୟ ଏକ ସଂସ୍କାରଧର୍ମୀ କାର୍ଯ୍ୟ ହେଲା 'ଦାଶ' ସାଙ୍ଗିଆ ପରିବର୍ତ୍ତନ । ବ୍ରାହ୍ମଣମାନଙ୍କ ମଧ୍ୟରେ ଏକ ଜାତିଗତ ଅହଂଭାବ ଥାଏ । ତେଣୁ ଦାସ ବ୍ରାହ୍ମଣମାନେ ଅନ୍ୟାନ୍ୟ ଜାତିଠାରୁ ନିଜକୁ ଭିନ୍ନ ଭାବରେ ପରିଚୟ ଦେବାପାଇଁ 'ଦାସ' ନ ଲେଖି 'ଦାଶ' ଲେଖୁଥିଲେ । ଅର୍ଥଗତ ଦୃଷ୍ଟିରୁ ବିଚାର କଲେ ଦାଶର କୌଣସି ଅର୍ଥ ନଥିବା ସ୍ଥଳେ 'ଦାସ'ର ଅର୍ଥ ହେଉଛି ପ୍ରଭୁଙ୍କର ସେବକ । କିନ୍ତୁ ବ୍ରାହ୍ମଣମାନଙ୍କର ସ୍ୱଜାତୀୟ ଅହଂକାର ନୀଳକଣ୍ଠଙ୍କ ପାଖରେ ନଥିଲା । ସେ ନିଜ ସାଙ୍ଗିଆକୁ 'ଦାଶ' ପରିବର୍ତ୍ତେ ଦାସ ଲେଖିବାକୁ ଲାଗିଲେ । ତତ୍କାଳୀନ ନୈଷ୍ଠିକ ବ୍ରାହ୍ମଣମାନେ ଏହାର ଘୋର ବିରୋଧ କଲେ । ଦାସ ଓ ଦାଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ସମାଧାନ ପାଇଁ ଗୋପବନ୍ଧୁଙ୍କ ଆଗରେ ଅଭିଯୋଗ କରାଗଲା ।ବିଶାଳ ହୃଦୟ ଉତ୍କଳମଣି ଏଭଳି ସଙ୍କୀର୍ଣ୍ଣ ମନୋଭାବର ପରିଚୟ ପାଇ ହସି ହସି ଥଟ୍ଟାରେ କହିଲେ ଯଦି 'ସ' ଓ 'ଶ' ମଧ୍ୟରେ ସମାଧାନ ନହୋଇ ପାରୁଛି, ତେବେ 'ଷ'କୁ ଗ୍ରହଣ କରାଯାଉ । ଏଣିକି ଆମେ ଦାସ ବା ଦାଶ ନ ଲେଖି ଦାଷ ଲେଖିଲେ ଚଳିବ । ଅନ୍ୟାନ୍ୟ ପଣ୍ଡିତମାନେ ଯେଉଁମାନେ ନୂତନତାର ଆହ୍ୱାନ ଶୁଣିପାରିଥିଲେ, ସେମାନେ ନୀଳକଣ୍ଠଙ୍କୁ ସମର୍ଥନ କରି ଦାସ ଲେଖିବା ଆରମ୍ଭ କରିଦେଲେ ।

ସବୁ ସମୟରେ ଓ ସବୁ ଯୁଗରେ ଏପରି କେତେକ ବ୍ୟକ୍ତି ଥାଆନ୍ତି, ଯେଉଁମାନେ କୌଣସି ପରିବର୍ତ୍ତନ ଓ ନୂତନତାର ତୀବ୍ର ବିରୋଧ କରିଥାନ୍ତି । ଏମାନଙ୍କ ସହିତ ହାତ ମିଳାନ୍ତି ସେହିମାନେ, ଯେଉଁମାନଙ୍କର ଏହି ପରିବର୍ତ୍ତନ ଫଳରେ କ୍ଷମତା ଓ ପ୍ରତିପତ୍ତି ଲୋପ ପାଇଯିବାର ଭୟ ଥାଏ । ନୀଳକଣ୍ଠ ଓ ଗୋପବନ୍ଧୁ ସତ୍ୟବାଦୀରେ ସଂସ୍କାରର ଯେଉଁ ମଙ୍ଗଳାଚରଣ ଆରମ୍ଭ କରିଥିଲେ, ତାହାକୁ ଧ୍ୱଂସ କରିବା ପାଇଁ ଏହିପରି କେତେକ ଖଳବ୍ୟକ୍ତି ସଂଗଠିତ ହେଲେ । ମାତ୍ର ପ୍ରତ୍ୟକ୍ଷଭାବରେ ବିରୋଧ କରିବାର ନୈତିକ ଶକ୍ତି ସେମାନଙ୍କର ନଥିଲା । ସୁତରାଂ ଏକ:କ୍ରମବର୍ଦ୍ଧିଷ୍ଣୁ ଅନୁଷ୍ଠାନର ମୂଳଦୁଆ ଉପରେ ଆଘାତ କରିବା ପାଇଁ ସେମାନେ ବିଦ୍ଧି

Digitized by srujanika@gmail.com

କଷ୍ଟରେ ଗଠିତ ଆଦର୍ଶ ପାଠାଗାରଟିରେ ଅଗ୍ନି ସଂଯୋଗ କରିଦେଲେ । ପାଠାଗାର ଓ ବିଦ୍ୟାଳୟ ଗୃହ ସଂପୂର୍ଣ୍ଣ ରୂପେ ପୋଡ଼ି ଧ୍ୱଂସ ପାଇଗଲା । ନୀଳକଣ୍ଠ ମ୍ରିୟମାଣ ହୋଇପଡ଼ିଲେ; ମାତ୍ର ଭାଙ୍ଗିପଡ଼ିଲେ ନାହିଁ । ସେ ଥିଲେ ଅସମ୍ଭବ ଭାବରେ ଜିଦ୍‌ଖୋର । ଅନ୍ୟମାନେ ଭାଗ୍ୟ ଆଗରେ ନିଜ ମୁଣ୍ଡ ନୁଆଇଁ ଦିଅନ୍ତି; ମାତ୍ର ନୀଳକଣ୍ଠଙ୍କ ଆଗରେ ଭାଗ୍ୟ ମୁଣ୍ଡ ନୁଆଇଁ-ଥିଲା । ଘର ପୋଡ଼ିଯିବା ପରେ ନୀଳକଣ୍ଠ ଓ ଗୋପବନ୍ଧୁ ଆରମ୍ଭ କଲେ ସେମାନଙ୍କ ପୃଥିବୀ ପ୍ରସିଦ୍ଧ ବନବିଦ୍ୟାଳୟ । ଘର ଥିବା ବିଦ୍ୟାଳୟ ଯେତିକି ସୁନାମ ଅର୍ଜିଥିଲା, ବନବିଦ୍ୟାଳୟ ତା'ର ସହସ୍ର ଗୁଣ ସୁନାମ ଅର୍ଜନ କରିପାରିଲା ।

କାଳାନୁକ୍ରମେ ସମାଜରେ ପ୍ରଚଳିତ ହୋଇଆସୁଥିବା ପ୍ରଥାକୁ ପରମ୍ପରା କୁହାଯାଏ । କିନ୍ତୁ ଏହି ପରମ୍ପରା ଯଦି ମାତ୍ର ଗୋଟିଏ ଗୋଷ୍ଠୀର ଉପକାର ସାଧନ କରିବା ସଙ୍ଗେ ସଙ୍ଗେ ଅଧିକାଂଶ ଲୋକଙ୍କର କ୍ଷତି ସାଧନ କରେ ତାହା କୁପ୍ରଥା ନାମରେ ନାମିତ ହୋଇଥାଏ । ଏହି କୁପ୍ରଥାକୁ ସମାଜରୁ ସଂପୂର୍ଣ୍ଣ ରୂପେ ଉଠାଇ ଦେଇ ପାରିଲେ ସଂଖ୍ୟାଧିକ ଲୋକ ଉପକୃତ ହୁଅନ୍ତି । ଆହୁରି ମଧ୍ୟ ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ବ୍ୟବଧାନ କମିଆସେ । ବେଳେବେଳେ କୌଣସି କାରଣ ନଥାଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଗୋଟିଏ ଗୋଟିଏ ଖିଆଲର ବଶବର୍ତ୍ତୀ ହୋଇଥାନ୍ତି । ଏହିପରି ଗୋଟିଏ ଖିଆଲ ହେଲା ନିଶ ରଖିବା । କୌଣସି ଏକ ପ୍ରାଚୀନ ସମୟରୁ ବ୍ରାହ୍ମଣମାନେ ନିଶ ନ ରଖିବାର ପରମ୍ପରା ଗଢ଼ିଆସୁଥିଲା । କିନ୍ତୁ ସଂସ୍କାରପ୍ରେମୀ ନୀଳକଣ୍ଠ ଗୋଟାଏ ଖିଆଲରେ ନିଶ ରଖିଥିଲେ । ତେଣୁ ସମାଜରେ ତାଙ୍କୁ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିଥିଲା । ଅନ୍ୟମାନେ ତାଙ୍କୁ ଥଟ୍ଟାରେ ନିଶୁଆ ନୀଳକଣ୍ଠ ବୋଲି ଡାକୁଥିଲେ । ବାସ୍ତବରେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବା ଫଳରେ ନୀଳକଣ୍ଠ ନିଶ, ଦାଢ଼ି ମାରିବାକୁ ସମୟ ପାଉନଥିଲେ । ତାଙ୍କର ଏପରି ନିଶ ଦାଢ଼ି ରଖିବାକୁ ନାପସନ୍ଦ କରି ବିଭିନ୍ନ ସଭାସମିତି କରାଗଲା । କୁତ୍ସାରଟନା କରାଗଲା । ଏପରିକି ମୁକ୍ତିମଣ୍ଡପରେ ବିଚାର ମଧ୍ୟ କରାଗଲା । କିନ୍ତୁ ସେସବୁ ଦ୍ୱାରା ନୀଳକଣ୍ଠ ନିଶକାଟିବା ଦୂରର କଥା ବରଂ ଅନ୍ୟାନ୍ୟ ଯୁବକ-ମାନେ ନିଶ ରଖି ସମାଜର ବଡ଼ପଣ୍ଡାମାନଙ୍କର'ନାକ କାଟିଦେଇଥିଲେ ।

Digitized by srujanika@gmail.com

ପ୍ରବୃତ୍ତିରେ ଆଞ୍ଚ ଆସୁଥିବାରୁ ସମାଜପତିମାନେ କେବଳ ନୀଳକଣ୍ଠଙ୍କୁ ବିରୋଧ କରୁଥିଲେ ତା ନୁହେଁ, ବରଂ ବାରମ୍ବାର ପରାଜିତ ହୋଇ ତାଙ୍କ ପରିବାର ପ୍ରତି ଲାଞ୍ଛନାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଥରେ ନୀଳକଣ୍ଠଙ୍କର ପିତା ଜଣେ ଆତ୍ମୀୟଙ୍କର ଭୋଜିରେ ଯୋଗ ଦେବାପାଇଁ ବହୁଦୂର ଗ୍ରାମକୁ ଯାଇଥାନ୍ତି । ସେଠାରେ ତାଙ୍କୁ ବାରଣ ବଢ଼େଇର ଦାସୀ କି ପୁଅରେ ଦାସୀ ବୋଲି ପ୍ରଶ୍ନ କରାଗଲା । ସେ ଏହି ତଥାକଥିତ ବଡ଼ପଣ୍ଡାମାନଙ୍କର ଅଦୂରଦର୍ଶିତା ଓ ନୀଚ ବୃଦ୍ଧିର ପରିଚୟ ପାଇ ଭୋଜି ସଭାରେ ନ ବସି ରାତାରାତି ପ୍ରାୟ ଆଠ କିଲୋମିଟର ବାଟ ଚାଲିଚାଲି ଘରକୁ ଫେରିଆସିଲେ । ନିଜ ପୁତ୍ରର ସଂସ୍କାରଧର୍ମୀ ବିଚାରଧାରାକୁ ସେ ସମର୍ଥନ କରୁଥିଲେ । ସବୁ ପ୍ରକାର ବାଧା ସତ୍ତ୍ୱେ ନୀଳକଣ୍ଠଙ୍କ ସମାଜସଂସ୍କାର ପ୍ରବର୍ତ୍ତନ ସାଫଲ୍ୟତା ଲାଭକରି ଜନସମାଜରେ ଆଦୃତ ହୋଇଥିଲା ଓ ସେଥିପାଇଁ ସେ ସାଧାରଣ ଲୋକଙ୍କ ସମ୍ମାନ ଭାଜନ ହୋଇଥିଲେ । ତାଙ୍କ ଉପରେ ଲୋକଙ୍କର ଆସ୍ଥା ଏତେ ଦୃଢ଼ ଥିଲା ଯେ ସୁବିଧା ଅସୁବିଧା ବେଳେ ଲୋକେ ତାଙ୍କର ସାହାଯ୍ୟ ନେଉଥିଲେ । ପୃଥିବୀ ମହାସମର ବେଳେ ଡାକ୍ତର କ୍ଷେତ୍ରମୋହନ ରାୟଙ୍କ (ପୂର୍ବତନ ବିଚାରପତି ବୀରକିଶୋର ରାୟଙ୍କ ବଡ଼ଭାଇ) ପରି ଶିକ୍ଷିତ ଲୋକମାନେ ତାଙ୍କ ପିଲାପିଲିଙ୍କୁ ସତ୍ୟବାଦୀ ଆଣି ସେଠାରେ ଭଡ଼ାଘରେ ନୀଳକଣ୍ଠଙ୍କ ତତ୍ତ୍ୱାବଧାନରେ ଛାଡ଼ିଦେଇ ଯୁଦ୍ଧରେ ଯୋଗ ଦେବାକୁ ଯାଇଥିଲେ । ନୀଳକଣ୍ଠଙ୍କ ପ୍ରେରଣାରେ କ୍ଷେତ୍ରମୋହନଙ୍କ ପୁତ୍ର ଶ୍ରୀ ସଂଗ୍ରାମ କେଶରୀ ରାୟ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରି ଓଡ଼ିଶାର ନାମ ରଖିଥିଲେ । ଏଥିପାଇଁ ନୀଳକଣ୍ଠ ଖୁବ୍ ଗର୍ବ ଅନୁଭବ କରି ପରବର୍ତ୍ତୀ କାଳରେ ତାଙ୍କ ସମ୍ପାଦିତ 'ନବଭାରତ' ପତ୍ରିକାରେ ସଂଗ୍ରାମଙ୍କର ପୂର୍ଣ୍ଣ ଚିତ୍ର ଦେଇ ତାଙ୍କର ଜୟଜୟକାର କରିଥିଲେ । ନୀଳକଣ୍ଠ ଥିଲେ ଇଂରେଜ ବିରୋଧୀ କଂଗ୍ରେସର ମୁଖ୍ୟ କର୍ଣ୍ଣଧାରମାନଙ୍କ ମଧ୍ୟରେ ଜଣେ ଅନ୍ୟତମ କର୍ଣ୍ଣଧାର ।

ସେ ସମୟରେ 'ସ୍ତ୍ରୀ' ଶିକ୍ଷାର ଉନ୍ନତି ଘଟିନଥିଲା । କିନ୍ତୁ ନୀଳକଣ୍ଠଙ୍କ ଆଶୀର୍ବାଦ ଓ ପ୍ରେରଣାରେ କ୍ଷେତ୍ରମୋହନଙ୍କ ଦୁଇ କନ୍ୟା ବୀଣା ଦେବୀ ଓ ଜ୍ୟୋତ୍ସ୍ନା ଦେବୀ (ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର

Digitized by srujanika@gmail.com

ସୁନାମଧନ୍ୟ ପୂର୍ବତନ ଅଧ୍ୟାପିକା) ପ୍ରଥମ ଡାକ୍ତରୀ ବିଦ୍ୟାରେ ଉଚ୍ଚ ଶିକ୍ଷା ଲାଭ କରି ଓଡ଼ିଶାର ପ୍ରଥମ ବିଶିଷ୍ଟ ଓଡ଼ିଆ ଲେଡ଼ି ଡାକ୍ତର ଭାବରେ ସୁନାମ ଅର୍ଜନ କରିଥିଲେ । ନୀଳକଣ୍ଠ ସ୍ୱାଦେଶୀ ଆନ୍ଦୋଳନରେ ଇଂରେଜ-ବିରୋଧୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବାରୁ ପରବର୍ତ୍ତୀ କାଳରେ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସ୍ୱାଧୀନ ମନୋବୃତ୍ତିକ ଶିକ୍ଷାର ପରିଚାଳନା କରୁଥିଲେ । ତେଣୁ ସେ ଓ ସତ୍ୟବାଦୀ ଅନୁଷ୍ଠାନ ଇଂରେଜ ସରକାରଙ୍କ ବିଷଦୃଷ୍ଟିରେ ପଡ଼ିଥିଲା । ସରକାର ସନ୍ଦେହ କରୁଥିଲେ ଯେ ନୀଳକଣ୍ଠ ପ୍ରଭୃତି ସ୍କୁଲ ବାହାନାରେ ସେଠାରେ ବିପ୍ଳବୀ ଦଳ ଗଢି ବକୁଳବନ ଭିତରେ ବୋମା ତିଆରି କରୁଛନ୍ତି ।

ତେଣୁ ସରକାରୀ ଗୁପ୍ତଚରମାନେ ସେଠାକୁ ଆସି ଗୁପ୍ତରେ ସେ ସ୍କୁଲ ଓ ଶିକ୍ଷକମାନଙ୍କ ନାମରେ ଗୁପ୍ତ ରିପୋର୍ଟମାନ ଉଠାଉଥିଲେ । ବୋମା ତିଆରି କଥା ଶୁଣି ନୀଳକଣ୍ଠ କହୁଥିଲେ, "ହଁ, ଆମେ ବୋମା ତିଆରି କରୁଛୁ; କିନ୍ତୁ ଯାହାକରି ଫୁଟି ଅଳ୍ପ କ୍ଷଣରେ ନଷ୍ଟ ହୋଇଯିବା ପରି ସାଧାରଣ ବୋମା ସେ ନୁହେଁ, ସେ ମଣିଷ ବୋମା । ଆମେ ଏପରି ବୋମା ତିଆରି କରୁଛୁ ଯେ କିଛି ବର୍ଷ ପରେ ଫୁଟିବ ଓ ସେ ଥରେ ଫୁଟିବା ଆରମ୍ଭ କଲେ ଆଉ ଲିଭିବ ନାହିଁ । ଇଂରେଜ ସରକାରଙ୍କ ସମସ୍ତ କୁଟନୀତିକୁ ଅଗ୍ରାହ୍ୟ କରି ଦେଶର ମଙ୍ଗଳ ନିମିତ୍ତ କାର୍ଯ୍ୟହାସଲ କରିବାରେ ସତ୍ୟବାଦୀ ଅନୁଷ୍ଠାନ ପ୍ରକୃତରେ ଗୋଟିଏ ନିର୍ଭୀକ ଦେଶସେବା ଓ ମଣିଷଗଢ଼ା ଅନୁଷ୍ଠାନରେ ପରିଣତ ହୋଇଥିଲା ।

ଆଜି ହୁଏତ ସେ ପଞ୍ଚସଖା ନାହାନ୍ତି କି ନାହିଁ ସେ ସତ୍ୟବାଦୀର କୁଟିରଅଙ୍ଗନା କୁଞ୍ଜ । କିନ୍ତୁ ସତ୍ୟବାଦୀ ବିଦ୍ୟାଳୟର ପୂର୍ବ ଐତିହ୍ୟର କୀର୍ତ୍ତି ଏବେ ବି ପ୍ରତିଭାତ ହେଉଛି । ସତ୍ୟବାଦୀ ପାଣିପବନରେ ଏବେ ମଧ୍ୟ ନୀଳକଣ୍ଠଙ୍କର କୀର୍ତ୍ତିମୟ ରୂପ ରହିଯାଇଛି ଯାହା ଯୁଗ ଯୁଗ ଧରି ଓଡ଼ିଶାର ସ୍ୱାଭିମାନକୁ ଉଜ୍ଜୀବିତ କରି ରଖିଥିବ ।

## ସତ୍ୟବାଦୀର ଇତିକଥା

୧୯୨୮ ମସିହା ଅକ୍ଟୋବର ୧୪ ତାରିଖରେ ଯଥାର୍ଥରେ ଏହି ସତ୍ୟବାଦୀ ସ୍କୁଲ ଭାଙ୍ଗିଗଲା । ତା'ର କାରଣ ହେଉଛି ଯେଉଁମାନେ

Digitized by srujanika@gmail.com

ଅନୁଷ୍ଠାନଟିକୁ ଗଢ଼ିଥିଲେ, ସେମାନଙ୍କର ଗୋଟିଏ ସ୍କୁଲ ରଖିବାର ଓ ସେଥିପାଇଁ ସ୍ଥାୟୀ ଭାବରେ କାର୍ଯ୍ୟ କରିବାର ଧୈର୍ଯ୍ୟ ଓ ଶକ୍ତି ନଥିଲା । ସତ୍ୟବାଦୀ ସ୍କୁଲ ଭାଙ୍ଗିବାର ଅଳ୍ପଦିନ ପୂର୍ବରୁ ଗୋପବନ୍ଧୁ ବାବୁ ଶାନ୍ତିନିକେତନର ରବୀନ୍ଦ୍ର ବିଦ୍ୟାଳୟ ଦେଖିବାକୁ ଯାଇଥିଲେ । ସେ ଆସି ସେ ସ୍କୁଲର ସୁନ୍ଦର ଦୃଶ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେଠାରେ ଛାତ୍ରମାନେ କିପରି ସବୁକାର୍ଯ୍ୟ ହାତେ ହାତେ କରନ୍ତି ଓ ସେ ସ୍କୁଲର ପ୍ରଶଂସା ବିଷୟରେ ବର୍ଣ୍ଣନା କରିବା ସମୟରେ ନୀଳକଣ୍ଠ ମନେ ମନେ ଉଚ୍ଚ ଅଭିଳାଷ ପୋଷଣ କରୁଥିଲେ ଯେ ସତ୍ୟବାଦୀକୁ ସେହିପରି ଏକ ପ୍ରଶଂସନୀୟ ବିଦ୍ୟାଳୟରେ ପରିଣତ କରିବେ । ମାତ୍ର ତାହା ଆଶାରେ ହିଁ ରହିଗଲା ।

କୃପାସିନ୍ଧୁ, ଗୋଦାବରୀଶ ଓ ନୀଳକଣ୍ଠ ଆଦିଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପଦପାଇଁ କିଏ ଶିକ୍ଷକ ହେବ ସ୍ଥିର ହୋଇନପାରି ସମସ୍ତେ ତିନିବର୍ଷ ଲେଖାଏଁ ରହିବାର ସ୍ଥିର କରାଗଲା ।

ଏହିପରି ସମାଧାନ ହେବାରୁ ନୀଳକଣ୍ଠ ସ୍ଥିର କଲେ ଏ ସ୍କୁଲ ଆଉ ବେଶି ଦିନ ରହିପାରିବ ନାହିଁ । ତା'ପରେ ଗୋଦାବରୀଶ ପ୍ରଧାନ ଶିକ୍ଷକ ହେଲେ ଓ ଗୋପବନ୍ଧୁ ନୀଳକଣ୍ଠଙ୍କୁ ବୋର୍ଡିଂରେ ରହିବାକୁ ମନା କରି ଗାଁକୁ ଚାଲିଗଲେ । ସ୍କୁଲର ବୋର୍ଡିଂରେ ପରିଚାଳକ କେହି ରହିଲେ ନାହିଁ । ପ୍ରଧାନ ଶିକ୍ଷକ ନାମକୁ ମାତ୍ର ବୋର୍ଡିଂର ପରିଚାଳକ ରହିଲେ । ନୀଳକଣ୍ଠ ମେସ୍‌ର ସମସ୍ତ ବିଷୟ ତନ୍ନ ତନ୍ନ କରି ବୁଝି ଥିଲେ; ମାତ୍ର ସେ ଗ୍ରାମକୁ ଯିବା ପରେ ମେସ୍‌ରେ ଛାତ୍ରମାନଙ୍କର ମେସ୍ ଖର୍ଚ୍ଚ ପ୍ରାୟ ଦେଢ଼-ହଜାର ଟଙ୍କା ବାକି ପଡ଼ିଗଲା । ନୀଳକଣ୍ଠ ଗ୍ରାମରୁ ଫେରି ବାକି ଆଦାୟ କଲେ; ମାତ୍ର ଏତେ ବାକି ହୋଇଯାଇଥିଲା ଯେ ତାହା ଆଦାୟ ହୋଇ-ପାରିଲା ନାହିଁ । ଓଡ଼ିଶାର ଦରିଦ୍ର ଅଭିଭାବକମାନଙ୍କ ପକ୍ଷେ ଏତେ ଟଙ୍କା ଦେବା ସମ୍ଭବ ନଥିଲା । ତେଣୁ ବୋର୍ଡିଂକୁ ଟଙ୍କା ଦିଆଯାଇ ପାରିଲା ନାହିଁ । ଫଳରେ ସ୍କୁଲ ଭାଙ୍ଗିବାକୁ ବାଧ୍ୟ ହେଲା । ଅନ୍ୟ ଗୋଟିଏ କାରଣ ହେଲା—ଗୋପବନ୍ଧୁ ବାବୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଯେଉଁ ରାସ୍ତା ଅବଲମ୍ବନ କଲେ ତାହା କିନ୍ତୁ ସତ୍ୟବାଦୀ ବିଦ୍ୟାଳୟର ଆଦର୍ଶ ନଥିଲା । କ୍ରମଶଃ ବିଦ୍ୟାଳୟର ଅଧଃପତନ ହେଲା ଓ ନୀଳକଣ୍ଠ ଯେଉଁ

Digitized by srujanika@gmail.com

ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟାପନା କରାଇ ସମୟ କଟାଉଥିଲେ ଓ ଆନନ୍ଦ ଉପଲବ୍ଧି କରୁଥିଲେ, ସେ ସତ୍ୟବାଦୀ ବିଦ୍ୟାଳୟ ଭାଙ୍ଗିଗଲା । ଗୋପବନ୍ଧୁ ଓ ନୀଳକଣ୍ଠ ଆଦିଙ୍କ ସ୍ୱପ୍ନ ମଧ୍ୟ ଭାଙ୍ଗିଗଲା । ତା'ପରେ ସେମାନେ ସମସ୍ତେ ରାଜନୀତିରେ ଭାଗ ନେଲେ ।

## ନୀଳକଣ୍ଠଙ୍କର କାବ୍ୟଲେଖା ଓ ସାହିତ୍ୟ ପ୍ରତିଭା

୧୯୧୮ ଖ୍ରୀଷ୍ଟାବ୍ଦ ଶେଷ ଆଡ଼କୁ ସତ୍ୟବାଦୀ ସ୍କୁଲ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ଛାଡ଼ିଲା ପରେ ନୀଳକଣ୍ଠଙ୍କର ବହୁତ କାମ କମିଗଲା । ସେ ଲେଖାପଢ଼ାରେ ମନୋନିବେଶ କଲେ । ସେତେବେଳେ ସତ୍ୟବାଦୀ ସ୍କୁଲର ଅନ୍ୟତମ ଶିକ୍ଷକ ଓ ନବ ପ୍ରତିଷ୍ଠିତ ସତ୍ୟବାଦୀ ଛାପାଖାନାର ମ୍ୟାନେଜର ଶ୍ରୀ ସତ୍ୟବାଦୀ ତ୍ରିପାଠୀଙ୍କଠାରୁ ଉତ୍ସାହ ପାଇ ସେ 'ପ୍ରଣୟିନୀ' ନାମରେ ଏକ ଅନୁବାଦ ପୂର୍ଣ୍ଣ କରି ୧୯୧୯ ଫେବୃୟାରୀରେ ପ୍ରକାଶ କରିଦେଲେ । ତା'ର ଆଦର ଚତୁର୍ଦ୍ଦିଗରେ ପ୍ରସାରିତ ହେଲା ।

ଶିକ୍ଷକତା ସମୟରେ କାରାଗାରରେ ଓ ଅନ୍ୟାନ୍ୟ କର୍ମବହୁଳ ଜୀବନରେ ଯେତେବେଳେ ସେ ଟିକିଏ ସମୟ ପାଆନ୍ତି ସେହି ସମୟ ଟିକକକୁ ସାହିତ୍ୟ ଚର୍ଚ୍ଚାରେ ନିୟୋଜିତ କରିଦିଅନ୍ତି । ବିଳାସବ୍ୟସନ ଥିଲା ତାଙ୍କ ପାଇଁ ସ୍ୱପ୍ନ । ତାଙ୍କର ଅଗାଧ ପାଣ୍ଡିତ୍ୟ ତାଙ୍କୁ ଏକାଧାରରେ କବି, ସାହିତ୍ୟିକ, ଐତିହାସିକ, ପ୍ରାବନ୍ଧିକ ଓ ଗବେଷକ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲା । ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଦିଗ ସହିତ ନୀଳକଣ୍ଠଙ୍କ ଜ୍ଞାନୋଦୀପ୍ତ ସ୍ପର୍ଶ ରହିଛି ଓ ପ୍ରତ୍ୟେକ କ୍ଷେତ୍ରରେ ସେ ଉଚ୍ଚତମ ସମ୍ମାନର ଅଧିକାରୀ ହୋଇପାରିଛନ୍ତି ।

ଉତ୍କଳ ଶିଶୁ ସାହିତ୍ୟରେ ସେ ମଧ୍ୟ ଜଣେ ବଳିଷ୍ଠ ପ୍ରତିଷ୍ଠାତା । ପିଲାଙ୍କ ରାମାୟଣ, ପିଲାଙ୍କ ମହାଭାରତ, ପିଲାଙ୍କ ଭାଗବତ ଓ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାର ଗଳ୍ପ ଓ କବିତା ଆଦି ସେ ଲେଖି ଯାଇଛନ୍ତି । ପିଲାଙ୍କ ପାଇଁ ସେ ଯେଉଁ ଭାଷା ବ୍ୟବହାର କରନ୍ତି ତାହା ସରଳ ଓ ବୋଧଗମ୍ୟ । ସେଥିରେ ଥିବା ସ୍ୱାଧୀନ ଚିନ୍ତା ଓ ଉଚ୍ଚ ଆଦର୍ଶ ଶିଶୁ ମନରେ ଉଚ୍ଚ ମୂଲ୍ୟବୋଧ ସୃଷ୍ଟି କରେ । ଦୃଷ୍ଟାନ୍ତ ସ୍ୱରୂପ ପିଲାଙ୍କ ପାଇଁ ଲେଖା 'ପିଲା ଓ ଚଢ଼େଇ' କବିତାରେ ପିଲାଟି ଚଢ଼େଇକୁ ଆଦରକରି ତା'ର ଦୁଃଖରେ ଦୁଃଖିତ ହୋଇ ତାକୁ ଭଲ ଖାଇବା ପିଇବାକୁ ଦେଇ

Digitized by srujanika@gmail.com

ମୂନା ପିଞ୍ଜରରେ ସୁଖରେ ରହି ଗୀତ ଗାଇ ସମୟ କଟାଇବାକୁ ଡାକବାବେଳେ ଚଢ଼େଇଟି ଉତ୍ତର ଦେଇଛି—

ଡେଣା ପିଟି ଖାଉଚ ମୁଁ ଇଚ୍ଛାରେ ଚର
ଜଆମ ବାଧିବ ନାହିଁ ବନ୍ଧନ ପର ।

କର୍ମମୟ ଜୀବନ ଓ ସ୍ୱାଧୀନତାର ସ୍ୱାଦ କେତେ ଏଥିରୁ ହିଁ ଦୁଇଟିଯାକ ଶିଶୁ ମନରେ ଯଥେଷ୍ଟ ପ୍ରଭାବ ପକାଇ ପାରିବ ।

ନୀଳକଣ୍ଠଙ୍କୁ ଜଣେ କଠୋରକର୍ମୀ ବ୍ୟକ୍ତି କୁହାଯାଇପାରେ । ଯେଉଁ ଲେଖା ଯାହାପାଇଁ ଯେଉଁ ଧରଣର ବା ଯେଉଁ ସ୍ତରର ହେବାର କଥା ସେହିପରି ସରଳ ଓ ପ୍ରାଞ୍ଜଳ ଭାବେ ସେ ଲେଖୁଥିଲେ । ଯେକୌଣସି ବିଷୟ ଲେଖିସାରି ସେ ସାଧାରଣ ପାଠକମାନଙ୍କ ସମ୍ମୁଖରେ ପଢ଼ି ଶୁଣାଉଥିଲେ । ତା'ପରେ ଛପାଉଥିଲେ । କେହି ଯଦି କ୍ଲିଷ୍ଟ ହୋଇଛି ବୋଲି କହନ୍ତି ସେ ତାକୁ ସଙ୍ଗେ ସଙ୍ଗେ ଚିରିଦେଇ ପୁଣି ବସି ଅନ୍ୟ ଭାବେ ଲେଖୁଥିଲେ । ତାଙ୍କର ମତ ଥିଲା ଯେଉଁମାନଙ୍କ ପାଇଁ ଲେଖା-ଯାଉଛି ସେମାନେ ଯଦି ନବୁଝିବେ, ତେବେ ଲେଖାର ମୂଲ୍ୟ ରହିଲା କେଉଁଠି ?

ନୀଳକଣ୍ଠଙ୍କର କୋଣାର୍କ, ପ୍ରଣୟିନୀ, ଖାରବେଳ, ଦାସ ନାୟକ ପ୍ରଭୃତି ଅନେକ ଅମର କାବ୍ୟ ରହିଛି । ଗଦ୍ୟ ସାହିତ୍ୟରେ ଲେଖା 'ଆର୍ଯ୍ୟ ଜୀବନ' ପରି ପ୍ରସିଦ୍ଧ ଗ୍ରନ୍ଥ ୧୯୨୪ ମସିହାରେ ଖ୍ୟାତନାମା ହିନ୍ଦୀ ସ୍ରଷ୍ଟା ଲେଖକ ଜନେନ୍ଦ୍ର କୁମାରଙ୍କ ଦ୍ୱାରା ହିନ୍ଦୀ ଭାଷାରେ ଅନୂଦିତ ହୋଇଥିଲା । ଏହା ଭାରତର ସୁଧୀ ମହଲରେ ଯଥେଷ୍ଟ ଆଦର ଓ ସମ୍ମାନର ଅଧିକାରୀ ହୋଇପାରିଥିଲା । ଏହାଛଡ଼ା ନୀଳକଣ୍ଠଙ୍କର ଭକ୍ତିଗାଥା, ଭଗବତ ଗୀତା, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ହସ୍ତ ଓ ସଂସ୍କୃତ, ଭାଷା ଓ ସାହିତ୍ୟ ପ୍ରଭୃତି ପାଣ୍ଡିତ୍ୟପୂର୍ଣ୍ଣ ଲେଖା ଓ ଯୁଗ ଯୁଗ ଧରି ବିଭିନ୍ନ ପତ୍ରିକାରେ ପ୍ରକାଶିତ ପ୍ରବନ୍ଧ ସାହିତ୍ୟ ଆଲୋଚନା ପ୍ରଭୃତି ଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଛି । ତାଙ୍କର ପ୍ରକାଶିତ ବଳିଷ୍ଠ ସନ୍ଦର୍ଭମାନଙ୍କଠାରୁ ପାଠକ ତାଙ୍କ ସାହିତ୍ୟିକ ଦୂରଦୃଷ୍ଟି, ଭାବ, ପ୍ରକାଶଭଙ୍ଗୀ ଓ ଭାଷା ବିକାଶରେ ଅସାଧାରଣ ପଟୁତା ଦେଖିଲେ

Digitized by srujanika@gmail.com

ଆଶ୍ଚର୍ଯ୍ୟାନ୍ୱିତ ନହୋଇ ରହିପାରିବ ନାହିଁ । କେବଳ ସାହିତ୍ୟ ନୁହେଁ ବରଂ ସାମ୍ବାଦିକତାରେ ଜଣେ ଅଗ୍ରଗାମୀ ପୁରୁଷ ଭାବରେ ସେ 'ଦୈନିକ ସମାଜ', 'ସେବା', 'ମାସିକ ନବଭାରତ', 'ଲୋକମତ' ଓ 'ଦୈନିକ ନବଭାରତ' ପ୍ରଭୃତି ପତ୍ରପତ୍ରିକାରେ ବିଚକ୍ଷଣ ସମ୍ପାଦନାରେ କୃତିତ୍ୱ ଅର୍ଜନ କରିଥିଲେ । ମାସିକ ନବଭାରତ କେବଳ ଗୋଟିଏ ସାହିତ୍ୟ ପତ୍ରିକା ନଥିଲା; ବରଂ ତା'ଥିଲା ଦେଶର ଅଭାବ ଅସୁବିଧା, ରାଜନୀତି ଓ ଅର୍ଥନୀତି ପ୍ରଭୃତିର ଚର୍ଚ୍ଚାପାଇଁ ଏକ ମୁଖଶାଳା ସଦୃଶ । ସେଥିରେ ସମୟୋପଯୋଗୀ ଲେଖା ସବୁ ପ୍ରକାଶିତ ହେଉଥିଲା । ନୀଳକଣ୍ଠ ପ୍ରତ୍ୟେକ ଲେଖାକୁ ଠିକ୍‌ନଖି ପରୀକ୍ଷା କରିବାପରେ ଯାଇ ପ୍ରକାଶ କରାଉଥିଲେ । ସମସ୍ତ ପତ୍ରପତ୍ରିକାରେ କେବଳ ସ୍ୱନାମଧନ୍ୟ କବି ବା ଲେଖକଙ୍କର ଲେଖାକୁ ସ୍ଥାନ ଦେବାବେଳେ ନବଭାରତ ପତ୍ରିକା ଲେଖକ ଅପେକ୍ଷା ଲେଖାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ସୁତରାଂ ନୂଆ ନୂଆ ଲେଖକମାନେ ଉତ୍ସାହିତ ହୋଇ ଲେଖାମାନ ପତ୍ରିକାରେ ବାହାରିବାକୁ ପଠାଉଥିଲେ ।

ସତ୍ୟବାଦୀ ଅନୁଷ୍ଠାନ ପରେ ପ୍ରାୟ ତିରିଶ ବର୍ଷକାଳ 'ନବଭାରତ ପ୍ରେସ' ଆଉ ଗୋଟିଏ ମଣିଷ ଗଢ଼ା ଅନୁଷ୍ଠାନରେ ପରିଣତ ହୋଇଥିଲା । ତାହା ଓଡ଼ିଶାର ବହୁ ରାଜନୈତିକ କର୍ମୀ, ସମାଜସେବୀ, କବି ଓ ଲେଖକଙ୍କର ତୀର୍ଥକେନ୍ଦ୍ର ଥିଲା । ନୀଳକଣ୍ଠ ସତେ ଯେପରି ଏକ ଜ୍ଞାନ-ମଣ୍ଡଳ । କୌଣସି ବୁଦ୍ଧିଜୀବୀଙ୍କର କୌଣସି ବିଷୟରେ ସନ୍ଦେହ ହେଲେ ସେ ନବଭାରତ ପ୍ରେସ୍‌କୁ ଆସି ତାଙ୍କ ସଙ୍ଗେ ଆଲୋଚନା କରନ୍ତି ଓ ନୂତନ ଜ୍ଞାନାଲୋକରେ ଆଲୋକିତ ହୋଇ ପ୍ରସ୍ଥାନ କରନ୍ତି ।

ନବଭାରତ ପ୍ରେସ୍ ନୀଳକଣ୍ଠଙ୍କ ଜୀବନର ଏକ ଅଭୁଲା ଅଧ୍ୟାୟ । ସେ ସ୍ଥାନ ସବୁବେଳେ ଜନଗହଳି । ପଛ ଗୃହଆଡ଼ରେ, ତାଙ୍କ ପାଖଆଡ଼ରେ ଓ ତାଙ୍କ ନିଜ କୋଠରିରେ ମଧ୍ୟ ଅନେକ କର୍ମୀ, ଛାତ୍ର ଓ ଦେଶସେବୀ-ମାନେ ସଦାସର୍ବଦା ଆସ୍ଥାନ ଜମାଇ ରହିଥାନ୍ତି । ପ୍ରେସ୍ ଲାଭାଂଶ ସବୁ ସମସ୍ତଙ୍କ ଖାଇବା ପିଇବାରେ ଖର୍ଚ୍ଚ ହୋଇଯାଏ । ଯାହା ରନ୍ଧାହୁଏ ପଣ୍ଡିତଜୀଙ୍କ ପାଖରେ ବସି ମହା ଆନନ୍ଦରେ ସମସ୍ତେ ଭୋଜନ କରନ୍ତି ।

ପଣ୍ଡିତଜୀ ଯେତେବେଳେ କଟକରେ ରହନ୍ତି ସଭାସମିତିରେ ଯୋଗ ଦେବାଛଡ଼ା ସବୁ ସମୟରେ ସେଇ କୋଠରିରେ ଥାଆନ୍ତି । ସକାଳ

Digitized by srujanika@gmail.com

ସାତଟା ଆଠଟା ବେଳକୁ ଉଠି ଦାନ୍ତ ଘଷନ୍ତି, ତା'ପରେ ନିତ୍ୟକର୍ମ ସାରି ତାଙ୍କ ମସିଣାଟିରେ ସିଧାହୋଇ ବସିପଡ଼ନ୍ତି । ସେତେବେଳେ ତାଙ୍କୁ ଦେଖିଲେ ମନେହେବ ସତେ ଯେପରି ରାମାୟଣ ଯୁଗର ଜଣେ ସିଦ୍ଧ ସାଧକ ଯୋଗୀ ବିରାଜମାନ କରିଛନ୍ତି । ଚାରିପଟେ ବହିର ହିମାଳୟ । ପୁସ୍ତକ ପଢ଼ାରେ ସେ ମଗ୍ନ । ଆବଶ୍ୟକ ପଡ଼ିଲେ କଲମ ଚାଲେ । ଯିଏ ଆସି ପହଞ୍ଚେ ତା'ପାଇଁ ସଙ୍ଗେ ସଙ୍ଗେ ଜଳଖିଆ ଓ ଚା'ର ବରାଦ କରାଯାଏ । ଅତିଥି ଖାଇଛନ୍ତି କି ନାହିଁ ଜାଣିବା ତାଙ୍କର ପ୍ରଥମ କାର୍ଯ୍ୟ । ତା'ପରେ ଆଲୋଚନା ଆରମ୍ଭ ହୁଏ ।

ଖାଇବା ପ୍ରସ୍ତୁତ ହୋଇଗଲେ ସେ କୋଠରି ନିକଟ ବାରଣ୍ଡାରେ ବାଲ୍‌ଟିଏ ପାଣିରେ ତାଙ୍କ ସ୍ନାନ କାର୍ଯ୍ୟ ସାରିନିଅନ୍ତି । ବହିପତ୍ରକୁ କିଛି ବାଟ ଘୁଞ୍ଚାଇ ନେଇ ସେଇଘରେ ପତ୍ର ପଡ଼େ । ଖାଇସାରି ପୁଣି ସେଇ ମସିଣାରେ ଆଖି ମୁଦି ପଡ଼ିଯାଆନ୍ତି । ଉପରବେଳା ପୁଣି ରାତି ନଅଟା ପର୍ଯ୍ୟନ୍ତ ଲେଖାପଢ଼ା ଆଲୋଚନା ଚାଲିଥାଏ । ସମସ୍ତେ ଶୋଇବାକୁ ଗଲେ ତାଙ୍କର ଅଧ୍ୟୟନ ଆରମ୍ଭ ହୋଇ ରାତି ତିନିଟା ପର୍ଯ୍ୟନ୍ତ ଚାଲେ । ବେଳେବେଳେ ପଢ଼ୁ ପଢ଼ୁ ସକାଳ ହୋଇଗଲେ ସେ ପୁଣି ମସିଣାଟା ଉପରେ ଗଡ଼ପଡ଼ ଆଖିମୁଦି ଶୋଇପଡ଼ନ୍ତି । କି ପ୍ରଗାଢ଼ ଜ୍ଞାନ ଲିପ୍‌ସା ! ବିଳାସ ନାହିଁ, ବଦଭ୍ୟାସ ନାହିଁ, ଏକବାରେ ନିରାଡ଼ମ୍ବର ଓ ସରଳ ଜୀବନ । ଏକମାତ୍ର ବିଳାସ—ପଠନ ଓ ବିଦ୍ୟାଚର୍ଚ୍ଚା । ହଠାତ୍ ବିଜୁଳି ବିଭ୍ରାଟ ଘଟି ଆଲୁଅରେ ବ୍ୟାଘାତ ହେଲେ ସେ ଅସହିଷ୍ଣୁ ହୋଇପଡ଼ନ୍ତି । ସମୟାନୁବର୍ତ୍ତିତା ପ୍ରତି ସେ ସତତ ସଚେତନ । କୌଣସି କାର୍ଯ୍ୟ କରିବାକୁ ଥିଲେ ଠିକ୍ ସମୟରେ କରନ୍ତି । କିଏ ସମୟ ଦେଇ ସମୟ ନ ରଖିଲେ ବା କେହି ଯଦି ଜବାବରେ ଖିଲାପ କରେ, ତା ଉପରେ ସେ ପିଲାଙ୍କ ପରି ଚିଡ଼ିଉଠନ୍ତି । ତାଙ୍କର ରାଗ ପିଲାଙ୍କ ପରି ରାଗ । ସେ ରାଗି-ଉଠିଲା ବେଳେ ମୁହଁ ନାଲି ପଡ଼ିଯାଏ ଓ ସେ ଥରିଉଠନ୍ତି । ଜାଣିବା ଲୋକ ତାଙ୍କ ରାଗ ଦେଖିଲେ ମନେ ମନେ ହସନ୍ତି । କିନ୍ତୁ ସେ ଭୁଲ୍‌ରେ ରାଗୁଛନ୍ତି ବୋଲି ତାଙ୍କୁ ବୁଝାଇଦେଲେ ସେ ଲଜ୍ଜିତ ହୋଇ "ମୋତେ ଆଗରୁ ସେ କଥା କାହିଁକି କହିଲ ନାହିଁ" ବୋଲି କହନ୍ତି । ଯେତେ ରାଗିଲେ ମଧ୍ୟ ସେ କଦାପି ଅଶ୍ଲୀଳ ଭାଷା ବ୍ୟବହାର କରନ୍ତି ନାହିଁ । ନିଜ

Digitized by srujanika@gmail.com

ଦାଢ଼ିକୁ ବହୁବାର ଭଣିପକାଇବା ତାଙ୍କ କ୍ରୋଧିତ ଅଙ୍ଗଭଙ୍ଗୀର ଲକ୍ଷଣ । ନଜାଣିବା ଲୋକ କେବଳ ତାଙ୍କ କୋପମୂର୍ତ୍ତି ବେଳେ ଭୟ ପାଇଯିବା ଅସମ୍ଭବ ନୁହେଁ । କିନ୍ତୁ ଜାଣିବାଲୋକ ସେହି କ୍ରୋଧିତ ସିଂହ ମୂର୍ତ୍ତିର ପଶ୍ଚାତ୍ ଦେଶରେ ଯେଉଁ ସରଳ ଶିଶୁ ସମ ନିଷ୍ପ୍ରାଣ ଆତ୍ମା ଲୁଚି ରହିଥାଏ, ତାହାର ପରିଚୟ ପାଇ ମନେମନେ ହସୁଥାନ୍ତି । ସେମାନେ ଜାଣନ୍ତି ତାଙ୍କର ରାଗ ସ୍ପିରିଟ୍‌ର ନିଆଁ ପରି ସଙ୍ଗେ ସଙ୍ଗେ ଖୁବ୍ ଜୋର୍‌ରେ ଜଳିଉଠେ ଓ ଅଳ୍ପ ସମୟ ପରେ ଲିଭିଯାଏ । ସେ ସର୍ବପ୍ରଥମେ ନିଜକୁ ଓ ନିଜର ଦୋଷ ଦୁର୍ବଳତାକୁ ଅନୁଶୀଳନ କରନ୍ତି । ନିଜର ଭୁଲ୍ ବୁଝିଲେ ଯେଉଁ ବ୍ୟକ୍ତି ଉପରେ ରୋଷ କରିଥାନ୍ତି ତାଙ୍କୁ କ୍ଷମାମାଗନ୍ତି । ଶ୍ରେଷ୍ଠ‌ବଡ଼, ଧନୀଦରିଦ୍ର, ପରଆପଣା ଇତ୍ୟାଦି ତାଙ୍କ ପାଖରେ କିଛି ଭେଦଭାବ ନଥାଏ ।

ଯୁବକମାନେ ଚରିତ୍ରବାନ୍ ହୁଅନ୍ତୁ ଏଥିପାଇଁ ସେ ସବୁବେଳେ ତତ୍ପର ଥା'ନ୍ତି । ସେମାନେ ବିଳାସବ୍ୟସନରେ ନମାତି, ସିନେମା ନଦେଖି, ଅଳସୁଆ ନହୋଇ, ସମୟ ନଷ୍ଟ ନକରି ନିରାଡ଼ମ୍ବର ଜୀବନ ଯାପନ କରନ୍ତୁ—ଏହା ତାଙ୍କର ଉଦ୍‌ବୋଧନ ଥିଲା । ବେଶଭୂଷା ପ୍ରତି କୌଣସି ସ୍ୱତନ୍ତ୍ର ଦୃଷ୍ଟି ନଦେବା ଉଚିତ । ମାତ୍ର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବାକୁ ସେ ଭଲପାଆନ୍ତି । ଚିରା ବା ପୁରୁଣା ଲୁଗା ସେ ପିନ୍ଧନ୍ତି । ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନଥାଏ । କିନ୍ତୁ ଅପରିଷ୍କାର ବା ମଇଳା ଲୁଗା ସେ ପିନ୍ଧି ପାରନ୍ତି ନାହିଁ । ମୁଣ୍ଡରେ ତେଲ ପ୍ରାୟ ଲଗାନ୍ତି ନାହିଁ; କିନ୍ତୁ ମୁଣ୍ଡବାଳ କୁଣ୍ଡିଆ ହୋଇ ସବୁବେଳେ ଶୃଙ୍ଖଳିତଭାବେ ଥାଏ । ମୁଖମଣ୍ଡଳ ସାତ୍ତ୍ୱିକତାର ଦିବ୍ୟ ଜ୍ୟୋତିରେ ସର୍ବଦା ଦେଦୀପ୍ୟମାନ ଦେଖାଯାଉଥାଏ ।

ଦେଶରେ ଶିକ୍ଷାର ପ୍ରସାର ପାଇଁ ସେ ସଦାସର୍ବଦା ଚିନ୍ତିତ ଥାଆନ୍ତି । ସେ ପିଲାଙ୍କ ସାଙ୍ଗରେ ପିଲା, ବଡ଼ଙ୍କ ସାଙ୍ଗରେ ବଡ଼, ଗାଉଁଲିଙ୍କ ସଙ୍ଗେ ପୂରା ଗାଉଁଲି । ଥଟ୍ଟା ଟାପରାରେ ତାଙ୍କୁ କେହି ପାରନ୍ତି ନାହିଁ । କଠିନ ବିଷୟରେ ଯୁକ୍ତିତର୍କ ବେଳେ ସେ ସବୁଠାରୁ ବେଶି ଗମ୍ଭୀର ହୋଇପଡ଼ନ୍ତି ।

Digitized by srujanika@gmail.com

ପିଲମାନଙ୍କ ପାଖରେ ବସାଇ ସେ ବହୁତ ଗପ କହନ୍ତି । ସେମାନଙ୍କ ସଙ୍ଗେ ଖୋଲା ପ୍ରାଣରେ ହସନ୍ତି । ପିଲାଙ୍କ ସଙ୍ଗେ ମିଶିଲା ବେଳେ କହନ୍ତି—"ଆମେ ଯାହା ହେବାର ହୋଇସାରିଲୁଣି, ଏମାନେ ବଡ଼ ହେବେ, ଏମାନଙ୍କ ଭିତରୁ କେତେ ବଡ଼ମଣିଷ ବାହାରିବେ, ଏମାନଙ୍କ ମନସ୍ତତ୍ତ୍ୱ ନିରୀକ୍ଷଣ କରି ଆମର ବହୁତ ଶିଖିବାର ଅଛି ।" ସେ ପିଲମାନଙ୍କୁ ହସାଇବାକୁ ବହୁତ ଅଡ଼ୁଆଳିଆ କଥା କହନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଥରେ ସେ କହୁଥିଲେ, "ଜଣେ ଲୋକର ଅନ୍ୟ ଗୋଟିଏ ଗାଁରେ କିଛି ସମ୍ପତ୍ତି ଥିଲା । ତାକୁ ଅନ୍ୟମାନେ ଖାଇଯାଉଥିଲେ । ସେଠାରେ ଲୋକମାନଙ୍କୁ ଡକାଇ ସେ ପଞ୍ଚାୟତ ହେଲା । ତା'ର କଥା କହିବା ଭଙ୍ଗୀରେ ସେ ମୁହଁଟାକୁ ବଙ୍କାଇ ଗୋଟିଏ ଗାଲ ପୂରା ଦେଖାଇ କଥା କହେ । ସେ ଏପରି କହୁଥିଲାବେଳେ ଗୋପୀ ବୋଲି ଗୋଟିଏ ଗୁଣ୍ଡାଳିଆ ଯୁବକ ସେଠାରେ ବସିଥିଲା । ସେ ହଠାତ୍ ସେ ଲୋକର ଗାଲରେ ଗୋଟିଏ ଗୁଣ୍ଡା ପକାଇଦେଇ ସେଠାରୁ ଉଠି ଦଉଡ଼ି ଦଉଡ଼ି ପଳାଇଗଲା । "ମୁଁ କଅଣ ଭୁଲ୍ କଥା କହୁଥିଲି, ମୋତେ କାହିଁକି ଗୁପୁଡ଼ାଏ ମାରି ସେ ଭଦ୍ରଲୋକ ପଳାଇଗଲେ ବୋଲି ସେ ଆପତ୍ତି କଲା ।" ଗୋପୀ ଧରା ହୋଇ ଆସିଲା । ସେ ଲୋକର କଅଣ ଭୁଲ ହେଲା ବା ସେ ଗୋପୀର କଅଣ କ୍ଷତି କଲା ଓ ଗୋପୀ କାହିଁକି ତାକୁ ମାରିଲା ବୋଲି ପଚାରିବାରେ ଗୋପୀ କହିଲା କାହାର କିଛି ଦୋଷ ନାହିଁ । ମୁଁ ତା'ର ଗାଲ ଦେଖି ଆଉ ସମ୍ଭାଳି ପାରିଲି ନାହିଁ । ପାଞ୍ଚ ଆଙ୍ଗୁଠିଆ ଗୁପୁଡ଼ାଟା ଠିକ୍ ତା ଗାଲରେ ପୂରା ବାଜିବ କି ନାହିଁ ବୋଲି ପରୀକ୍ଷା ମାତ୍ର କରୁଥିଲି । ଏତିକିରେ ଶୁଣୁଥିବା ପିଲାଏ ହସିଉଠି ପରସ୍ପର ଗାଲ ଛୁଇଁ ଗୁହାଁଚୁହିଁ ହୁଅନ୍ତି ।

ଥରେ ଜଣେ ଛାତ୍ର ନିଜ ଦେଶର ବଡ଼ତ୍ୱ ଦେଖାଇବା ପାଇଁ କହିଲେ, "ଆମ ଲୀଳାବତୀ ଯେଉଁ ସୂତ୍ରସବୁ ବାହାର କରି ଅଙ୍କ କଷୁଥିଲେ, ଗ୍ରୀସ୍‌ର ପିଥାଗୋରସ୍ ସେଇସବୁ କପିକରି ପଶ୍ଚିମ ଦେଶର ଅଙ୍କ ଶାସ୍ତ୍ର ସୃଷ୍ଟି କରିଛନ୍ତି ।" ତା'ର ଉତ୍ତରରେ ପଣ୍ଡିତଜୀ କହିଲେ, "ଲୀଳାବତୀ କିଏ ? ପିଥାଗୋରସ କେବେ ? ଲୀଳାବତୀ ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ବହୁତ ପରେ; କିନ୍ତୁ ପିଥାଗୋରସ ଯୀଶୁଙ୍କ ଜନ୍ମ ବା ଖ୍ରୀଷ୍ଟାବ୍ଦର ବହୁ ପୂର୍ବର

Digitized by srujanika@gmail.com

ଲୋକ । ସବୁଥିରେ କେବଳ ଆଗେ ବଢ଼ି ପୁରାଣ କଥା ଗର୍ବ କରିବା ଠିକ୍ ନୁହେଁ ।"

ସେ ପ୍ରାଚୀନ କାଳରେ ବେଦ, ଉପନିଷଦ, ଇତିହାସଠାରୁ ଆରମ୍ଭକରି ଆଧୁନିକ ବୈଜ୍ଞାନିକ ତଥ୍ୟ ସମ୍ବଳିତ ପ୍ରତ୍ୟେକ ପୁସ୍ତକ ଅଧ୍ୟୟନ କରନ୍ତି । ଥରେ ଆଇନ୍‌ଷ୍ଟାଇନ୍‌ଙ୍କ ରିଲେଟିଭିଟି ବିଷୟ ଥିବା ବହି ଖଣ୍ଡିଏ ପଢ଼ୁଥିଲେ । ଜଣେ ବୈଜ୍ଞାନିକ ପଣ୍ଡିତ ପଚାରିଲେ— "ଆପଣ ଏ ବହିର ଅଙ୍କ equation ସବୁ ବୁଝିପାରୁଛନ୍ତି ? ମୁଁ ସେ ଅଙ୍କଗୁଡ଼ାକ ବୁଝିପାରୁନାହିଁ । "ପଣ୍ଡିତଜୀ ଉତ୍ତର ଦେଲେ, ଅଙ୍କ ପଢ଼ିଲେ ଏପରି ବହି ବୁଝି ହେବନାହିଁ । ସେ ବହିର concept ବା ତଥ୍ୟ ନ ବୁଝିଲେ ସେ ବହି ବୁଝି ହେବନାହିଁ । ମୁଁ ତାଙ୍କର ସେ ତଥ୍ୟ ସହିତ ପରିଚିତ ନଥିବାରୁ ବହିର ବିଷୟ ପୂରା ମନକୁ ଦେଇପାରୁନାହିଁ ।"

ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ଗୋଟିଏ ଭଲ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ସେ ଅନେକଦିନୁ ଅନୁଭବ କରୁଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା, କିନ୍ତୁ ପ୍ରଦେଶ ଗଠିତ ହେବାର ବହୁ କାଳ ପର୍ଯ୍ୟନ୍ତ ଓଡ଼ିଶାର ଶିକ୍ଷାନୁଷ୍ଠାନମାନ ବିହାରର ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା । ଓଡ଼ିଶାରେ ମେଡ଼ିକାଲ କଲେଜ କି ଇଞ୍ଜିନିୟରିଂ କଲେଜ, ବୈଷୟିକ କଲେଜ ପ୍ରଭୃତି କୌଣସି ଅନୁଷ୍ଠାନ ନଥିଲା । ରେଭେନ୍‌ସା କଲେଜକୁ ଛାଡ଼ିଦେଲେ ଆନ୍ଧ୍ର ପ୍ରଦେଶରୁ ବ୍ରହ୍ମପୁର ଓ ପାରଳାଖେମୁଣ୍ଡିର ଦୁଇଟି ଅଧାପନ୍ତରିଆ କଲେଜ ମାତ୍ର ଓଡ଼ିଶାକୁ ଆସିଥିଲା । ଦେଶ ସେବାର ଆହ୍ୱାନରେ ନୀଳକଣ୍ଠ କଲିକତା ଛାଡ଼ି ଚାଲିଆସିଥିଲେ ମଧ୍ୟ ସେଠା ବିଶ୍ୱବିଦ୍ୟାଳୟର ପରୀକ୍ଷକ ଥିଲେ ଓ ତା ସହିତ ବରାବର ସମ୍ପୃକ୍ତ ଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ କୋର୍ଟ ବା ସିନେଟ୍ ମେମ୍ବର ଭାବରେ ସେ ବିଶ୍ୱବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିଥିଲେ । ତାଙ୍କର ଅଭିଜ୍ଞତା ଭିତ୍ତିରେ ସେ ଓଡ଼ିଶା ପାଇଁ ବିଶ୍ୱବିଦ୍ୟାଳୟଟିର ରୂପରେଖ କଳ୍ପନା କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଗୋଟିଏ ବିଶ୍ୱବିଦ୍ୟାଳୟ କମିଟି ଗଠନ ପାଇଁ ଉଦ୍ୟମ କରିଥିଲେ । ବ୍ରହ୍ମପୁର ସେତେବେଳକୁ ଓଡ଼ିଶାକୁ ଆସିନଥିଲେ

Digitized by srujanika@gmail.com

ମଧ୍ୟ ସେଠାରେ ଓଡ଼ିଶା ପୁନଗଠନ ପାଇଁ ବେସରକାରୀ କମିଟିଟିଏ ଗଢ଼ିଥିଲେ । ସେ ତା'ର ସଭାପତି ରୂପେ ବହୁ ତଥ୍ୟ ସଂଗ୍ରହ କରିଥିଲେ ।

ସେ ଯେତେବେଳେ ଓଡ଼ିଶା କଂଗ୍ରେସର ସଭାପତି ଥିଲେ, ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କର ବିପୁଳ ବିଜୟ ଘଟିଲା । ୧୯୩୭ରେ କଂଗ୍ରେସ ସରକାର ଗଠିତ ହେଲା । ତାଙ୍କ ସଭାପତିତ୍ୱରେ ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ କମିଟି ଗଢ଼ାଗଲା । ତାଙ୍କର ରିପୋର୍ଟକୁ ଭିତ୍ତି-କରି ଶାରଳା-ଗୋଦାବରୀଶ ମନ୍ତ୍ରିମଣ୍ଡଳ ଉତ୍କଳ ବିଶ୍ୱବିଦ୍ୟାଳୟ ବା ପ୍ରଥମକରି ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ ଗଢ଼ିବା ପାଇଁ ନିଷ୍ପତ୍ତି ଗ୍ରହଣ କଲେ ।

ନୀଳକଣ୍ଠ ଥିଲେ ଜଗନ୍ନାଥ ସଂସ୍କୃତିର ପରମ ଉପାସକ । ଭାରତ ସ୍ୱାଧୀନ ହେଲେ ବିଶ୍ୱକୁ ସେ ସାଂସ୍କୃତିକ ମୂଲ୍ୟବୋଧ ପ୍ରଦର୍ଶନ କରିବ ବୋଲି ତାଙ୍କର ଦୃଢ଼ ଆତ୍ମବିଶ୍ୱାସ ଥିଲା । ପୁରୀ ଜଗନ୍ନାଥଙ୍କ ପବିତ୍ର ସ୍ଥଳୀ । ସେଠାରେ ଗୋଟିଏ ବିରାଟ ସାଂସ୍କୃତିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ତଥା ପୃଥିବୀର ସମସ୍ତ ଦେଶର ପଣ୍ଡିତ ଓ ଛାତ୍ରମାନଙ୍କୁ ସେଠାରେ ଜଗନ୍ନାଥ ସଂସ୍କୃତି ସହିତ ପରିଚିତ କରାଇବା ପାଇଁ ତାଙ୍କର ଇଚ୍ଛା ଥିଲା ।

ନୀଳକଣ୍ଠଙ୍କ ସାହିତ୍ୟିକ କୃତିମାନଙ୍କ ମଧ୍ୟରେ 'ରାମଚଣ୍ଡୀରେ ରାତି' ଓ 'କୋଣାର୍କର ମୁଖଶାଳା'ର ଲେଖା ଅନ୍ୟତମ । ସେ ଯେତେବେଳେ ରାମଚଣ୍ଡୀ କଥା ମନେପକାନ୍ତି, ତାଙ୍କର ଚଳଚଞ୍ଚଳ ଯୌବନ ତାଙ୍କ ଆଖି-ଆଗରେ ନାଚିଉଠେ । କବିତାସବୁ ଲେଖିବାପାଇଁ ତାଙ୍କ ପ୍ରାଣରେ ପ୍ରେରଣା ଭରିଉଠେ । ତେଣୁ ତାଙ୍କ ଭାଷାରେ ଭରିଉଠେ—

"ହୃଦ ଦରପଣେ ନାଚିଯାଏ ଛବି
ପଲକେ ପଲକେ ପରାଣ ପୂରି,
ଜାଗରଣେ କେତେ ଦେଖଇ ସ୍ୱପନେ
ସ୍ୱପନେ ଦେଖଇ ପରାଣ ଭରି ।"

ନୀଳକଣ୍ଠ ଛାତ୍ରମାନଙ୍କ ସଙ୍ଗେ କୋଣାର୍କ ଦେଖିଆସିବାର କେତେ-ଦିନ ଭିତରେ ଏହି 'ରାମଚଣ୍ଡୀରେ ରାତି' କବିତାଟି ଲେଖିଥିଲେ ଓ

Digitized by srujanika@gmail.com

'କୋଣାର୍କର ମୁଖଶାଳା' ଲେଖିବା ପୂର୍ବରୁ ଗୋଟିଏ ଘଟଣାକୁ ଦେଖି ସେ କାବ୍ୟଟି ଲେଖିବାର ଉତ୍ସାହ ସେ ପାଇଥିଲେ । କୋଣାର୍କ ଦେଖିଯିବାର ଦୁଇମାସ ପୂର୍ବରୁ ସେ ଗଡ଼ଜାତ ବୁଲିଯାଇଥିଲେ । ଆଠଗଡ଼ଠାରୁ ହାତୀରେ ଚଢ଼ି ହିନ୍ଦୋଳ ଯିବା ସମୟରେ ବାଟରେ ଘୋର ବର୍ଷା ହେଲା । ସଙ୍ଗରେ ତାଙ୍କର ଦୁଇଜଣ ବନ୍ଧୁ ଥାନ୍ତି । ତେଣୁ ସେମାନେ ସମସ୍ତେ ଢେଙ୍କାନାଳ ରାଜ୍ୟର ସୀମାରେ ଥିବା ରସୁଲପୁର ଡାକବଙ୍ଗଳାରେ ରହିଲେ । ସେହି ସମୟରେ ଗୋଟିକ ଭିକ୍ଷୁକ ଭିକ୍ଷା ମାଗନ୍ତେ ସେହି ଭିକ୍ଷୁକଟି ଅନୁଗୁଳରେ ଥିବା ରାଜାଙ୍କର ଜଣେ ଭାଟ ବୋଲି ପରିଚୟ ପାଇଲେ, ସେହି ସମୟରେ ନୀଳକଣ୍ଠଙ୍କର ଇଂରେଜ କବି ସ୍କଟ୍‌ଙ୍କ ରଚିତ ଗୋଟିଏ କାବ୍ୟକଥା ମନେପଡ଼ିଯାଇଥିଲା । କାରଣ ସ୍କଟ୍ ଗୋଟିଏ ଭାଟକୁ ଦେଖି ସେ କାବ୍ୟଟି ଲେଖିଥିଲେ । ତେଣୁ କୋଣାର୍କ ନିର୍ମାଣ କଥା ଲେଖିବାକୁ ଯିବା ସମୟରେ ଇଂରେଜ କବି ସ୍କଟ୍‌ଙ୍କ କଥା ଭାବି ସେ ମାୟାଦେବୀ ନାମକ ଏକ କାବ୍ୟ ଆରମ୍ଭ କରି ସପ୍ତାହକ ମଧ୍ୟରେ ଶେଷ-କରିଥିଲେ । ଏହିସବୁ ବିଭିନ୍ନ ଅନୁଭୂତିରୁ ନୀଳକଣ୍ଠଙ୍କର ସାହିତ୍ୟ ପ୍ରତିଭାର ବେଶ୍ ପରିଚୟ ମିଳେ ।

## ଉତ୍ତର ଦୁର୍ଭିକ୍ଷ ଓ ନୀଳକଣ୍ଠଙ୍କର ଦେଶସେବା ଆହ୍ୱାନ

୧୯୧୮ରେ ଉତ୍ତର ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ସେଥିରେ ନୀଳକଣ୍ଠଙ୍କ ସେବା ଲୋକମାନଙ୍କ ମଧ୍ୟରେ ପ୍ରାଣ ସଞ୍ଚାର କରିଥିଲା । ସରକାରଙ୍କ ସାହାଯ୍ୟ ଅବ୍ୟବସ୍ଥିତ, ବିଶୃଙ୍ଖଳ ଓ ସାମାନ୍ୟ ଥିବା ସଙ୍ଗେ ସଙ୍ଗେ ଜନତାଙ୍କ ପ୍ରତି ଅତ୍ୟାଚାର ମଧ୍ୟ କରାଯାଉଥିଲା । ତାହା ନୀଳକଣ୍ଠଙ୍କ ହୃଦୟକୁ ବିଚଳିତ କରିପକାଇଥିଲା । ସେ ସରକାରଙ୍କର କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ ଓ ନିଜକୁ ବୁଭୁକ୍ଷୁ ଜନତାଙ୍କ ସେବାରେ ଉତ୍ସର୍ଗ କରିଥିଲେ ।

କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ସାର୍ ଆଶୁତୋଷ ମୁଖାର୍ଜୀ । ସେ ଭାରତରେ ଉପଯୁକ୍ତ ବିଦ୍ୟାର ପ୍ରସାର ପାଇଁ ଚେଷ୍ଟିତ ଥିଲେ । ତେଣୁ ପ୍ରତ୍ୟେକ ରାଜ୍ୟରୁ ପଣ୍ଡିତ ଲୋକମାନଙ୍କୁ ଖୋଜି ଖୋଜି କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ନିଯୁକ୍ତ କରୁଥିଲେ ।

Digitized by srujanika@gmail.com

ସେତେବେଳର କଲିକତା ବିଶ୍ୱବିଦ୍ୟାଳୟରେ ନୋବେଲ ପୁରସ୍କାର-ପ୍ରାପ୍ତ ସି.ଭି. ରମଣ, ଭାରତର ପୂର୍ବତନ ରାଷ୍ଟ୍ରପତି ଓ ବିଶିଷ୍ଟ ଦାର୍ଶନିକ ରାଧାକୃଷ୍ଣନ୍ ଇତ୍ୟାଦି ଅଧ୍ୟାପନା କରୁଥିଲେ ।

ଏକଦା ଆଶୁତୋଷ ମୁଖାର୍ଜୀ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସିଥିଲେ । ସେଠାରେ ନୀଳକଣ୍ଠଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ସେବର୍ଷ ନୀଳକଣ୍ଠ ପୁରୀର ଦୁର୍ଭିକ୍ଷରେ ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କୁ ନେଇ ଗୋପବନ୍ଧୁଙ୍କ ପ୍ରେରଣାରେ ଦୁର୍ଭିକ୍ଷ ସେବା ଶୃଙ୍ଖଳିତ ଭାବରେ କରିବାରେ ଲାଗିପଡ଼ିଥିଲେ । ଗୋପବନ୍ଧୁବାବୁ ସେତେବେଳେ ଥିଲେ ବିହାର-ଓଡ଼ିଶା କାଉନ୍‌ସିଲର ସଭ୍ୟ । ସେଥର ବିହାର-ଓଡ଼ିଶାର ଲାଟ୍ ଦୁର୍ଭିକ୍ଷ ଅଞ୍ଚଳ ଦେଖିବାକୁ ଆସିଲେ । ଗୋପବନ୍ଧୁ ପାଟଣା ଯିବାର ଥିଲା । ତେଣୁ ସେ ନୀଳକଣ୍ଠଙ୍କୁ କହିଗଲେ ଲାଟ୍‌ଙ୍କ ସହ ସ୍କୁଲର ଶିକ୍ଷକ ଓ ଛାତ୍ରମାନଙ୍କୁ ଛାଡ଼ିଦେବାକୁ । ଫଳରେ ସେ ଯାହା ଦେଖାଇବାର କଥା ଦେଖାଇ ପାରିବେ । ସେ ଦୁର୍ଭିକ୍ଷ ଅଞ୍ଚଳର ଯେଉଁ ବିବରଣୀ ପ୍ରଦାନ କରିଥିଲେ ତାହା ସେତେବେଳର ସରକାରୀ ଅଫିସର-ମାନେ ମଧ୍ୟ ଦେଇପାରିନଥିଲେ ।

ଲାଟ୍ ସାହେବ ଏ ପ୍ରଳୟଙ୍କରୀ ଦୁର୍ଭିକ୍ଷ ଦେଖି ଇଂରେଜ ରାଜତ୍ୱକୁ ଦୋଷ ଦେଇ କହିଯାଇଥିଲେ—"**What ought to have been done, has not been done.**" ( ଯାହା କରିବାର ଥିଲା କରାଯାଇନାହିଁ ) ଏହାକୁ ଏବେ ବି ଉତ୍ତର ଦୁର୍ଭିକ୍ଷ କୁହାଯାଏ । ଉତ୍ତର ଦୁର୍ଭିକ୍ଷ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷଠାରୁ ମଧ୍ୟ ଅଧିକ ଭୟଙ୍କର ଥିଲା । ସେଥିପାଇଁ ନୀଳକଣ୍ଠ ଉତ୍ତରରେ ପ୍ରାୟ ଦୁଇମାସ ରହିଥିଲେ । ବହୁତ କ୍ଷୟକ୍ଷତି ଦୃଶ୍ୟ ମଧ୍ୟ ଦେଖିଥିଲେ । ଏହି ଦୁର୍ଭିକ୍ଷର ଏକ ରିପୋର୍ଟ ଛପାଇବା ପାଇଁ ସେ କଲିକତା ଯାଇଥିଲେ । ଉତ୍ତର ଦୁର୍ଭିକ୍ଷ ବେଳେ ସେ ପାଟଣାର ସର୍ଚ୍ଚ ଲାଇଟ୍‌ରେ ମିଛ ଖବର ଦେଇଛନ୍ତି ବୋଲି କେତେକ ସରକାରୀ କର୍ମଚାରୀଙ୍କ ପ୍ରେରଣାରେ ନୀଳକଣ୍ଠଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଯାଇ ପୁରୀ କଚେରିରେ ଏକାଧିକ ମକଦ୍ଦମା ହୋଇଥିଲା । ମାତ୍ର ଲାଟ୍ ସାହେବ ଉତ୍ତର ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନଙ୍କର ଅବସ୍ଥା ନିଜେ

Digitized by srujanika@gmail.com

ଦେଖିଥିଲେ । ଲର୍ଡ୍ ସାହେବ ସମସ୍ତ କଥା ମିଛ କହି ନୀଳକଣ୍ଠଙ୍କ ମକଦ୍ଦମା ଖାରଜ କରିଥିଲେ ।

ନୀଳକଣ୍ଠ କହିଥିଲେ ଓଡ଼ିଶାର ଦୁର୍ଭିକ୍ଷ ଏପରି ମର୍ମନ୍ତୁଦ ଥିଲା ଯେ ଲୋକମାନେ ଅନାହାରରେ ମୃତ୍ୟୁବରଣ କରୁଥିଲେ । ତରୁଣ-ତରୁଣୀ-ମାନେ ଅନାହାରରେ ଅସ୍ଥିକଙ୍କାଳସାର ଦେଖାଯାଉଥିଲେ । ନୀଳକଣ୍ଠ ସେଠାରେ ଗୋଟିଏ ଘଟଣାର ଉଦାହରଣ ଦେଇଛନ୍ତି । ସେ ଓଡ଼ିଶା ଗାଁରେ ଦୋଳ ପୂର୍ଣ୍ଣିମୀ ଦିନ ରାତିରେ ଦୁର୍ଭିକ୍ଷ ସମୟରେ ମୁଡ଼ି ବାଣ୍ଟିବା ବେଳେ ହଠାତ୍ ଗହଳ ଭିତରୁ ଜଣେ ବାଳକାକୁ ଧରି ଉଠାଇ କହିଥିଲେ—"ତୁ ବୁଢ଼ୀଟାଏ ଏଥିରେ କାହିଁକି ବସିଚୁ ? ତୁ ଉଠିଯା ।" ସେ ନୀଳକଣ୍ଠଙ୍କ ଆଡ଼କୁ କାନ୍ଦକାନ୍ଦ ଗୃହିଁଲା । ଅଳ୍ପ କଅଁଳଆ ଚନ୍ଦ୍ର ଆଲୁଅ ପଡ଼ୁଥାଏ, ସେଥିରେ ସେ ଦେଖି ପାରୁନଥିଲେ । ଗ୍ରାମବାସୀମାନେ ହଠାତ୍ କହିଲେ—"ସେ ତ ପିଲାଟାଏ, ଆପଣ ତାକୁ ବାହାର କରି ଦେଉଛନ୍ତି କାହିଁକି ?" ଏ ଘଟଣା ନୀଳକଣ୍ଠଙ୍କୁ ଖୁବ୍ ଦୁଃଖ ଦେଇଥିଲା । ସେ ଗୋଟିଏ ଅଳ୍ପବୟସ୍କା ତରୁଣୀ ଥିଲା; ମାତ୍ର ଖାଦ୍ୟାଭାବରୁ ସେ ଗୋଟିଏ ବୃଦ୍ଧା ପରି ଦେଖାଯାଉଥିଲା । ତା'ର ଅଙ୍ଗସୌଷ୍ଠବ ଆଦୌ ଦେଖାଯାଉନଥିଲା । ଆଉ ଗୋଟିଏ ଘଟଣା ନୀଳକଣ୍ଠ ଯେତେବେଳେ ଚୁଡ଼ା ବାଣ୍ଟିବାକୁ ସୁତନ ନାମକ ଏକ ଗ୍ରାମକୁ ଯାଇଥିଲେ, ସେଠାରେ ଲୋକମାନେ ଖାଦ୍ୟବିନା ଏପରି ଶକ୍ତିହୀନ ହୋଇଯାଇଥିଲେ ଯେ ଚୁଡ଼ା ବଣ୍ଟାହେଲାବେଳେ ଚୁଡ଼ା ନେବାକୁ ସେମାନଙ୍କର ହାତ ଉପରକୁ ଉଠୁ-ନଥିଲା । ଏପରିକି ଲୋକମାନେ ମରିଗଲେ ସେମାନଙ୍କ ମୁର୍ଦାରକୁ ନେଇ ଶବ ସଂସ୍କାର କରିବାକୁ କାହାର ବଳ ନଥିଲା । ତେଣୁ ଗାଁର କେହି ଲୋକ ମରିଗଲେ ତାକୁ ଅତି କଷ୍ଟରେ ଘୋଷାରି ଘୋଷାରି ଶ୍ମଶାନ ପର୍ଯ୍ୟନ୍ତ ନେଇ ସେଠାରେ ଫୋପାଡ଼ି ଦେଉଥିଲେ । ସେ ଦୁଃଖଦ ଦୃଶ୍ୟ ନୀଳକଣ୍ଠଙ୍କୁ ବହୁ ବ୍ୟଥିତ କରିଥିଲା ଓ ସେ ଚିନ୍ତା କରିଥିଲେ ଯେ ଯେତେ ଅଧିକ ସେବା କରାଗଲେ ମଧ୍ୟ ଏ ଦୁର୍ଦ୍ଦିନ ଘୁଞ୍ଚାଇବାକୁ ତାହା ଯଥେଷ୍ଟ କମ୍ ବୋଧହେବ ।

Digitized by srujanika@gmail.com

## ନୀଳକଣ୍ଠ ଓ ଅସହଯୋଗ ଆନ୍ଦୋଳନ

ସାର୍ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟରେ "ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ" ପଢ଼ାଇବା ପାଇଁ ନୀଳକଣ୍ଠଙ୍କୁ ଡକାଇ ନେଇଥିଲେ । ସେ ସେହି ବିଷୟରେ ଜଣେ ଛାତ୍ରକୁ ଯୋଗ୍ୟ କରିବା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟରେ ରହିବାର ପ୍ରତିଶ୍ରୁତି ଦେଇଥିଲେ ଓ ୧୯୨୦ ମସିହା ସେପ୍‌ଟେମ୍ବର ୨୦ ତାରିଖରୁ ସତ୍ୟବାଦୀ ଛାଡ଼ି କଲିକତା ଚାଲିଯାଇଥିଲେ । ସେହିବର୍ଷ ସେପ୍‌ଟେମ୍ବର ମାସରେ କଲିକତା ସଭାରେ ଲାଲାଜୀଙ୍କ ଦ୍ୱାରା ଯଥାର୍ଥ ସତ୍ୟାଗ୍ରହର ସୂତ୍ରପାତ ହୋଇଥିଲା । ନୀଳକଣ୍ଠ କଲିକତାରେ ଅଧ୍ୟାପକ ଥାନ୍ତି । ଗୋପବନ୍ଧୁବାବୁ ସେଦିନ ତାଙ୍କ ମେସ୍‌ରେ ଥିଲେ । ଶେଷଥର ପାଇଁ ସେଦିନ ସେ ସେଇ ବାଟେ ପାଟଣା କାଉନ୍‌ସିଲ୍‌କୁ ଯାଉଥିଲେ । ରାତିରେ ଖାଇଲା ବେଳେ ନୀଳକଣ୍ଠ ତାଙ୍କୁ ବିଞ୍ଚିଦେଉଥାନ୍ତି । ସେ ତାଙ୍କୁ କହିଲେ—"ଏବେ ତୁମ-ମାନଙ୍କର ଯାହା ଇଚ୍ଛା ତାହା କର । ମୁଁ ଯାଉଛି ଏକା ଏକା ଅସହଯୋଗ ଆନ୍ଦୋଳନରେ ଯୋଗଦେବି ।" ଏହା କହୁ କହୁ କାନ୍ଦି କାନ୍ଦି ହୋଇ-ଯାଇଥିଲେ । ନୀଳକଣ୍ଠ ଟିକିଏ ରହି କହିଥିଲେ—"ଆପଣ ଏପରି କଥା କାହିଁକି କହୁଛନ୍ତି । ଜୀବନରେ ଏକାଠି କାର୍ଯ୍ୟାରମ୍ଭ କରିଥିଲେ । ଯାହା କରିବା ଏକାଠି କରିବା ।"

ଏହି ସମୟରେ ୧୯୨୧ ଜାନୁଆରୀରୁ ବିଧିମତେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ଦେଶସାରା ଆରମ୍ଭ ହୋଇଯାଇଥିଲା । ସେତେ-ବେଳେ ସମ୍ବଲପୁରର ଓକିଲ ଶ୍ରୀଯୁକ୍ତ ଭାଗୀରଥି ମିଶ୍ର କଲିକତା କଲେଜରେ ବି. ଏଲ୍. ପଢ଼ୁଥାନ୍ତି । ଏଣେ ହୁଲସ୍ଥୂଲ ପଡ଼ିଯାଇଥିଲା । ସମ୍ବଲପୁର ଲୋକେ ତାଙ୍କୁ ଡାକିଲେ ଶୀଘ୍ର ଆସ ଅସହଯୋଗରେ ଯୋଗଦିଅ । ସେ ଆସି ନୀଳକଣ୍ଠଙ୍କୁ ଡାକିଲେ, "ନୀଳକଣ୍ଠ ସବୁ କଥା ଲେଖି ଗୋପବନ୍ଧୁଙ୍କୁ ଜଣେଇଲେ । ଗୋପବନ୍ଧୁ ସଙ୍ଗେ ସଙ୍ଗେ ନୀଳକଣ୍ଠ ଓ ସେ ଓକିଲଙ୍କୁ ସଙ୍ଗରେ ଧରି ସମ୍ବଲପୁର ଚାଲିଲେ । ଏ ହେଉଛି ୧୯୨୧ ମସିହା, ଯେତେବେଳେ ଗୋପବନ୍ଧୁବାବୁ ସତ୍ୟବାଦୀ ସ୍କୁଲରେ ତତ୍‌କାଳୀନ କର୍ମକର୍ତ୍ତାଙ୍କୁ ଧରି ସତ୍ୟବାଦୀକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ ଚଳାଇଥାନ୍ତି ।

Digitized by srujanika@gmail.com

ନୀଳକଣ୍ଠ ସମ୍ବଲପୁର ଯିବାପରେ ସମ୍ବଲପୁରରେ ଘଡ଼୍ୟବାଘ ଛାଞ୍ଚାରେ ଗୋଟିଏ ବିଦ୍ୟାଳୟ ଗଢ଼ିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ଓ ଛାତ୍ରମାନଙ୍କୁ ନେଇ ଗୋଟିଏ ହରତାଳ କରିଥିଲେ । ସେହି ହରତାଳରେ ସେ ପିଲାମାନଙ୍କୁ ସମବେତ କରାଇ ଗୋଟିଏ ଶୋଭା-ଯାତ୍ରାରେ ସହର ପରିକ୍ରମା କରିଥିଲେ । ପିଲାମାନେ ଗୀତଟି ଗାଉଥିଲେ—

"ସ୍ୱରାଜ ଭୟା ଅଲବତ୍ତ ହୋଗା
ଗ୍ରେଡ଼୍ଦକେ ଆଓ ଗୋଲାମୀ
ଖରଚ ହେତ୍‌କା ଗୋଲାମ୍ ହୋକେ
କାହେ କରୋ ବଦ୍‌ନାମୀ ।"

ଏହି ଗୀତ ଶୁଣି ସମସ୍ତ ହାଇସ୍କୁଲର ଛାତ୍ରମାନେ ସ୍କୁଲ ଛାଡ଼ି ଅଲଗା ହୋଇ ଆସିଥିଲେ । ନୀଳକଣ୍ଠ କେତେକ ଛାତ୍ରଙ୍କୁ ନେଇ ସମ୍ବଲପୁରରେ ଜାତୀୟ ସ୍କୁଲ ଗଢ଼ିଥିଲେ । ସମ୍ବଲପୁରର ଜାତୀୟ ସ୍କୁଲର ଛାତ୍ରମାନଙ୍କୁ ଧରି ମଫସଲ ଅଞ୍ଚଳକୁ ଯାଇ କଲେରା ଆଦି ମାରାତ୍ମକ ରୋଗର ନିରାକରଣ ବ୍ୟବସ୍ଥା କରିଥିଲେ ।

ପୂର୍ବକାଳରେ ଲୋକମାନଙ୍କର ବହୁତ ଅନ୍ଧବିଶ୍ୱାସ ଥିଲା । କୌଣସି ଲୋକର ମାରାତ୍ମକ ରୋଗ ହେଲେ ସେମାନେ କୌଣସି ଔଷଧ ନଦେଇ ଗାଁ ଠାକୁରାଣୀଙ୍କ ଉପରେ ବିଶ୍ୱାସ ରଖି ରହୁଥିଲେ । ତେଣୁ ଅଧିକାଂଶ ଲୋକେ ରୋଗରେ ପଡ଼ି ମରୁଥିଲେ । ସେଥିପାଇଁ ନୀଳକଣ୍ଠ ଛାତ୍ରମାନଙ୍କ ସଙ୍ଗେ ଗାଁ ଗାଁ ବୁଲି ଅନ୍ଧବିଶ୍ୱାସ ତ୍ୟାଗ କରିବା ତଥା ରୋଗ ନିରାକରଣର ଉପାୟ ବତାଉଥିଲେ ।

ସମ୍ବଲପୁରରେ ଥିବାବେଳେ ନୀଳକଣ୍ଠଙ୍କର ଆଉ ଗୋଟିଏ ବିଶେଷ କାର୍ଯ୍ୟ ହେଉଛି—ସେତେବେଳେ 'ସେବା' ନାମରେ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର ସେ ବାହାର କରିଥିଲେ । ସେହି ଲେଖା ଯୋଗେ ଲୋକଙ୍କ ମଧ୍ୟରେ ବିଶେଷକରି ଓକିଲ ମହଲରେ ବଡ଼ ଚଞ୍ଚଳତା ଖେଳିଯାଇଥିଲା ।

ସେଠାରେ କଲେଜରେ ସେ କିଛିଦିନ ଓଡ଼ିଆ ପଢ଼ାଉଥିଲେ ଓ ସେହି ଓଡ଼ିଆ ପାଇଁ ଯେଉଁ ନୋଟ୍ ଦେଇଥିଲେ ୧୯୩୦ ଖ୍ରୀଷ୍ଟାବ୍ଦରେ

Digitized by srujanika@gmail.com

ଜେଲ୍‌ରେ ଥିବାବେଳେ ଓଡ଼ିଆ ବ୍ୟାକରଣ ନାମଦେଇ ସେଇଟିକୁ ବହି ଆକାରରେ ଛପାଇଥିଲେ । ତାହା ଯେତେବେଳେ ଶିକ୍ଷକମାନଙ୍କର ଓଡ଼ିଆ ଶିଖାଇବା ପାଇଁ ବିଭାଗୀୟ କର୍ତ୍ତାମାନେ ସ୍ଥିର କରି ଗେଜେଟ୍ କରିଥିଲେ । ସେଥିରେ ଗୋଟିଏ ପ୍ରଧାନ ବିଷୟ ଥିଲା ଓଡ଼ିଆ ଭାଷାର କାଳନିରୂପଣ । ସେଥିରେ ନିର୍ଦ୍ଧାର କାଳଭଙ୍ଗୀ ଥିଲା ପାଞ୍ଚଟି—ଯଥା ବର୍ତ୍ତମାନ, ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା । ଏହି ପାଞ୍ଚଟି କାଳର ପ୍ରତ୍ୟେକଟିର ତିନୋଟି ଲେଖାଏଁ ଭାବ ବ୍ୟତୀତ ଓଡ଼ିଆରେ ଆଉ ଅଧିକ କାଳ ନାହିଁ ।

| | | |
|---|---|---|
| ବର୍ତ୍ତମାନ—ମୁଁ କରେ, | ମୁଁ କରୁଥାଏ, | ମୁଁ କରିଥାଏ । |
| ଅତୀତ—ମୁଁ କଲି, | ମୁଁ କରୁଥିଲି, | ମୁଁ କରିଥିଲି । |
| ଭବିଷ୍ୟତ—ମୁଁ କରିବି, | ମୁଁ କରୁଥିବି, | ମୁଁ କରିଥିବି । |
| ସମ୍ଭାବନା—ମୁଁ କରନ୍ତି, | ମୁଁ କରୁଥାନ୍ତି, | ମୁଁ କରିଥାନ୍ତି । |
| ଅନୁଜ୍ଞା—ମୁଁ କରେ, | ମୁଁ କରୁଥାଏ, | ମୁଁ କରିଥାଏ । |

ଏହା ବ୍ୟତୀତ ନୀଳକଣ୍ଠ ଷଷ୍ଠୀ ବିଭକ୍ତିର ବ୍ୟବହାର ଆଦି ଅନେକ କଥା ଲେଖିଥିଲେ । କିନ୍ତୁ ଦୁଃଖର ବିଷୟ ସେକାଳର ଗୁଣୀମାନେ ଏହା ନ ବୁଝିପାରି ଅବାନ୍ତର ଯୁକ୍ତିସବୁ କରୁଥିଲେ ।

ସତ୍ୟବାଦୀ ସ୍କୁଲ ସମୟରେ ତାଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଏକ ବିଶେଷ ଅବଦାନ ଯାହାକି ଲିପିସଂସ୍କାର । ନୀଳକଣ୍ଠ ପ୍ରଥମେ ସେକାଳ "ଉତ୍କଳ ସାହିତ୍ୟ"ରେ ଓଡ଼ିଆରେ ଅନୁସ୍ୱାର ଦେଇ ସମସ୍ତ ବର୍ଗୀୟ ପଞ୍ଚବର୍ଣ୍ଣ ପ୍ରକାଶ କରିବାର ଲିପି ଆରମ୍ଭକରି ଦେଇଥିଲେ । ଏ ବିଷୟରେ କିନ୍ତୁ ସେକାଳର ପ୍ରସିଦ୍ଧ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ଓ ମୃତ୍ୟୁଞ୍ଜୟ ରଥଙ୍କ ନେତୃତ୍ୱରେ "ଉତ୍କଳ ସାହିତ୍ୟ" ପ୍ରଭୃତିରେ ଖୁବ୍ ପ୍ରତିବାଦ ଆରମ୍ଭ ହୋଇଯାଇଥିଲା । ପରେ ସେଇ ଆନ୍ଦୋଳନ ଫଳରେ ବିହାର-ଓଡ଼ିଶାର ଶିକ୍ଷା ବିଭାଗ ନୀଳକଣ୍ଠଙ୍କ ମତକୁ ଅତି ଆଗ୍ରହର ସହିତ ଶିକ୍ଷା ବିଭାଗପାଇଁ ଗ୍ରହଣ କରିଥିଲେ । କିନ୍ତୁ ଏବେ ମଧ୍ୟ ତାହା ପୂର୍ଣ୍ଣପୂର୍ଣ୍ଣ ପ୍ରଚଳନ ହୋଇନାହିଁ । ଟାଇପ୍‌ରାଇଟର୍ ନିମନ୍ତେ ଏହି ମତ ସମ୍ବଳିତ

Digitized by srujanika@gmail.com

ଅକ୍ଷର ତିଆରି ହେବା କଥା ସେ ଶୁଣିଥିଲେ । ତାଙ୍କର ଧାରଣାଥିଲା ଯେ, ଓଡ଼ିଆ ଲିପିର ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତିରେ ଢେର ତଫାତ୍ ରହିଯାଇଛି । ଯଥା—ଉଚ୍ଚାରଣରେ 'ସ' 'ଶ' ଓ 'ଷ'ର ପାର୍ଥକ୍ୟ ବାରିନପାରି ସେ ବହୁତଦିନ ଧରି ନୀଳକଣ୍ଠ ଦାସ ବୋଲି ଲେଖିଆସୁଥିଲେ । ନୀଳକଣ୍ଠଙ୍କୁ ଜାଣିନଥିବା ଲୋକ କରଣ ବୋଲି ଠଉରଉଥିଲେ । କିନ୍ତୁ ଲିପିସଂସ୍କାର ଅନ୍ତରାଳରେ ସେ ଜାତିଜାତିର ଅଯଥା ବିଭେଦକୁ ଏଥିରେ ଲୋପ କରିବାର ପ୍ରୟାସ କରିଥିଲେ । ବ୍ରାହ୍ମଣ ଜାତିର ବିଶେଷତ୍ୱ ଏଇ ତେଙ୍ଗା 'ଶ'ରେ ନାହିଁ, ଅଥଚ ବ୍ରାହ୍ମଣମାନେ କି ଧାରଣାରେ କେଜାଣି ବହୁ କାଳରୁ 'ଦାସ' ନ ଲେଖି 'ଦାଶ' ଲେଖୁଛନ୍ତି । ଇଂରାଜୀରେ ପୁଣି ଉଚ୍ଚାରଣରେ କୌଶଳ ସମ୍ପୂର୍ଣ୍ଣ ଅଲଗା ଥିଲାବେଳେ ଏଇ ପ୍ରତିଷ୍ଠିତ ଧାରଣାକୁ ସେଥିରେ ରୂପଦେଇ 'Das' ସ୍ଥାନରେ Dash ଲେଖିବସୁଛନ୍ତି । ନୀଳକଣ୍ଠଙ୍କ ମତରେ ଏହା ଗୋଟିଏ ସାମାଜିକ ବ୍ୟାଧି । ସେତିକିବେଳେ ପୁରୀ ସଂସ୍କୃତ କଲେଜ ଅଧ୍ୟକ୍ଷ ପଣ୍ଡିତ ଶ୍ରୀ ବିଶ୍ୱନାଥ ମହାପାତ୍ର ବାହାର କଲେ ବ୍ରାହ୍ମଣ 'ଦାସ' ହେଲେ 'ଶ' ହେବ । ଏ ବିଷୟରେ ନୀଳକଣ୍ଠ କହିଥିଲେ ଯେ ଗୋପବନ୍ଧୁ ଦାସ ଏଇ 'ଶ'କୁ ସବୁବେଳେ 'ସ' ବୋଲି ଲେଖୁଥିଲେ । ଥରେ ସେ ସ୍କୁଲ ବାରଣ୍ଡାରେ ବସି ଲେଖୁଥିଲେ । ସମସ୍ତେ 'ନୀଳକଣ୍ଠ' ବନ୍ଧୁମାନେ ଗୋପବନ୍ଧୁଙ୍କୁ ପଚାରିଲେ ବିଶ୍ୱନାଥ ମହାପାତ୍ରଙ୍କ ପରି ସୁପଣ୍ଡିତ ବ୍ରାହ୍ମଣ 'ଦାସ'କୁ 'ଦାଶ' ଲେଖୁଛନ୍ତି । ଆପଣ କାହିଁକି ସେହିପରି ଲେଖୁନାହାନ୍ତି ? ସେଠାରୁ ଦାସଆପଣେ ଟିକିଏ ଅନ୍ୟମନସ୍କ ହେଲାପରି ରହିଲେ ଓ କହିଲେ, ତେବେ ଦନ୍ତ୍ୟ 'ସ' ଓ ତାଲବ୍ୟ 'ଶ' ମଧ୍ୟରେ କଳି ? ସେ ତେଣୁ ମୂର୍ଦ୍ଧନ୍ୟ 'ଷ'ରେ 'ଗୋପବନ୍ଧୁ ଦାଷ' ବୋଲି ଦସ୍ତଖତ କଲେ । କିନ୍ତୁ ଯଥାର୍ଥରେ ବ୍ରାହ୍ମଣ 'ଦାସ' ବି ସପ୍ରାଚୀନ ହାତଲେଖାମାନଙ୍କରେ ବରାବର ଅଛନ୍ତି । ସ୍ୱର୍ଗୀୟ ପଣ୍ଡିତ ହରିହର ଦାସ ମଧ୍ୟ ନିଜନାମ 'ସ'ରେ ଦସ୍ତଖତ କରୁଥିଲେ । ଏପରିକି ନୀଳକଣ୍ଠଙ୍କ ନନା ଆନନ୍ଦ ଦାସ ମଧ୍ୟ 'ସ'ରେ ଦାଶ ଲେଖୁଥିଲେ । ଏହିପରି ଭାବରେ ଲିପିର ସଂସ୍କାର ପାଇଁ ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ମଙ୍ଗଳାଚରଣ ଆରମ୍ଭ କରିଥିଲେ ।

Digitized by srujanika@gmail.com

## ସ୍ୱତନ୍ତ୍ର ଓଡ଼ିଶା ପ୍ରସ୍ତାବ

ସତ୍ୟବାଦୀ ସ୍କୁଲ ଘଟଣାପରେ ଓ ୧୯୨୪ରେ କେନ୍ଦ୍ର ଆସେମ୍ବ୍ଲିକୁ ଗଲାପରେ ଦୁଇଟି ଓଡ଼ିଶା ସମ୍ବନ୍ଧୀୟ ବିଶିଷ୍ଟ ଘଟଣା ସେ ଉଲ୍ଲେଖ କରିଛନ୍ତି । ଗୋଟିଏ ହେଉଛି ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ବିଷୟରେ । ୧୯୨୭ ସାଲ୍ ଫେବୃୟାରୀ ୮ ତାରିଖରେ ସେ ବ୍ୟବସ୍ଥା ସଭାରେ ଗୋଟିଏ ବଡ଼ ଭଲ ବକ୍ତୃତା ଦେଇ ପ୍ରସ୍ତାବଟି ଆଗତ କରିଥିଲେ । ତାପରଦିନ କଲିକତା "Statesman"ରେ ଏ ବିଷୟରେ ଗୋଟିଏ ସୁନ୍ଦର ଅଗ୍ରଲେଖ ବାହାରିଥିଲା । ଗୋପବନ୍ଧୁ ଦାସ ସେ ଅଗ୍ରଲେଖାଟି କଟକରେ ପାଇ ବରାବର ବୁଲିବୁଲି ନିଜକୁଲେ ଓ ବାହାରେ ସେ ଲେଖାଟି ପଢ଼ି ଲୋକଙ୍କୁ ବଡ଼ ଉତ୍ସାହରେ କହୁଥାନ୍ତି । ଅବଶ୍ୟ ସେ ଲେଖାରେ ସେତେବେଳେ ଦରବାରୀ ବ୍ୟବସ୍ଥାପକ Maddyman ମାଳକଣ୍ଡକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଖଣ୍ଡିଏ ଚିଠି ଲେଖିଥିଲେ ଓ ତାଙ୍କୁ ସେଇ ଦିଗରେ ଚେଷ୍ଟା କରିବାପାଇଁ ବୁଝାଇ ଲେଖିଥିଲେ । ତାଙ୍କର Maddymanଙ୍କ ସଙ୍ଗେ କେତେକ କଥାବାର୍ତ୍ତା ବି ହୋଇଥିଲା । ସେତିକବେଳକୁ ଶାସକମାନଙ୍କ ମୁଣ୍ଡରେ ପଶିଲା, ସିନ୍ଧୁ ପ୍ରଦେଶକୁ ଗୋଟିଏ ମୁସଲମାନ ପ୍ରଦେଶ ରୂପେ ଗଢ଼ିଦେଇ ହିନ୍ଦୁଙ୍କୁ ସନ୍ତୁଷ୍ଟ କରିବାପାଇଁ ଓଡ଼ିଶାକୁ ହିନ୍ଦୁ ପ୍ରଦେଶ ରୂପେ ଗଢ଼ିଦେବା । କାର୍ଯ୍ୟରେ ତାହାହିଁ ହେଲା । କେନ୍ଦ୍ରର ଅର୍ଥ ମେମ୍ବର ଏଥିପାଇଁ ମାଳକଣ୍ଡଙ୍କୁ ବହୁତ ବୁଝାଇ ତାଙ୍କ ସଙ୍ଗେ ପରାମର୍ଶ କରି ତାଙ୍କୁ କେନ୍ଦ୍ରରୁ ଚାଳିଶଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ଶୁଣାଇଥିଲେ । ଏହି ପ୍ରଦେଶ ୧୯୩୬ ମସିହା ଏପ୍ରିଲ୍ ମାସରେ ଗଢ଼ାହେବା କଥା କେନ୍ଦ୍ରରୁ ପ୍ରଚାରିତ ହୋଇଥିଲା । ବସ୍ତୁତଃ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେଲା ।

ଏହାଛଡ଼ା ମାଳକଣ୍ଡଙ୍କ ରାଜନୀତିକ ପ୍ରବନ୍ଧ ପ୍ରତି ଗୋପବନ୍ଧୁ ଦାସଙ୍କର ଆନ୍ତରିକ ଆଗ୍ରହ ଥିଲା । ସେହି ୧୯୨୭ ମସିହାରେ ସେ 'ବମ୍ବେ ସମାଚାର'ର କଂଗ୍ରେସ ସଂଖ୍ୟାରେ "Our Linguistic Provinces" ଗୋଟିଏ ପ୍ରବନ୍ଧ ଦେଇଥିଲେ । ତାହାକୁ କଂଗ୍ରେସ ନେତାମାନେ

Digitized by srujanika@gmail.com

ଗୃହଆଡ଼େ ବାଣ୍ଟିଥିଲେ । ବିଶେଷକରି ଗୋପବନ୍ଧୁ ଏଥିରେ ଅଧିକ ଆଗ୍ରହ ପ୍ରକାଶକରି କଟକରେ ବୁଲି ବୁଲି ପ୍ରବନ୍ଧଟି ଲୋକଙ୍କୁ ଶୁଣାଇ ଆନନ୍ଦିତ କରାଉଥିଲେ ।

ଏହିପରି ମୃତ୍ୟୁ ପୂର୍ବରୁ ଗୋପବନ୍ଧୁ ନୀଳକଣ୍ଠଙ୍କୁ ବହୁ କ୍ଷେତ୍ରରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ବହୁ କ୍ଷେତ୍ରରେ ପ୍ରେରଣା ଦେବାପାଇଁ ପଶ୍ଚାତ୍‌ପଦ ହୋଇନାହାନ୍ତି । ତେଣୁ ସେ ତାଙ୍କୁ ସବୁଦିନ ମନେ-ରଖିଥିଲେ ।

## ନୀଳକଣ୍ଠଙ୍କ ଜେଲ୍ ଜୀବନ

ପ୍ରଥମ ଜେଲ୍ ବେଳେ ନୀଳକଣ୍ଠଙ୍କୁ ଛଅମାସ ଜେଲ୍ ହୋଇ-ଥିଲା । ସେ ପୁରୀରୁ ହଜାରିବାଗ ଯାଇଥିଲେ । ସେତେବେଳେ ଗୋଟିଏ ଘଟଣା ଘଟିଥିଲା । ତା' ପୂର୍ବରୁ ଗୋପବନ୍ଧୁବାବୁ ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ରଙ୍କ ସହିତ ହାତକଡ଼ି ଓ ଦଉଡ଼ି ବନ୍ଧାହୋଇ ବାଲେଶ୍ୱରରୁ କଟକ ଆସିଥିଲେ । ସେଥିପାଇଁ ତାଙ୍କୁ ସେହିପରି କଟକ ଯିବାପାଇଁ ଆଦେଶ ଦିଆଗଲା । ନୀଳକଣ୍ଠ ଜେଲର୍‌ଙ୍କୁ କହିଥିଲେ, ଆପଣମାନେ ମୋତେ ଫାଶୀ ଦିଅନ୍ତୁ ପଛେ ଅପମାନିତ କରନ୍ତୁ ନାହିଁ । ଜେଲ୍‌ରେ ସେ କାନ୍ଦିପକାଇଲେ । ସେତେବେଳେ ଗାଇସ୍ ସାହେବ ଜେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ ଥିଲେ । ସାଙ୍ଗେ ସାଙ୍ଗେ ଜେଲର୍ ସାହେବ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କ ପାଖକୁ ଧାଇଁଲେ । ଗାଇସ୍ ସାହେବ କହିଲେ, "ନୀଳକଣ୍ଠଙ୍କୁ ଆଜି ବନ୍ଦ କର । ମୁଁ ହଜାରିବାଗକୁ ଟେଲିଗ୍ରାମ କରି-ଦେଇଛି । କାଲି ସେ ଯିବେ ।" ତା'ପରଦିନ ତାଙ୍କୁ ରେଳଗାଡ଼ିରେ ହଜାରିବାଗ ପଠାଇ ଦିଆଗଲା । ସେହି ସମୟରେ ତାଙ୍କର ଝିଅ ମରି-ଯାଇଥିଲା । ଏହି ଖବର ତାଙ୍କୁ ସତ୍ୟବାଦୀ ଷ୍ଟେସନ୍‌ରେ ହରିହର କହିଥିଲେ । ନୀଳକଣ୍ଠ ଖୁବ୍ ଧୈର୍ଯ୍ୟବାନ ଲୋକ ଥିଲେ । ଦୁଃଖ ଭିତରେ ଦୁଃଖକର ସମ୍ବାଦ ଶୁଣି ମଧ୍ୟ ସେ ସ୍ଥିର ଥିଲେ ଓ ଧୈର୍ଯ୍ୟର ସହିତ ତାହା ସହ୍ୟକରିଥିଲେ । ତାଙ୍କୁ ପୋଲିସ କନେଷ୍ଟବଲ କହିଥିଲେ, "ତୁମେ ଦେବତା ନା ମଣିଷ ! ଝିଅ ମରିବା କଥା ବି ଭୁଲିଯାଉଛ ?" ତା'ପରେ ସେ ହଜାରିବାଗ ଜେଲ୍‌ରେ ରହିଥିଲେ । ସେଠାରେ ରହିବା ସମୟରେ

Digitized by srujanika@gmail.com

ସେ ରଘୁବଂଶର ଓଡ଼ିଆ ଅନୁବାଦ ଆରମ୍ଭ କରିଥିଲେ । ସେହି ଜେଲ୍‌ରେ ଆଉ ଜଣେ କଏଦୀ ଶ୍ରୀ ଜେ. ବି. କୃପାଳନୀ ରହିଥାନ୍ତି । ନୀଳକଣ୍ଠ ରଘୁବଂଶର ଅନୁବାଦ କରିବାପରେ ରାତିରେ ସୁବିଧାହେଲେ ତାଙ୍କୁ ପଢ଼ି ଶୁଣାଉଥିଲେ । ଆଉ ମଧ୍ୟ ସେ ଗୋଟିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ । ଏହି ବହିଟି ପରେ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପାଇଥିଲା । ତା'ପରେ ସେ ଶେଷଥର ୧୯୩୨ କିମ୍ବା ୧୯୩୩ରେ ଦେଢ଼ବର୍ଷ ପାଇଁ ଜେଲ୍ ଗଲେ । ସେତେବେଳେ ସାଥୀ କଏଦୀମାନଙ୍କୁ ସେ ଗୀତା ବିଷୟରେ ବକ୍ତୃତା ଦିଅନ୍ତି ଓ ସେମାନଙ୍କ ଅନୁରୋଧକ୍ରମେ ସେ ଗୀତାର ଭାଷ୍ୟ ମଧ୍ୟ ଲେଖିଥିଲେ ।

୧୯୩୩ରେ ଜେଲ୍‌ରୁ ବାହାରିଯିବା ସମୟରେ ତାଙ୍କର ଭୟଙ୍କର ସ୍ୱାସ୍ଥ୍ୟଭଙ୍ଗ ହୋଇଥିଲା । ତାଙ୍କର ପରିପାକ ଦୋଷ ଦେଖାଯାଇଥିଲା । ଏ ଖବର ତାଙ୍କର ପରିବାରବର୍ଗ ତଥା ବନ୍ଧୁମାନଙ୍କୁ ମ୍ରିୟମାଣ କରି-ପକାଇଥିଲା ।

ନୀଳକଣ୍ଠ A Class କଏଦୀ ଭାବରେ ଜେଲ୍‌ରେ ଥିଲେ ଓ ସେହି ସମୟରେ ମଧ୍ୟ ତାଙ୍କର ସ୍ତ୍ରୀ ରାଧାମଣି ଦେବୀ A Class କଏଦୀ ଭାବରେ ପୁରୀ ଜେଲ୍‌ରେ ବନ୍ଦୀ ଥା'ନ୍ତି । ନୀଳକଣ୍ଠ A Class କଏଦୀ ଥିବାରୁ ଅନ୍ୟ ସମସ୍ତ କଏଦୀମାନେ ଯେଉଁ ଧୂଆଁପତ୍ର ସବୁ ଆଣନ୍ତି ନୀଳକଣ୍ଠଙ୍କ ମୁଣ୍ଡ ତଳେ ରଖିଦିଅନ୍ତି । ଏହିପରି କିଛିଦିନ ରଖିବା ପରେ ତାଙ୍କ ମୁଣ୍ଡ ବୁଲାଇବା ରୋଗ ବାହାରିଥିଲା । ତେଣୁ ସେ ହଜାରିବାଗ ଜେଲ୍‌ରୁ ଯାଇ ପାଟଣା ଜେଲ୍‌ରେ ଚିକିତ୍ସିତ ହୋଇଥିଲେ । ଏହିପରି ତାଙ୍କର ଜେଲ୍ ଜୀବନ ବହୁ ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ କଟିଥିଲା ।

## ଓଡ଼ିଶାରେ ରାଜନୀତି ଓ ନୀଳକଣ୍ଠଙ୍କ ଅଂଶ ଗ୍ରହଣ

ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ସଂଗ୍ରାମ ଆସ୍ତେ ଆସ୍ତେ ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ କରିପକାଇଲା । ଇଂରେଜମାନେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ସୁବିଧା ସୁଯୋଗ ଭାରତୀୟମାନଙ୍କୁ ଦେବାକୁ ଲାଗିଲେ । ସଂଗ୍ରାମୀ ନୀଳକଣ୍ଠ ଓଡ଼ିଶା ରାଜନୀତିକୁ ପରିପୁଷ୍ଟ କରିବାକୁ ଅଗ୍ରସର ହେଲେ । ସେ ୧୯୨୪ରୁ ଆରମ୍ଭକରି ୧୯୪୫ ପର୍ଯ୍ୟନ୍ତ କେନ୍ଦ୍ର ଆସେମ୍ବ୍ଲିରେ ସଭ୍ୟ ଥିଲେ । ୧୯୨୩ରେ ହଜାରିବାଗ ଜେଲ୍‌ରେ

Digitized by srujanika@gmail.com

ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଥିଲବେଳେ ଏହି ଆସେମ୍ବ୍ଲିକୁ ଯିବାପାଇଁ ତାଙ୍କର ଅନୁମତି ଋହିଁଥିଲେ । ସେ ସ୍ପଷ୍ଟ କହିଥିଲେ—"ତୁମେ ଏହି Prochanger ରାଜନୀତିକ ଦଳ ସହିତ ସି. ଆର୍. ଦାସଙ୍କ ସଙ୍ଗେ ଯୋଗ ଦିଅ ।" କାରଣ ସେତେବେଳେ କଂଗ୍ରେସର ଦୁଇପ୍ରକାର ମତ ଅନୁସାରେ ଦଳ ଦୁଇଭାଗ ହୋଇଥାଏ । ଗୋଟିଏ ହେଉଛନ୍ତି—ମୋତିଲାଲ, ଚିତ୍ତରଞ୍ଜନ ଦାସ, ଭି. ଯେ. ପଟେଲ ପ୍ରଭୃତିଙ୍କ ଦଳ । ସେମାନଙ୍କ ମତ ଥିଲା ଆସେମ୍ବ୍ଲି କାଉନ୍‌ସିଲରେ ପଶି ସେହି ସୂତ୍ରରେ ସ୍ୱରାଜ୍ୟ ପାଇଁ ଦାବି କରିବା । ସେମାନଙ୍କୁ Pro-changer କୁହାଯାଇଥିଲା । ଗାନ୍ଧିଙ୍କର ମତ ଥିଲା ଭିନ୍ନ । ତାଙ୍କ ମତ ଥିଲା—କାଉନ୍‌ସିଲ୍ ପ୍ରଭୃତିକୁ ବର୍ଜନ କରିବାକୁ ହେବ । ତାଙ୍କୁ କହୁଥିଲେ No changer. ଗୋପବନ୍ଧୁ ବାବୁଙ୍କର ସମର୍ଥନ Pro-changer ଦଳ ପ୍ରତି ରହିଥିଲା । ତଥାପି ତାଙ୍କର ଦୁଇବର୍ଷ ଜେଲ୍ କାର୍ଯ୍ୟ କାଳରୁ ଆହୁରି ବର୍ଷକରୁ ଅଧିକ ବାକିଥିଲା । କିନ୍ତୁ ଜେଲ୍‌ରେ ଅନେକ ଓଡ଼ିଶାର ନେତା ସେତେବେଳେ ଇଂରେଜ ସରକାରଙ୍କ ବନ୍ଦୀଭାବରେ ଥିଲେ । ବହୁତ ବିଚାର ହେଲା । ଅନ୍ୟ ନେତାମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ପ୍ରଚାରକ ସ୍ୱର୍ଗତ ଅନନ୍ତ ମିଶ୍ର, ଶ୍ରୀ ଯଦୁମଣି ମଙ୍ଗରାଜ, ଶ୍ରୀ ଭାଗୀରଥି ମହାପାତ୍ର ପ୍ରଭୃତି । ବିଚାର ଶେଷରେ ସ୍ଥିର ହେଲା ନୀଳକଣ୍ଠ Pro-changerଙ୍କ ସହିତ ଯୋଗ ଦେଇ କେନ୍ଦ୍ର ଆସେମ୍ବ୍ଲିକୁ ଯିବେ । ନୀଳକଣ୍ଠ ଜେଲ୍‌ରୁ ଆସି ସେହି ବିଷୟ ପ୍ରଚାର କରିଦେଇଥିଲେ ।

କବି ଗୋଦାବରୀଶଙ୍କ ମତରେ ନୀଳକଣ୍ଠ ହେଉଛନ୍ତି ଓଡ଼ିଶା ରାଜନୀତିରେ ଆଦି ଅବତାର । ତାଙ୍କୁ ଲକ୍ଷ୍ୟ କରି ସେ ଗୋଟିଏ ପଂକ୍ତି କବିତା ରଚନା କରିଥିଲେ । ତାହା ହେଲା—

ପ୍ରଳୟ ପ୍ରୟୋଧି ଜଳେ ଧୃତବାନସିବେଦଂ
ବହିତ ବହିଦ ଚରିତ୍ରମ୍ ଖେଦଃ
କେଶବ ଧୃତ "କଣ୍ଠ" ଶରୀର
ଜୟ ଜଗଦୀଶ ହରେ ।

୧୯୨୮ରେ ଗୋପବନ୍ଧୁ ଇହଧାମରୁ ବିଦାୟ ନେଇଥିଲେ । ତା'ପରେ ୧୯୩୪ରେ କୁଳବୃଦ୍ଧ ମଧୁସୂଦନ ନୀଳକଣ୍ଠଙ୍କ କାନ୍ଧରେ ତାଙ୍କ

Digitized by srujanika@gmail.com

ଭଗବାନ୍ ହାତ ଧୋଇ ମୃତ୍ୟୁବରଣ କରିଥିଲେ । ସେତେବେଳେ ସେ ନୀଳକଣ୍ଠଙ୍କୁ ହିଁ ତାଙ୍କର ଯୋଗ୍ୟତମ ପରବର୍ତ୍ତୀ ଦାୟାଦ ଭାବରେ ବାଛି ନେଇଥିଲେ । ତେଣୁ ମୃତ୍ୟୁବେଳେ ସେ କହିଥିଲେ, "ତୁମକୁ ଓଡ଼ିଶା ଲାଗିଲା ।"

୧୯୩୭ରେ ନୀଳକଣ୍ଠ ଉତ୍କଳ କଂଗ୍ରେସର ସଭାପତି ହେଲେ । ସେ ଥିଲେ ସେତେବେଳର ଉତ୍କଳ ବୁଭୁକ୍ଷୁ ଜନତାର ମୁକୁଟହୀନ ସମ୍ରାଟ । ସେହି ସମୟରେ ପ୍ରଥମ ସାବାଳକ ପ୍ରାଦେଶିକ ନିର୍ବାଚନ ଆସିଲା । ଗୋଟିଏ ପଟେ କଂଗ୍ରେସ ଓ ତା'ର କର୍ଣ୍ଣଧାର ଭାବରେ ପଣ୍ଡିତ ନୀଳକଣ୍ଠ— ହସ୍ତ ସେମାନଙ୍କର ଶୂନ୍ୟ । ଅନ୍ୟ ପକ୍ଷରେ ଇଂରେଜ ସରକାର ସମର୍ଥିତ ଧନଶାଳୀ ପ୍ରାର୍ଥୀମାନେ । କଂଗ୍ରେସର ମୁଖ୍ୟ ଭିତ୍ତି ଥିଲା ପ୍ରାର୍ଥୀମାନଙ୍କର ନୈତିକତା । ସେଥିପାଇଁ ନୀଳକଣ୍ଠ ସମ୍ବଳହୀନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବାଛିଲେ । ସେପରି କାର୍ଯ୍ୟରେ କଂଗ୍ରେସ ଭିତରୁ ମଧ୍ୟ ଅନେକ ତାଙ୍କୁ ପରିହାସ କରିବାକୁ ଲାଗିଲେ । ନୀଳକଣ୍ଠ ସେଥିରେ ଦବି ନଯାଇ ଦ୍ୱିଗୁଣ ତେଜରେ ବାହାରିପଡ଼ିଲେ ।

ନୀଳକଣ୍ଠ ନୂତନ ଓଡ଼ିଶାର ଏମୁଣ୍ଡରୁ ସେମୁଣ୍ଡ ବୁଲି ବୁଲି ପ୍ରଚାର ଚଳାଇଲେ । ବିନା ଯାନବାହନରେ ଶରୀର ପ୍ରତି କୌଣସି ଦୃଷ୍ଟି ନଦେଇ ସେ ନିର୍ବାଚନ ପ୍ରଚାରରେ ଲାଗିପଡ଼ିଲେ । ବହୁ ଅସୁବିଧାର ସମ୍ମୁଖୀନ ହୋଇ ଏପରିକି ସାଇକଲ୍ ପଛ ଆଡ଼େ ବସି, ଦରକାର ପଡ଼ିଲେ ବେତାରେ ବସି ସେ ଠିକ୍ ସମୟରେ ନିର୍ବାଚନ ପ୍ରଚାର ସଭା-ମାନଙ୍କରେ ଯୋଗ ଦେଉଥିଲେ । ସେ ସମୟରେ ଆଜିକାଲି ଭଳି କୌଣସି ନିର୍ଦ୍ଦିଷ୍ଟ ଚିହ୍ନ ଉପରେ ଗୁରୁତ୍ୱ ଦିଆନଯାଇ ଭୋଟ ବାକ୍ସ ଉପରେ ଗୁରୁତ୍ୱ ଦିଆଯାଉଥିଲା । ନୀଳକଣ୍ଠ କଂଗ୍ରେସ ପାଇଁ ହଳଦିଆ ରଙ୍ଗ ବାକ୍ସର ସଙ୍କେତ ଗ୍ରହଣ କରିଥିଲେ । ଶେଷରେ ତାଙ୍କର ପ୍ରଚାର ଫଳପ୍ରଦ ହୋଇଥିଲା । ତାଙ୍କର ପ୍ରଚାର ଓଡ଼ିଶାର ସମସ୍ତ ଲୋକଙ୍କ ଉପରେ ପ୍ରଭାବ ପକାଇଥିଲା । "ଦାଢ଼ିଆ ଗାନ୍ଧି କହିଯାଇଛି ହଳଦିଆ ବାକ୍ସରେ ଭୋଟ ଦିଅ" ଧ୍ୱନିଟି ଓଡ଼ିଶାର ଏମୁଣ୍ଡ ସେମୁଣ୍ଡ ଖେଳିଯାଇଥିଲା । ଏପରିକି ଗଞ୍ଜାମ-କୋରାପୁଟର ଆଦିବାସୀ ଅଧ୍ୟୁଷିତ ଅରଣ୍ୟ ଅଞ୍ଚଳରେ

Digitized by srujanika@gmail.com

"ଦାଢ଼ିଆ ଗାନ୍ଧି କହୁଯାଇଛେ ହଲଦୀ ପେଡ଼ରେ ଭେଟ ଡାଲ୍" ଧ୍ୱନିର ଗୁଞ୍ଜନ ଖେଳିଯାଇଥିଲା ।

ତାଙ୍କର ଅଦମ୍ୟ ଉତ୍ସାହ ଓ ନିରବଚ୍ଛିନ୍ନ ଅକ୍ଲାନ୍ତ ପରିଶ୍ରମ ଫଳରେ ତାଙ୍କ ସମର୍ଥିତ ସମସ୍ତ ପ୍ରାର୍ଥୀ ନିର୍ବାଚନରେ ଜୟଲାଭ କରିଥିଲେ । କଂଗ୍ରେସର ଶୀର୍ଷ ନେତାମାନେ "ସାବାସ ଉତ୍କଳ" କହି ତାଙ୍କ ନିକଟକୁ ଅଭିନନ୍ଦନ ବାର୍ତ୍ତା ପଠାଇଥିଲେ । ଭାରତରେ ଯେଉଁ ପ୍ରଦେଶମାନଙ୍କରେ ନିର୍ବାଚନ ସରିନଥିଲା, କଂଗ୍ରେସ ସଭାପତି ଜବାହରଲାଲ ନେହେରୁଙ୍କର ନିମନ୍ତ୍ରଣ କ୍ରମେ ସେପରି କେତେକ ସ୍ଥାନକୁ ଯାଇ ସେ ନିର୍ବାଚନ ସଭାମାନଙ୍କରେ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଇଥିଲେ ।

ନିର୍ବାଚନ ପରେ ପରେ ରାଜନୀତିର ବାତାବରଣ ବଦଳି-ଯାଇଥିଲା । ଲଢ଼ୁଆ ରାଜନୀତି ସ୍ୱାର୍ଥପର କ୍ଷମତା କନ୍ଦଳ ଆଡ଼କୁ ମୁହାଁଇଲା । କଂଗ୍ରେସ ଦିଲ୍ଲୀରେ ଗୋଟିଏ କେନ୍ଦ୍ର ପାର୍ଲିଆମେଣ୍ଟାରୀ ବୋର୍ଡ଼ ଗଢ଼ି ପ୍ରାଦେଶିକ କମିଟିକୁ ଗୁରୁତ୍ୱହୀନ କରିଦେଲେ ଓ ପ୍ରାଦେଶିକ ମନ୍ତ୍ରିମଣ୍ଡଳକୁ ସିଧାସଳଖ ନିୟନ୍ତ୍ରଣ କଲେ ।

ପ୍ରାଦେଶିକ କମିଟି ଦ୍ୱାରା ନିର୍ବାଚିତ ପ୍ରାଦେଶିକ ମନ୍ତ୍ରିମଣ୍ଡଳ ଦେଶ ଶାସନ ଓ ଆଇନ୍ ପ୍ରଣୟନରେ ପ୍ରାଦେଶିକ କମିଟି ନିକଟରେ ଦାୟୀ ରହିଲେ ନାହିଁ । ତେଣୁ ମନ୍ତ୍ରିମଣ୍ଡଳ ପ୍ରାଦେଶିକ କମିଟିର ପରାମର୍ଶ ନେବା ଆବଶ୍ୟକ ମନେ ନକରି କେନ୍ଦ୍ର ପାର୍ଲିଆମେଣ୍ଟ ବୋର୍ଡ଼କୁ ସନ୍ତୁଷ୍ଟ କରି ଇଚ୍ଛାନୁଯାୟୀ ଶାସନ ଚଳାଇଲେ । ସେଥିରେ ନୀଳକଣ୍ଠ ବ୍ୟଥିତ ହୋଇ ଆପତ୍ତି ଉଠାଇଲେ । ଏପରି ବ୍ୟବସ୍ଥାର ପରିଣାମ ଯେ କିପରି ଭୟଙ୍କର ତାହା ସେ କଂଗ୍ରେସର ଶୀର୍ଷ ନେତାମାନଙ୍କୁ ଚେତେଇ ଦେଲେ; କିନ୍ତୁ ସେମାନେ ସେଥିପ୍ରତି କର୍ଣ୍ଣପାତ କଲେନାହିଁ । ବରଂ ନୀଳକଣ୍ଠ ଓ ତାଙ୍କ ସହଯୋଗୀ ବୟୋବୃଦ୍ଧ ବର୍ଷୀୟାନ ନେତାମାନଙ୍କୁ 'ଓଲୁ' ଓ 'ବୋକା' ଭଳି ଶବ୍ଦମାନ ଶୁଣିବାକୁ ମିଳିଲା । ସେମାନେ କୌଣସି ନିର୍ବାଚନ ମଣ୍ଡଳୀରୁ ନିଜେ ପ୍ରାର୍ଥୀ ନହୋଇ ଅନ୍ୟମାନଙ୍କ ପାଇଁ ପ୍ରଚାର ଚଳାଇ ସେମାନଙ୍କୁ ଜୟଯୁକ୍ତ କରାଇଥିବାରୁ ସେମାନେ ଏହିପରି ତାଙ୍କୁ କହିଥିଲେ । ଏହା ପରେ ପରେ ପ୍ରାଦେଶିକ କଂଗ୍ରେସ କମିଟି ନିଜର

Digitized by srujanika@gmail.com

ପ୍ରାଧାନ୍ୟ ହରାଇ କେବଳ ଭୋଟ ସଂଗ୍ରହକାରୀ ଅନୁଷ୍ଠାନ ଭାବରେ ତିଷ୍ଠି ରହିଲା ।

ଓଡ଼ିଶା କଂଗ୍ରେସର ସଭାପତି ଭାବରେ ୧୯୩୨ ନୀଳକଣ୍ଠଙ୍କୁ ଦେଢ଼ବର୍ଷ ପାଇଁ ଜେଲ୍ ଭୋଗିବାକୁ ହୋଇଥିଲା । ସେତେବେଳେ ଗୋପବନ୍ଧୁ ବାବୁ ନଥିଲେ । ନୀଳକଣ୍ଠ ଜେଲ୍‌ରୁ ଆସି ପୁନର୍ବାର କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । ଏଥର ନେତା ଥିଲେ ବମ୍ବେର ଶ୍ରୀ ଭୋଲାଭାଇ ଦେଶାଇ । ଏଥର ମଧ୍ୟ ନୀଳକଣ୍ଠ ସେନେଟରୀ ଭାବରେ ନିର୍ବାଚିତ ହୋଇଥିଲେ ।

ଆଉ ଗୋଟିଏ କଥା ହେଉଛି—ଏତିକିବେଳେ କେତେଜଣ ମହିଳା ସଭା କରି କଂଗ୍ରେସ ନେତାମାନଙ୍କୁ ଧରି ଝିଅଙ୍କୁ ପୈତୃକ ସମ୍ପତ୍ତିରେ ଭାଗଦେବା ବିଷୟରେ ଆଇନ କରିବାକୁ ବସିଥିଲେ । କିନ୍ତୁ ନୀଳକଣ୍ଠ ଏହାକୁ ବାରମ୍ବାର ବାଧାଦେଇ କହିଥିଲେ ଯେ ମହିଳାଙ୍କୁ ଭାଗଦେବା ଦରକାର ହେଲେ (ବୋହୂ, ପୁତ୍ରବଧୂ)ଙ୍କୁ ଭାଗଦେବା ବ୍ୟବସ୍ଥା କରାଯାଉ । ତା ନହେଲେ ପରିବାର ଛିନ୍ନଭିନ୍ନ ହୋଇଯିବ ଓ କାଳକ୍ରମେ କୌଣସି ସମ୍ପତ୍ତି ରକ୍ଷି ହୋଇପାରିବ ନାହିଁ । ତତ୍କାଳୀନ କଂଗ୍ରେସ ନେତାମାନେ ଝିଅଙ୍କୁ ଭାଗ ଦେବାରେ ବଦ୍ଧପରିକର ଥିଲେ । ତେଣୁ ନୀଳକଣ୍ଠ ଏ ବିଷୟରେ କମିଟିରେ ବହୁ ବିରୋଧୀ ମତ ଗୁପି ବାଣ୍ଟିଥିଲେ ।

ଫୈଜପୁର କଂଗ୍ରେସରେ ଯେତେବେଳେ ଓଡ଼ିଶାରୁ ସଭ୍ୟ ନେଇ **All India Orissa Working Committee** ଗଢ଼ିବାର ବ୍ୟବସ୍ଥା ହେଲା, ଯେତେବେଳେ ମହାତ୍ମାଗାନ୍ଧି ନୀଳକଣ୍ଠଙ୍କ ନାମ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଅନ୍ୟ କେତେଜଣ ହରେକୃଷ୍ଣ ମହତାବଙ୍କ ନାମ ଆଗତ କରିଥିଲେ । ଯେଉଁଠାରେ ସୁଭାଷ ବାବୁଙ୍କ ବକ୍ତୃତାରେ କଟକର ଉକଳ ସମ୍ମିଳନୀ ବାବୁ ଉପସ୍ଥିତ ଥାନ୍ତି । ୧୯୩୮ରେ ସୁଭାଷ ଚନ୍ଦ୍ର ବୋଷ ଜାତୀୟ କଂଗ୍ରେସର ସଭାପତି ହେବା ପରେ ବିଶ୍ୱଯୁଦ୍ଧ ଲାଗିଯାଇଥାଏ । ଏହି ସମୟରେ ଇଂରେଜଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ଘୋଷଣାର ପ୍ରସ୍ତାବ ନେତାଜୀ ଦେଇଥିଲେ । କିନ୍ତୁ ଦେଶ ପ୍ରସ୍ତୁତ ନୁହେଁ ବୋଲି କହି ବୁଙ୍ଗ ନେତାମାନେ ତାଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଲେ ନାହିଁ । କେତେକ

Digitized by srujanika@gmail.com

ସ୍ୱାର୍ଥାନ୍ୱେଷୀ ନେତାଙ୍କ ଚକ୍ରାନ୍ତରେ ପରେ ସୁଭାଷ କଂଗ୍ରେସର ସଭାପତି ପଦରୁ ବିତାଡ଼ିତ ହେଲେ ।

ସୁଭାଷ ପିଲାଦିନୁ ସତ୍ୟବାଦୀ ପଞ୍ଚସଖାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ସେମାନଙ୍କୁ ସେ ଗୁରୁସ୍ଥାନୀୟ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କର ବୈପ୍ଳବିକ ପନ୍ଥାକୁ ସତ୍ୟବାଦୀର ପଞ୍ଚସଖା ସର୍ବଦା ସମର୍ଥନ କରୁଥିଲେ । ନୀଳକଣ୍ଠ ଯେତେବେଳେ ଉତ୍କଳ କଂଗ୍ରେସର ସଭାପତି ଥିଲେ, ସେତେବେଳେ ସୁଭାଷଙ୍କ ପନ୍ଥା ଠିକ୍ ବୋଲି ମତପ୍ରକାଶ କରିଥିଲେ । ନେତାଜୀ କଂଗ୍ରେସରୁ ବାହାରିଯିବା ପରେ ଜଣେ ପୂର୍ବତନ ସଭାପତି ଭାବରେ ତାଙ୍କୁ ସ୍ୱାଗତ କରି ଉତ୍କଳ କଂଗ୍ରେସ ତରଫରୁ ଓଡ଼ିଶାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରି ତାଙ୍କ ମତର ପ୍ରଚାର କରାଇଥିଲେ । ତୁଙ୍ଗ କଂଗ୍ରେସ ନେତା ଓ କେନ୍ଦ୍ର କମିଟିର ଇଚ୍ଛା ବିରୁଦ୍ଧରେ ସେ ଏପରି କରିଥିଲେ । ସୁତରାଂ କଂଗ୍ରେସର ସର୍ବ ଭାରତୀୟ ନେତାମାନଙ୍କର କୋପଦୃଷ୍ଟିରେ ସେ ପଡ଼ିଲେ । ୧୯୩୯ରେ ନୀଳକଣ୍ଠ କଂଗ୍ରେସ ଅନୁଷ୍ଠାନରୁ ଓହରିଗଲେ । ନିଜମତର ଗୁରୁତ୍ୱ ରକ୍ଷା କରିବା ପାଇଁ ମନ୍ତ୍ରିମଣ୍ଡଳରୁ ଓହରିଯିବା ପରେ ସେ ସୁଭାଷଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିଥିଲେ । ଭାରତକୁ ଭାଗ ଭାଗ କରିବା ରାଜନୀତିକୁ ସେ ବିରୋଧ କରୁଥିଲେ । ତେଣୁ ମୁସଲିମ୍ ଲିଗ୍ ସହିତ ଗଢ଼ା ହୋଇଥିବା ପାରଳା-ଗୋଦାବରୀଶ-ସୋଭାନ ଖାଁ ମନ୍ତ୍ରିମଣ୍ଡଳକୁ ସମର୍ଥନ ଜଣାଇଥିଲେ ।

୧୯୫୧ ପର୍ଯ୍ୟନ୍ତ ସେ ପୂରାପୂରି ଜଣେ ସାହିତ୍ୟିକର ଜୀବନ ବ୍ୟତୀତ କରିଥିଲେ । ୧୯୫୧ରେ ପୁରୀ ନାରୀ ସେବା ସଙ୍ଘ ସଦନଠାରେ ବନ୍ଧୁ କର୍ମୀ ଓ ଗୁଣୀଜନଙ୍କ ସମାବେଶ ହୋଇଥିଲା । ସେଥିରେ ପଣ୍ଡିତ ଗୋଦାବରୀଶ ମଧ୍ୟ ଉପସ୍ଥିତ ଥିଲେ । ସେଠାରେ ନିଜେ ଗୋଦାବରୀଶ ନୀଳକଣ୍ଠଙ୍କୁ 'ଉତ୍କଳ ଗୁରୁ' ଉପାଧିରେ ସମର୍ଥନ କରିଥିଲେ । ସେହି ସମୟରେ କର୍ମୀମାନେ ନୀଳକଣ୍ଠ ଓ ଗୋଦାବରୀଶଙ୍କୁ ନିକଟରେ ଆସୁଥିବା ନିର୍ବାଚନରେ ଭାଗନେବା ପାଇଁ ଓ ନିରଙ୍କୁଶ ସ୍ୱାର୍ଥାନ୍ୱେଷୀ ନେତାଙ୍କର ଏକଚ୍ଛତିଆ କାରବାରରେ ବିରୋଧ କରିବା ପାଇଁ ପରାମର୍ଶ ଦେଲେ । ଏହା ମଧ୍ୟ ସେମାନଙ୍କର ଜିଦ୍ ଥିଲା । ସେହି ଅନୁସାରେ ୧୯୫୧-୫୨ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ ଦୁହେଁ ଜୟଯୁକ୍ତ ହୋଇ ବିରୋଧୀ

Digitized by srujanika@gmail.com

ସଦସ୍ୟ ଆସନରେ ବସିଲେ । ସରକାରଙ୍କ ଲୋକ-ବିରୋଧୀ କାର୍ଯ୍ୟ-ମାନଙ୍କର ବିରୋଧ କରିବା ସଙ୍ଗେ ସଙ୍ଗେ ଗଠନମୂଳକ ମନ୍ତବ୍ୟମାନ ଦେବାକୁ ଲାଗିଲେ । ସେମାନଙ୍କ ସଙ୍ଗେ ଅନ୍ୟତମ ବିରୋଧୀଦଳର ସ୍ୱାଧୀନ ସଭ୍ୟ ଭାବେ ଡକ୍ଟର ପ୍ରାଣକୃଷ୍ଣ ପରିଜା ମଧ୍ୟ ସହଯୋଗ କଲେ । ଦେଶ ସେବା କରିବା ଥିଲା ତାଙ୍କ ଜୀବନର ପରମ ବ୍ରତ । ସଂଗ୍ରାମ ବେଳରେ ଥିବା ମତଭେଦର ପରିସମାପ୍ତି ପରେ ନୀଳକଣ୍ଠ ପୁନର୍ବାର କଂଗ୍ରେସ ଅନୁଷ୍ଠାନକୁ ଫେରିଯାଇଥିଲେ । କଂଗ୍ରେସକୁ ଫେରିଆସିବା ପାଇଁ ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କୁ ଆହ୍ୱାନ କରିଥିଲେ ।

## ପୁରୀ କଂଗ୍ରେସ ଓ ନୀଳକଣ୍ଠ

ଗୋପବନ୍ଧୁ ଦାସ ମରିବା ପୂର୍ବରୁ ସତ୍ୟବାଦୀ ସ୍କୁଲରୁ ତାଙ୍କର ମମତା ଛାଡ଼ିଯାଇଥିଲା । ବ୍ରହ୍ମଚର୍ଯ୍ୟ ଶ୍ରମ କରି ସତ୍ୟବାଦୀ ସ୍କୁଲକୁ ସେ ରଖିବାକୁ ଚାହୁଁଥିଲେ । କିନ୍ତୁ ସେପରି ରଖିପାରିବା ଭଳି ପ୍ରେରଣା କେଉଁଠୁ ପାଇପାରିନଥିଲେ ।

ଏବେ ପୁରୀରେ ଯେଉଁ କଂଗ୍ରେସ ଅଛି ସେହି କଂଗ୍ରେସ ୧୯୩୧ କରାଚୀ କଂଗ୍ରେସ ପରେ ୧୯୩୨ରେ ପୁରୀରେ ହେବାର ହେଲା । ମାତ୍ର ଜାନୁୟାରୀ ୫ ତାରିଖରେ ଇଂରେଜ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିବାରୁ ତାହା ହୋଇପାରିନଥିଲା । ଜାନୁୟାରୀ ମାସ ୧୦ ତାରିଖରେ ଓଡ଼ୋନେଲ୍ କମିଟିରେ କଂଗ୍ରେସ ତରଫରୁ ନୀଳକଣ୍ଠ ଏକ ବିସ୍ତୃତ ମେମୋରାଣ୍ଡମ୍ ଦେଇଥିଲେ । ମାତ୍ର ସାକ୍ଷୀ ଅଭାବରୁ ତାହା ଓଡ଼ୋନେଲ କମିଟିରେ ସ୍ଥାନ ପାଇନଥିଲା ।

ଗୋପବନ୍ଧୁଙ୍କ ପରେ ସତ୍ୟବାଦୀ ଅନୁଷ୍ଠାନକୁ ମାରିଦେବାପାଇଁ ନେତାମାନଙ୍କର ଗୋଟିଏ ଉଦ୍ୟମ ଚାଲିଲା । ପୁରୀରେ କିମ୍ବା ଆଉ କେଉଁଠାରେ କଂଗ୍ରେସ ହେବ ସେଥିପାଇଁ ବ୍ରହ୍ମପୁରର ଶ୍ରୀ ଶଶିଭୂଷଣ ରଥ, ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ନନ୍ଦକିଶୋର ଦାସ ଓ ନୀଳକଣ୍ଠ ଏହି ପାଞ୍ଚଜଣଙ୍କୁ ନେଇ ଓଡ଼ିଶା ଓ୍ୱାର୍କିଂ କମିଟି ଅଧୀନରେ ଗୋଟିଏ ସବ୍‌କମିଟି ଗଢ଼ାହେଲା । ନୀଳକଣ୍ଠ ଦେଖିଲେ ପୁରୀରେ ନ କରିବା ପାଇଁ ସେତେବେଳେ ଅନେକ କଟକ ମୁଖ୍ୟଙ୍କର ଏକାନ୍ତ ଇଚ୍ଛା ।

Digitized by srujanika@gmail.com

ପାଞ୍ଚଜଣିଆ କମିଟିରୁ ଗୃଶଜଣ ପୁରୀରେ କରିବାର ସ୍ଥିରକଲେ । ନୀଳକଣ୍ଠ କଟକରେ କଂଗ୍ରେସ ହେବାପାଇଁ ମତ ଦେଇଥିଲେ । ତା'ପରେ ଅଗଷ୍ଟ ୩୧ରେ ବାଲେଶ୍ୱରଠାରେ ବସିଥିବା ପ୍ରାଦେଶିକ କମିଟିରେ କଂଗ୍ରେସ ପୁରୀଠାରେ ହେବାର ସ୍ଥିର ହେଲେ ମଧ କେଉଁଠାରେ କଂଗ୍ରେସ ଆବାହନ କମିଟି ଓ କାର୍ଯ୍ୟକାରୀ କମିଟି ଗଢ଼ାହେବ, ସେଥିପାଇଁ ସେଠାରେ ଥିବା ନବକୃଷ୍ଣ ଚୌଧୁରୀ ଗୋଟିଏ ପ୍ରସ୍ତାବ ଆଣିଥିଲେ । ସେ ପ୍ରସ୍ତାବଟା ହେଉଛି ଯେଉଁ ଜିଲ୍ଲାରେ ୨୦ ତାରିଖ ରାତି ୧୨ଟା ଭିତରେ ବେଶି ମେମ୍ବର ସଂଗ୍ରହ ହେବ, ସେହିଠାରେ କଂଗ୍ରେସ କମିଟି ବସିବ । ନୀଳକଣ୍ଠଙ୍କୁ ଏ ପ୍ରସ୍ତାବରେ ବହୁତ ଖରାପ ଲାଗିଥିଲା । କାରଣ ପୁରୀ ଅପେକ୍ଷା କଟକରେ ଲୋକସଂଖ୍ୟା ଅଧିକ । ପୁଣି କଟକରେ ବହୁତ ଧନୀ ପରିବାର ବାସକରୁଛନ୍ତି ଓ କଟକ ଓଡ଼ିଶାର ରାଜଧାନୀ । ମାତ୍ର ନୀଳକଣ୍ଠଙ୍କ କଥା କେହି ନଶୁଣି ନବ ଚୌଧୁରୀଙ୍କ ପ୍ରସ୍ତାବରେ ରାଜିହୋଇଯାଇଥିଲେ । ତା'ର ବହୁ ତର୍କବିତର୍କ ପରେ ପୁରୀର ବାଲିକାଟିକୁ ନିର୍ଦ୍ଦିଷ୍ଟ ସ୍ଥାନ ରୂପେ ବାଛିଲେ । କାରଣ ସେତେବେଳେ ବାଲିକାଟିରେ ବହୁ ଧନୀ ଓ ବ୍ୟବସାୟୀ ବାସ କରୁଥାନ୍ତି । କମିଟିର ସମସ୍ତ ସଭ୍ୟମାନେ ଲାଗିପଡ଼ି ସଭ୍ୟମାନଙ୍କ-ଠାରୁ ଗୃନ୍ଦା ଆଦାୟ କଲେ । ମୋଟ ୨୯୭ଜଣ ସଭ୍ୟ ପୁରୀଠାରୁ ହେଲେ । ତା'ପରେ ନୀଳକଣ୍ଠଙ୍କୁ ସେ ଅଭ୍ୟର୍ଥନା ସଭାର ସଭାପତିଭାବେ ନିଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ମାତ୍ର ସେ ନିଜେ କହିଲେ, ଗୋପବନ୍ଧୁ ଚୌଧୁରୀ ସମ୍ପାଦକ ରହିବାକୁ । ତା'ପରେ ବହୁ ବାଧାବିଘ୍ନ ଅତିକ୍ରମକରି କଂଗ୍ରେସ ଅଧିବେଶନ ଗ୍ୱଲିଲା । ମାତ୍ର ୧୯୩୨ ଜାନୁୟାରୀ ୫ ତାରିଖରେ କଂଗ୍ରେସ ବେଆଇନ୍ ଘୋଷଣା କରିବାରୁ ସେହିଦିନଠାରୁ ଆଉ କଂଗ୍ରେସ କମିଟି ବସିପାରିଲା ନାହିଁ ।

## ବ୍ୟବସ୍ଥାପକ ନୀଳକଣ୍ଠ

ଇଂରେଜମାନେ ଶାସନ ପରିଗ୍ୱଳନା ପାଇଁ ଗୋଟିଏ ବଡ଼ଲାଟ ସଭା କରିଥିଲେ । ସେଥିରେ କଂଗ୍ରେସ ଦଳ ମୁଖ୍ୟ ବିରୋଧୀ ଦଳ ଥିଲା । ନୀଳକଣ୍ଠ ବିରୋଧୀ ଦଳର ସେକ୍ରେଟାରୀ-ଜେନେରାଲ ବା ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ ।

Digitized by srujanika@gmail.com

ସେହି ପଦରେ ସେ ବହୁକାଳ କାର୍ଯ୍ୟ କରିଥିଲେ । ନିର୍ବାଚିତ ହେବାର ଅଳ୍ପଦିନପରେ ସ୍ୱରାଜଦଳର ଆସେମ୍ବ୍ଲି ବର୍ଜନ କରିବା ନିଷ୍ପତ୍ତି ଯୋଗୁଁ ସେ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ତାଙ୍କୁ କାରାଗାର ବରଣ କରିବାକୁ ପଡ଼ିଥିଲା । ପୁଣି କଂଗ୍ରେସ ଯେତେବେଳେ ଆସେମ୍ବ୍ଲିରେ ଯୋଗଦେବାକୁ ସ୍ଥିରକଲା, ସେ ନିର୍ବାଚନରେ ଲଢ଼ି ବଡ଼ଲାଟ ସଭା ମେମ୍ବର ହୋଇଥିଲେ । ୧୯୩୦ ଆନ୍ଦୋଳନବେଳେ ସେ ପୁଣି ଥରେ ଆସେମ୍ବ୍ଲି ଛାଡ଼ିଥିଲେ । ୧୯୩୪ରେ ପାର୍ଘଦିନପାଇଁ ତାଙ୍କୁ କାରାବାସ କରିବାକୁ ପଡ଼ିଥିଲା । ତା'ପରେ ସେ ନିର୍ବାଚିତ ହୋଇ ଆସେମ୍ବ୍ଲିରେ ପୁଣି ବିରୋଧୀ ଦଳର ସେକ୍ରେଟାରି-ଜେନେରାଲ ପଦ ବଜାୟ ରଖିଥିଲେ । ଭାରତର ସ୍ୱାଧୀନତା ପୂର୍ବ ନିର୍ବାଚନ ପର୍ଯ୍ୟନ୍ତ ସେ ନିର୍ବିବାଦରେ ବଡ଼ଲାଟ ସଭାର ସଦସ୍ୟ ହୋଇ ରହିବାର ଗୌରବ ବର୍ଦ୍ଧନ କରିଥିଲେ ।

ବଡ଼ଲାଟ ସଭାରେ ତାଙ୍କ ଭଳି ବିଜ୍ଞ ବ୍ୟବସ୍ଥାପକ ପ୍ରାୟ ଆଉ କେହି ନଥିଲେ । ସେ ବହୁ ଉପାଦେୟ ଓ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ସରକାରଙ୍କ ଆଇନ ପ୍ରଣୟନ କାର୍ଯ୍ୟର ସମାଲୋଚନା କରୁଥିଲେ । ଫଳରେ ସଭା ସରଗରମ ରହୁଥିଲା । ସରକାର ତାଙ୍କୁ ଏଡ଼ାଇ ମନଇଚ୍ଛା ବିଲ୍ ପାସ୍ କରାଇବା ଅସମ୍ଭବ ମଣୁଥିଲେ । ସରକାରୀ ବିଲ୍‌ମାନଙ୍କର ବିରୋଧ କରି ଥରେ ଥରେ ସେ ଏକାଦିକ୍ରମେ ଆଠଘଣ୍ଟାରୁ ଦଶଘଣ୍ଟାକାଳ ବକ୍ତୃତା ଦେଇ ସମସ୍ତଙ୍କୁ ଚମତ୍କୃତ କରିଦେଉଥିଲେ । ତୀବ୍ର ଓ ଯୁକ୍ତିଯୁକ୍ତ ସମାଲୋଚନା ଦ୍ୱାରା ସେ ଇଂରେଜ ଶାସକଙ୍କ ଦୋଷଦୁର୍ବଳତା ପଦାରେ ପକାଇ ଦେଉଥିଲେ । ତେଣୁ ସେମାନେ ସେଥିରେ ଅସ୍ଥିର ହୋଇ ଯେନତେନ ପ୍ରକାରେଣ ତାଙ୍କୁ ହାତ କରିବାକୁ ଚେଷ୍ଟା କରୁଥିଲେ ।

ଭାରତ ଶାସନର ସର୍ବେସର୍ବା ଥିଲେ ମହାମାନ୍ୟ ବଡ଼ଲାଟ୍ । ସେ କୌଶଳରେ ନୀଳକଣ୍ଠଙ୍କୁ ଗୋଟିଏ ଉଚ୍ଚପଦ ଓ ସରକାରୀ ସମ୍ମାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ସେ ତାହାକୁ ରୋକ୍-ଠୋକ୍ ପ୍ରତ୍ୟାଖ୍ୟାନ କରି କହିଥିଲେ—"ମୁଁ ସମ୍ମାନ ଓ ପଦବୀ ଗ୍ରହେଁ, କିନ୍ତୁ ତାହା ଏ ବିଦେଶୀ ସରକାରଙ୍କଠାରୁ ଗ୍ରହଣଯୋଗ୍ୟ ନୁହେଁ, ମୋର

Digitized by srujanika@gmail.com

ସ୍ୱାଧୀନ ଦେଶୀ ଦରକାର—ତାହା ମୋତେ ଯାଚଲେ ତାକୁ ମୁଁ ସାଦରେ ଗ୍ରହଣ କରିବ ।"

ତା'ପରେ ସେ ଓଡ଼ିଶାକୁ ଫେରିଲେ । ଇଂରେଜ ସରକାର ତାଙ୍କୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ରାଜଦ୍ରୋହୀ ଭାବରେ ଘୋଷଣା କଲେ । ଫଳରେ ତାଙ୍କୁ କାରାବରଣ କରିବାକୁ ହେଲା । ବିଚାରାଧୀନ ବନ୍ଦୀ କରାଗଲା । ବିଚାରାଧୀନ ବନ୍ଦୀ ଭାବରେ ହାଜତକୁ ନେବା ପୂର୍ବରୁ ପ୍ରବଳ ଶୀତ କାଳରେ ଗୋଟିଏ ଅନ୍ଧାରୁଆ ସନ୍ତସନ୍ତିଆ ଘରେ ବିନା ଶୀତ-ବସ୍ତ୍ରରେ ଅଟକ କରି ରଖାଯାଇଥିଲା । ସେଠାରେ ସେ ସଙ୍କଟାପନ୍ନ ହୋଇ ପଡ଼ିଯାଇଥିଲେ । କିନ୍ତୁ ତାଙ୍କ ସଙ୍କଳ୍ପରୁ ସାମାନ୍ୟମାତ୍ର ବିଚ୍ୟୁତ ହୋଇ-ନଥିଲେ ।

ବଡ଼ଲାଟ ସଭାରେ ସଦସ୍ୟ ଥିବା କାଳରେ କେନ୍ଦ୍ର ଆସେମ୍ବ୍ଲିରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠିକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାପାଇଁ ଏକ ବିଚକ୍ଷଣ ତଥ୍ୟ ସମ୍ବଳିତ ବକ୍ତୃତା ସେ ପ୍ରଦାନ କରିଥିଲେ । ଏହା ଶାସକ ଦଳକୁ ଅଭିଭୂତ କରିଥିଲା । ସେହି ଭାଷଣ ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ବହୁ ପ୍ରାଧାନ୍ୟ ଦେଇଥିଲା ।

ପରେ ୧୯୩୪ରେ କାରାଗାରରୁ ଫେରି ସେ ବଡ଼ଲାଟ ସଭାରେ ପୁଣି ଯୋଗଦେଲେ । ଏଥର ଇଂରେଜ ସରକାର ଅର୍ଥ ସଚିବଙ୍କ ମଧ୍ୟସ୍ଥତାରେ ତାଙ୍କ ସହିତ ଆଲୋଚନା କରି ଓଡ଼ିଶା ପ୍ରଦେଶ ଗଠନ ରିପୋର୍ଟ ଚୂଡ଼ାନ୍ତ କରିଥିଲେ । ଏଥିରେ ପଡ଼ୋଶୀ ରାଜ୍ୟଙ୍କ ଚକ୍ରାନ୍ତ ଯୋଗୁଁ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାକୁ ଆସିପାରିଲା ନାହିଁ । ତଥାପି ବି ୧୯୩୬ ଏପ୍ରିଲ ୧ ତାରିଖରେ ବିହାର-ଓଡ଼ିଶାରେ ଥିବା ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର, ଅନୁଗୁଳ ସହିତ ଗଞ୍ଜାମ ଓ କୋରାପୁଟକୁ ଯୋଡ଼ାଯାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇ-ପାରିଲା ।

ରେଳ ଚଳାଚଳ ସେତେବେଳେ ଇଂରେଜ କମ୍ପାନୀଙ୍କ ହାତରେ ଥିଲା । ନୀଳକଣ୍ଠ ରେଲୱେ ବୋର୍ଡର ମେମ୍ବର ଥିଲେ । ଏ ବିଷୟରେ ଆପତ୍ତି ଦର୍ଶାଇ ରେଳ ଚଳାଚଳରେ ଯାତ୍ରୀମାନଙ୍କ ପାଇଁ ବହୁ ସୁବିଧା

Digitized by srujanika@gmail.com

ହାସଲ କରାଇଥିଲେ । ଭାରତମାଟିରେ କଲକାରଖାନା କରିବାପାଇଁ ଭାରତୀୟମାନଙ୍କୁ ଅନୁମତି ଦିଆଯାଉନଥିଲା ; ନୀଳକଣ୍ଠ ଅତ୍ୟନ୍ତ ଦୃଢ଼ତାର ସହିତ ଏହାର ପ୍ରତିବାଦ କରିଥିଲେ । ସରକାର ଆଣୁଥିବା ବହୁ ବିଲ୍‌ରେ ଭାରତୀୟମାନେ ଯେପରି ଅଧିକରୁ ଅଧିକ ସୁବିଧା ପାଇବେ ସେଭଳି ସଂଶୋଧନ ଆଣାଇବାକୁ ସେ ଆପ୍ରାଣ ଉଦ୍ୟମ କରୁଥିଲେ ।

ରେଲୱେ, ଡାକ ତାର ବିଭାଗ ଓ ଟାଟା କମ୍ପାନୀ ପ୍ରଭୃତିର ଶ୍ରମିକମାନଙ୍କ ସଙ୍ଗଠନ ଓ ଦାବିପୂରଣ ପାଇଁ ସେ ତତ୍ପର ଥିଲେ । ବିଦେଶୀ ଓଡ଼ିଆ ଶ୍ରମିକମାନଙ୍କୁ ସଙ୍ଗଠିତ କରିବାପାଇଁ ସେ ନେତାଜୀ ସୁଭାଷଙ୍କ ସହିତ କଲିକତା ଓ ଟାଟା ନଗର ପ୍ରଭୃତି ଯାଇ ଶ୍ରମିକ ଆନ୍ଦୋଳନର କର୍ଣ୍ଣଧାର ହୋଇପାରିଥିଲେ । ସାରା ଭାରତରେ ଜଣେ ପ୍ରବୀଣ ଓଡ଼ିଆ ନେତା ଭାବରେ ସେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ ।

୧୯୨୮ରେ ଗୋପବନ୍ଧୁଙ୍କ ତିରୋଧାନ ଘଟିଲା । ନୀଳକଣ୍ଠ ତାଙ୍କର ଆଜୀବନ ସଖା ତଥା ଗୁରୁଙ୍କୁ ହରାଇ ଦୁଃଖରେ ଭାଙ୍ଗି-ପଡ଼ିଥିଲେ । ଗୋପବନ୍ଧୁଙ୍କ ଆଦର୍ଶକୁ ଜୀବିତ ରଖିବାପାଇଁ ଗୋଟିଏ ସାରାଭାରତୀୟ ସେବା ଅନୁଷ୍ଠାନ ଗଢ଼ିବାପାଇଁ ସେ ପ୍ରବଳ ଉଦ୍ୟମ କରିଥିଲେ । ସେ ଅନୁଷ୍ଠାନ ଗଢ଼ିବାପାଇଁ ମୋତିଲାଲ ନେହେରୁ, ମଦନ ମୋହନ ମାଳବ୍ୟ ପ୍ରଭୃତି ଜାତୀୟ ନେତାମାନେ ବିବୃତି ଦେଇ ଦେଶବାସୀଙ୍କୁ ନିବେଦନ କରିଥିଲେ । ନେତାଜୀ ସୁଭାଷଚନ୍ଦ୍ର ବୋଷ ସେଇ ଅନୁଷ୍ଠାନ ଗଠନ ସମିତିର କୋଷାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ନିଜେ ନୀଳକଣ୍ଠ ସେହି ସେବାସଂଗଠନର ଶୁଭ ଦେଇଥିଲେ । ସତ୍ୟବାଦୀର କାଦୁଆ ଗ୍ରାମରେ ଗୋପବନ୍ଧୁ ସେବାସଦନ ନାମକ ଆଶ୍ରମ ଗଢ଼ାଯାଇ-ଥିଲା । ନୀଳକଣ୍ଠ କେତେକ ସହକର୍ମୀଙ୍କୁ ନେଇ ସେଠାରେ ରହିବାରେ ଲାଗିଲେ ।

୧୯୩୦ ଜାତୀୟ ଅସହଯୋଗ ଓ ଲୁଣମରା ଆନ୍ଦୋଳନ ଆରମ୍ଭ ହେଲା । ଜାତୀୟ ଆହ୍ୱାନରେ ସେବା ଅନୁଷ୍ଠାନ ଗଠନ କରିବାର ଯୋଜନା ଅଧାରେ ରହିଲା । ପୁରୀରେ ବସିବାକୁ ଥିବା ଜାତୀୟ କଂଗ୍ରେସର ଅଭ୍ୟର୍ଥନା ସମିତିର ସେ ସଭାପତି ଥିଲେ । ତେଣୁ ସେଥିପାଇଁ ମଧ୍ୟ ବିରାଟ ଆନ୍ଦୋଳନ କରିବାରେ ଲାଗିପଡ଼ିଥିଲେ । ସରକାର ଜାତୀୟ କଂଗ୍ରେସକୁ

Digitized by srujanika@gmail.com

ବେଆଇନ ଘୋଷଣା କଲେ । ସେଥିପାଇଁ ସଭା ମଧ୍ୟ ହୋଇପାରିଲା ନାହିଁ । ଗୋପବନ୍ଧୁ ମେମୋରିଆଲ ବାସ୍ତବକତାରେ ପରିଣତ ହୋଇପାରିଲା-ନାହିଁ କି ଓଡ଼ିଶାରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୋଇପାରିଲା ନାହିଁ ।

ନୀଳକଣ୍ଠ ପୁରୀର କାକଟପୁରଠାରେ ଲୁଣମରା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେଥିଲାଗି ତାଙ୍କୁ ଦୀର୍ଘ କାରାଦଣ୍ଡ ଆଦେଶ ହୋଇଥିଲା । ସେଇ ଆନ୍ଦୋଳନରେ ଭାରତର ସବୁ ନେତା ଓ ଲକ୍ଷ ଲକ୍ଷ କର୍ମୀ ଜେଲଭିତରେ ରହିଲେ । ସବୁ ଜେଲଗୁଡ଼ିକ ସ୍ୱାଧୀନତା ସଂଗ୍ରାମୀଙ୍କର ଗୋଟିଏ କର୍ମଶାଳାରେ ପରିଣତ ହେଲା । ଆଲୋଚନା ସଭା, ବହିପଢ଼ା ଓ ବହିଲେଖା ପ୍ରଭୃତିରେ ସ୍ୱାଧୀନତା ସଂଗ୍ରାମୀମାନେ ମନୋଯୋଗ ଦେଲେ ।

ହଜାରିବାଗ ଜେଲ୍‌ରେ ବିହାର-ଓଡ଼ିଶାର ସମସ୍ତ ବଡ଼ ବଡ଼ ନେତାଙ୍କ ସମେତ ଭାରତର ଅନ୍ୟସ୍ଥାନରେ କେତେକ ବଡ଼ବଡ଼ ନେତାଙ୍କୁ ବନ୍ଦୀକରି ରଖାଯାଇଥିଲା । ସେ ଜେଲ୍‌ରେ ନୀଳକଣ୍ଠଙ୍କ ସହିତ ରାଜେନ୍ଦ୍ର-ପ୍ରସାଦ, ଶ୍ରୀ କୃଷ୍ଣଚନ୍ଦ୍ର ସିହ୍ନା, ସୀମାନ୍ତ ଗାନ୍ଧି (ଖାଁ ଅବଦୁଲ ଗଫୁର ଖାଁ) ପ୍ରଭୃତି ବହୁ ବିଶିଷ୍ଟ ନେତା ଓ କର୍ମୀ ରହୁଥିଲେ । ସେମାନଙ୍କ ମଧ୍ୟରେ ଦେଶପାଇଁ ବହୁ ଭବିଷ୍ୟତ ଯୋଜନାର ବିଚାର ଚାଲୁଥିଲା ଓ ନାନା ଆଳାପ ଆଲୋଚନା ହେଉଥିଲା । ସେମାନେ ରାଜନୈତିକ କର୍ମୀମାନଙ୍କୁ ମଧ୍ୟ ନାନା ସାରଗର୍ଭକ ଭାଷଣ ଓ ଉପଦେଶ ଦେଉଥିଲେ ।

ଅନ୍ୟ ସମୟରେ ଜେଲ ଲାଇବ୍ରେରି ଓ ବାହାରୁ ପୁସ୍ତକସବୁ ମଗାଇ ନୀଳକଣ୍ଠ ଜ୍ଞାନାର୍ଜନରେ ବ୍ୟସ୍ତ ରହୁଥିଲେ । ସମୟ ପାଇଲେ ବହି ଲେଖାଲେଖି ମଧ୍ୟ କରୁଥିଲେ । ସ୍ୱାଧୀନତା ସଂଗ୍ରାମୀ ରାମପ୍ରସାଦ ସିଂ ଓ ଜଗନ୍ନାଥ ରଥ ପ୍ରଭୃତି ତାଙ୍କଠାରୁ ଶ୍ରୁତିଲିଖନ ନେଇ ବହି ଲେଖାରେ ସାହାଯ୍ୟ କରୁଥିଲେ । ସାଥୀ ବନ୍ଦୀମାନଙ୍କର ଅନୁରୋଧକ୍ରମେ ଗୀତାର ବିରାଟ ଟୀକା ସେ ସେହି କାରାଗାର ଭିତରେ ଲେଖାଇଥିଲେ । ତାହା ତାଙ୍କର ଏକ ଅବିସ୍ମରଣୀୟ କୃତି । ତା'ଛଡ଼ା ଆଉ ଅନେକ ଉପାଦେୟ ପୁସ୍ତକ ମଧ୍ୟ ଜେଲ ଜୀବନରେ ସେ ରଚନା କରିଥିଲେ ।

Digitized by srujanika@gmail.com

# ମନ୍ତ୍ରିମଣ୍ଡଳ ଗଠନ ଓ ନୀଳକଣ୍ଠ

ଗୋପବନ୍ଧୁଙ୍କ ମୃତ୍ୟୁପରେ ନୀଳକଣ୍ଠ ଗୋଦାବରୀଶଙ୍କୁ ବହୁତ ସ୍ନେହ କରୁଥିଲେ । ୧୯୩୯ ମସିହା କଥା । ସେହି ସମୟରେ ସୁଭାଷ ବୋଷ୍ ଓଡ଼ିଶାକୁ ଆସିଥାନ୍ତି । ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ସମୟ ଆସନ୍ନ ହୋଇଥିବାରୁ ନୀଳକଣ୍ଠ ଓ ଗୋଦାବରୀଶ ଆଦିଙ୍କୁ ସୁଭାଷ ନିଜ ୮୮ । ୨ ଏଲଗିନ୍‌ରୋଡ଼ ବାସଭବନକୁ ଡକାଇଥିଲେ । ଅନେକ ସମୟ କଥାବାର୍ତ୍ତା ହେବାପରେ ସେ କହିଥିଲେ ଏ ମହାଯୁଦ୍ଧରେ ଜାପାନ ଜିତିବାର ବହୁତ ସମ୍ଭାବନା ଅଛି । ତେଣୁ ସେତେବେଳକୁ ବଙ୍ଗ, ବିହାର, ଓଡ଼ିଶା ଓ ଆସାମ ଏହି ପୂର୍ବପ୍ରଦେଶର ରାଜତ୍ୱ ଆମ ଲୋକଙ୍କ ହାତରେ ରହିବା ଦରକାର । ତେଣୁ ସେ କହିଥିଲେ ବଙ୍ଗଳାରେ ଶରତ ବୋଷ୍ ଓ ଫଜଲ୍ ହକ୍ ଏ ଦୁହିଁଙ୍କୁ ଧରି ମନ୍ତ୍ରିମଣ୍ଡଳ ଗଢ଼ାହେବ । ସୁଭାଷ ନିଜେ ବିହାରରେ ଗୋଟିଏ ମନ୍ତ୍ରିମଣ୍ଡଳ ଗଢ଼ି ଗୋଦାବରୀଶ ଓ ଯଦୁମଣି ମଙ୍ଗରାଜଙ୍କୁ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଢ଼ିବା ପାଇଁ ପଠାଇଥିଲେ । ନୀଳକଣ୍ଠଙ୍କୁ ଫରୱାର୍ଡ଼ବ୍ଲକ୍ ତରଫରୁ କାର୍ଯ୍ୟକାରୀ କମିଟିକୁ ପଠାଇଥିଲେ ।

ପାରଳାଖେମୁଣ୍ଡି ମହାରାଜା ଓ ମୁସଲିମ୍‌ଲିଗ୍‌ର ଶୋଭନ ଖାଁ ଗୋଦାବରୀଶଙ୍କୁ ମନ୍ତ୍ରିମଣ୍ଡଳ ଗଠନରେ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତା'ପରେ ଗୋଦାବରୀଶ ୧୯୫୧ ନିର୍ବାଚନରେ ବାଣପୁରରୁ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ ଓ ନୀଳକଣ୍ଠ ମଧ୍ୟ ସ୍ୱାଧୀନ 'ଜନସଙ୍ଘ' ସଭ୍ୟଭାବରେ ଆସେମ୍ବ୍ଲିକୁ ଆସିଥିଲେ ।

ଯେତେବେଳେ ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳ ଗଠିତ ହେଲା, ସେ ହେବ ୧୯୩୮ ମସିହାର କଥା । ସେତେବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସର ନୀଳକଣ୍ଠ ସଭାପତି ଥିଲେ । ତାଙ୍କ ଆପ୍ରାଣ ଚେଷ୍ଟା ଫଳରେ ଓଡ଼ିଶାରେ କଂଗ୍ରେସ ଅଧିକ ସଂଖ୍ୟାରେ ବିଧାନସଭାକୁ ନିର୍ବାଚିତ ହେଲ । ୬୦ଟି ଆସନରୁ ୩୬ଟି କଂଗ୍ରେସ ପାଇଲେ । ଏଇ ୩୬ ଜଣ ସଭ୍ୟଙ୍କ ମଧ୍ୟରୁ ୨୦ ଜଣ ନୀଳକଣ୍ଠଙ୍କୁ ଦଳର ନେତା ଭାବେ ନିର୍ବାଚନ କରିବାକୁ ଚାହିଁଥିଲେ । ମାତ୍ର ଆସେମ୍ବ୍ଲି ନିର୍ବାଚନରେ ସେ ଆଉ ଠିଆ-

Digitized by srujanika@gmail.com

ହୋଇପାରିବେ ନାହିଁ ବୋଲି ମନା କରିଦେଇଥିଲେ । ୨୧ଟି ଭୋଟ ପାଇ ନୀଳକଣ୍ଠ ନିର୍ବାଚିତ ହୋଇନଥିଲେ ମାତ୍ର ତାଙ୍କର ସମର୍ଥକମାନେ ୨୦ଟି ଭୋଟ ଦେଇ ବିଶ୍ୱନାଥ ଦାସଙ୍କୁ ନେତା ନିର୍ବାଚନ କରିଥିଲେ ଓ ଅନେକ ଚକ୍ରାନ୍ତ ପରେ ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଓ ନୀଳକଣ୍ଠ

ପ୍ରଥମେ ବ୍ରହ୍ମପୁରଠାରେ ୟୁନିଭରସିଟି କରିବା ପାଇଁ ଗୋଟିଏ ସଭା ହୋଇଥିଲା । ସେଥିରେ ନୀଳକଣ୍ଠଙ୍କୁ ସଭାପତି କରି ଲୋକମାନେ ଗୋଟିଏ କମିଟି ଗଢ଼ିଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାର କଥା ହେଲା । ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରିତ୍ୱ ଭିତରେ କଟକରେ ସେହି ବିଶ୍ୱବିଦ୍ୟାଳୟ ଗଢ଼ିବା ପାଇଁ ପୁଣି ଆଉ ଏକ ସଭା ହୋଇଥିଲା । ସେହି ଯେଉଁ ବିଶ୍ୱବିଦ୍ୟାଳୟ କଟକରେ ବସିବାର ହେଲା ସେଥିପାଇଁ ସେତେବେଳର ଟ୍ରେନିଂ କଲେଜର ପ୍ରିନ୍ସପାଲ ଶ୍ରୀଯୁକ୍ତ ମହେଶ ଚନ୍ଦ୍ର ପ୍ରଧାନ ସେକ୍ରେଟେରୀ ମନୋନୀତ ହେଲେ । ନୀଳକଣ୍ଠ ସେହି ବିଶ୍ୱବିଦ୍ୟାଳୟ ହେବାପାଇଁ ଗୋଟିଏ ରିପୋର୍ଟ ଲେଖିଥିଲେ । ତା'ପରେ ପାରଳାଖେମୁଣ୍ଡି ମହାରାଜା ମୁଖ୍ୟମନ୍ତ୍ରୀ ହେଲେ । ଗୋଦାବରୀଶ ସେହି ମନ୍ତ୍ରିମଣ୍ଡଳର ଅର୍ଥ ଓ ଶିକ୍ଷା ଦାୟିତ୍ୱ ନେଲେ । ଗୋଦାବରୀଶ ଆସି ସେ ରିପୋର୍ଟଟି ଅତିଶୀଘ୍ର ଲେଖିବା ପାଇଁ ନୀଳକଣ୍ଠଙ୍କୁ ଅନୁରୋଧ କରିଥିଲେ । ଯେକୌଣସି ମତେ ବିଶ୍ୱବିଦ୍ୟାଳୟ ଆରମ୍ଭ କରିଦେବା ତାଙ୍କର ଇଚ୍ଛାଥିଲା । ତାଙ୍କର ପାରିବାରିକ ବନ୍ଧୁ ଓଡ଼ିଶାର ଶିକ୍ଷା ବିଭାଗ ଡିରେକ୍ଟର ଶ୍ରୀ ଶ୍ୟାମ ସୁନ୍ଦର ତ୍ରିପାଠୀ ସେତେବେଳେ ତାଙ୍କ ସଙ୍ଗେ ଥିଲେ । ସେ ଦୁହେଁ ଅତ୍ୟନ୍ତ ବ୍ୟାକୁଳ ହୋଇ ନୀଳକଣ୍ଠଙ୍କୁ ଅନୁରୋଧ କଲେ । ଅଧ୍ୟାପକ ବିପିନ୍ ବିହାରୀ ରାୟ ସେହି ବିଶ୍ୱବିଦ୍ୟାଳୟ କମିଟିର ସଭ୍ୟ ଥାନ୍ତି । ନୀଳକଣ୍ଠ ତାଙ୍କୁ ଡାକି ଏ ବିଷୟରେ ପରାମର୍ଶ କରି ଯେପରି ବିଶ୍ୱବିଦ୍ୟାଳୟ ବସାଇବା ଅତିଶୀଘ୍ର ସମ୍ଭବ ହେବ, ସେହିପରି ରିପୋର୍ଟଟିଏ ଲେଖିଦେଇଥିଲେ । ସେହି ରିପୋର୍ଟ ଅନୁସାରେ ଶ୍ୟାମସୁନ୍ଦର ବାବୁଙ୍କୁ ଧରି ଗୋଦାବରୀଶ ବିଶ୍ୱବିଦ୍ୟାଳୟର ଯୋଜନା ପ୍ରସ୍ତୁତ କଲେ । ବିଶ୍ୱବିଦ୍ୟାଳୟ ଆରମ୍ଭ

Digitized by srujanika@gmail.com

ହୋଇଯାଇଥିଲା । ମାତ୍ର ନୀଳକଣ୍ଠଙ୍କ ରିପୋର୍ଟଟି ଆଉ ମିଳିନଥିଲା । ଅଧ୍ୟାପକ ଡକ୍ଟର ରାମଚନ୍ଦ୍ର ଦାସ ବହୁ ଖୋଜା ଖୋଜିଥିଲେ । ମାତ୍ର ତା'ର କୌଣସି ସନ୍ଧାନ ପାଇନଥିଲେ । ଏହିପରି ନୀଳକଣ୍ଠଙ୍କ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟର ଜନ୍ମଗତ ସମ୍ପର୍କ ରହିଥିଲା ।

## ଶ୍ରୀମତୀ ରାଧାରାଣୀ ଦେବୀ

ନୀଳକଣ୍ଠଙ୍କ ଜୀବନ-କାହାଣୀ ରାଧାରାଣୀଙ୍କ ବିନା ଅସଂପୂର୍ଣ୍ଣ । ନୀଳକଣ୍ଠଙ୍କ ପତ୍ନୀ ରାଧାରାଣୀ ଦେବୀ । ସେ ଅତ୍ୟନ୍ତ ସେବାପରାୟଣା ଥିଲେ । ୮୯ ବର୍ଷ ବୟସର ଶ୍ୱଶୁରଙ୍କ ସେବାରେ ସେ ନିଜକୁ ନିୟୋଜିତ କରିଦେଇଥିଲେ । ତା'ପରେ ଶ୍ୱଶୁରଙ୍କ ଦେହାନ୍ତ ପରେ ୧୯୩୧ରେ ନୀଳକଣ୍ଠଙ୍କ ପ୍ରସ୍ତାବିତ କଂଗ୍ରେସ ବୈଠକରେ ଅଭ୍ୟର୍ଥନା ସମିତିର ସଭାପତି ହେବାର ଠିକ୍ ପରେ ସସ୍ତ୍ରୀକ (ନୀଳକଣ୍ଠ ଓ ରାଧାରାଣୀ ଦେବୀ) ଗୟା ଶ୍ରାଦ୍ଧ କରିବାକୁ ଯାଇଥିଲେ । ସେଠାରେ ପୂଜାରେ ପନ୍ଦରଦିନ ନୀଳକଣ୍ଠ ପତ୍ନୀଙ୍କ ସହିତ ଅତି ନିଷ୍ଠାରେ ଗୟାର ସମସ୍ତ କ୍ଷେତ୍ରରେ ଶ୍ରାଦ୍ଧ କରିଥିଲେ । କାରଣ ନୀଳକଣ୍ଠଙ୍କ ବାପା ସେଥିରେ ବିଶ୍ୱାସ କରୁଥିଲେ । ତା'ପରେ ନୀଳକଣ୍ଠଙ୍କର ଯାହା ରାଜନୀତିରେ କାର୍ଯ୍ୟ ସେଥିରେ ସେହିଦିନ-ଠାରୁ ତାଙ୍କର ପତ୍ନୀ ମଧ୍ୟ ଅତି ନିଷ୍ଠାର ସହିତ କାର୍ଯ୍ୟ କରିଛନ୍ତି । ରାଧାରାଣୀ ଦେବୀ ସତ୍ୟବାଦୀ ନାରୀମଙ୍ଗଳ ସମିତିର ବରାବର ସଭାପତି ରହିଆସୁଥିଲେ । ତା'ଛଡ଼ା ସତ୍ୟବାଦୀ ବାଳିକା ବିଦ୍ୟାଳୟର ମଧ୍ୟ ସଭାପତି ରହିଆସୁଥିଲେ । ସେ ୧୯୩୧ରେ ଜେଲ୍ ଯାଇଥିଲେ । ସେ ବରାବର ଲୋକଙ୍କ କଲ୍ୟାଣ ସାଧନ ନିମନ୍ତେ ନିଜକୁ ନିୟୋଜିତ କରିଥିଲେ । ଏହା ତାଙ୍କ ଜୀବନର ଏକ ପରମ ଆଦର୍ଶ ଥିଲା ।

## ଓଡ଼ିଶାର ବିଧାନସଭା ଓ ଦିଲ୍ଲୀରେ ନୀଳକଣ୍ଠଙ୍କ ସ୍ଥାନ

୧୯୫୧ରେ ଭାରତସାରା ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନ ଆରମ୍ଭ ହୋଇଥିଲା । ନୀଳକଣ୍ଠ "ସ୍ୱାଧୀନ ଜନସଂଘ" ନାମରେ ଗୋଟିଏ ଦଳ ଗଠନ କରି ପ୍ରାର୍ଥୀ ଭାବରେ ଓଡ଼ିଶା ବିଧାନ ସଭାକୁ ଠିଆହୋଇଥିଲେ । କଂଗ୍ରେସ ପ୍ରାର୍ଥୀ ନୀଳକଣ୍ଠଙ୍କ ବିରୁଦ୍ଧରେ ଠିଆହୋଇ ବହୁସଂଖ୍ୟକ ଅଧିକ ଭୋଟରେ ପରାସ୍ତ ହେଲେ । ନୀଳକଣ୍ଠଙ୍କୁ ଜିତେଇବା ପାଇଁ

Digitized by srujanika@gmail.com

ସତ୍ୟବାଦୀ ଲୋକଙ୍କର ବିପୁଳ ଆଗ୍ରହ ଓ ଉତ୍ସାହ ଥିଲା । ନୀଳକଣ୍ଠ ମଧ୍ୟ ଗୋଦାବରୀଶଙ୍କ ପାଇଁ ବାଣପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର କରି ଗୋଦାବରୀଶଙ୍କୁ ଜିତାଇଥିଲେ । ଗୋଦାବରୀଶ ଅଧିକ ଭୋଟରେ ଓଡ଼ିଶା ବିଧାନସଭାକୁ ଆସିଥିଲେ । ପରେ ନୀଳକଣ୍ଠ କଂଗ୍ରେସରେ ଓ ଗୋଦାବରୀଶ ଗଣତନ୍ତ୍ରରେ ଯୋଗଦେଇଥିଲେ ।

୧୯୫୭ରେ ଦ୍ୱିତୀୟ ସାଧାରଣ ନିର୍ବାଚନରେ ନୀଳକଣ୍ଠ କଂଗ୍ରେସ ତରଫରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ପୁଣି ବିଧାନସଭାକୁ ଆସିଥିଲେ । ମହତାବଙ୍କ ଅନୁରୋଧକ୍ରମେ କଂଗ୍ରେସ ସଭ୍ୟମାନଙ୍କ ଅନୁମୋଦନ ପାଇ ନୀଳକଣ୍ଠ ବିଧାନସଭାର ଅଧ୍ୟକ୍ଷ (ବାଚସ୍ପତି) ଭାବରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ସେ ଆସିଲାବେଳକୁ ଦେଖିଲେ ବିଧାନସଭାର କୌଣସି ସ୍ୱାତନ୍ତ୍ର୍ୟ ନାହିଁ । ତେଣୁ ନୀଳକଣ୍ଠ ଯାହା କରିଥିଲେ ତାହା ପ୍ରକାଶିତ ହୋଇ ପ୍ରଚାରିତ ହୋଇଥିଲା । ମହତାବଙ୍କ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯିବା ପରେ ଓଡ଼ିଶାରେ ଛ'ମାସ ପାଇଁ ରାଷ୍ଟ୍ରପତି ଶାସନ ଆଇନତଃ ଜାରି ହୋଇଥିଲା । ସେହି ସମୟ ଭିତରେ (୧୯୬୦ ମସିହାର ଶେଷଭାଗ) ନୀଳକଣ୍ଠ ବାଚସ୍ପତି ରହିବାର କଥା; କିନ୍ତୁ ଓଡ଼ିଶା ସରକାର ଏ ବିଷୟରେ ଭିନ୍ନ ମତ ଦେବାରୁ ନୀଳକଣ୍ଠ ଭାରତ ସମ୍ବିଧାନର ୧୭୯ ଧାରା ଦ୍ୱିତୀୟ ଉପଧାରା ଅନୁଯାୟୀ ରାଜ୍ୟପାଳ ସୁକ୍‌ଥଙ୍କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ଅବ୍ୟବହିତ ପୂର୍ବରୁ କେରଳ ଓ ପଞ୍ଜାବର ମନ୍ତ୍ରିମଣ୍ଡଳ ମଧ୍ୟ ଭାଙ୍ଗିଯାଇଥିଲା ଓ ସେଠାରେ ବାଚସ୍ପତିମାନେ ନୂତନ ମନ୍ତ୍ରିମଣ୍ଡଳ ଗଠିତ ହେବା ପର୍ଯ୍ୟନ୍ତ ଆଉ କାର୍ଯ୍ୟରେ ନ ରହିବା କଥା ସ୍ଥିର ହୋଇଥିଲା । ଫଳରେ ନୀଳକଣ୍ଠ ଓଡ଼ିଶା ସରକାରଙ୍କ ବାଚସ୍ପତି ଗୃହ ଛାଡ଼ି ଦେଇଥିଲେ । କିନ୍ତୁ ପରେ କେନ୍ଦ୍ର ସରକାର ସିଦ୍ଧାନ୍ତ କରିବାରୁ ସେ ଭାରତ ସରକାରଙ୍କ ସହିତ ଯେଉଁସବୁ ଚିଠି ଆଦାନପ୍ରଦାନ କରିଥିଲେ, ତାହା କଲିକତା "Statesman" ଓ ମାନ୍ଦ୍ରାସର 'Hindu' କାଗଜରେ ବାହାରିଥିଲା । ନୀଳକଣ୍ଠ ପ୍ରତ୍ୟେକ କ୍ଷେତ୍ରରେ ଜଣେ ଅଗ୍ରଗଣ୍ୟ ବ୍ୟକ୍ତି ଥିଲେ । ତେଣୁ ସେ ବହୁ ସମ୍ମାନର ଅଧିକାରୀ ହୋଇଥିଲେ । ୧୯୫୭ ମସିହାରେ ଭାରତ ସରକାରଙ୍କ ତରଫରୁ ସେ ପଦ୍ମଭୂଷଣ ଉପାଧି ପାଇବା ସ୍ଥିର ହୋଇଥିଲା ଓ ରାଷ୍ଟ୍ରପତି ରାଜେନ୍ଦ୍ର

Digitized by srujanika@gmail.com

ପ୍ରସାଦ ତାଙ୍କୁ ଏହି ଉପାଧି ପ୍ରଦାନ କରି ଅତି ଆନନ୍ଦରେ ପୂର୍ବ ସ୍ମୃତି ମନେପକାଇଥିଲେ ।

## ନୀଳକଣ୍ଠଙ୍କର ବହୁ ମାନ ଓ ଉପାଧି ଲାଭ

୧୯୫୫ ମସିହା ଅଗଷ୍ଟ ୩୧ ତାରିଖରେ ବିଶ୍ୱବିଦ୍ୟାଳୟ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଦେଖାଇ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଉପାଚାର୍ଯ୍ୟ ବା ପ୍ରୋ-ଚାନ୍‌ସେଲର୍ ପଦରେ ଅଧିଷ୍ଠିତ କରିଥିଲେ । ସେ ବିଶ୍ୱବିଦ୍ୟାଳୟର ସିନେଟ୍‌ର ସଭାପତି ରୂପେ ବିଶ୍ୱବିଦ୍ୟାଳୟର ପରିଚାଳନା ପାଇଁ ଅନେକ ସୁଚିନ୍ତିତ ନିରପେକ୍ଷ ନିର୍ଦ୍ଦେଶ ଦେଇଥିଲେ ।

୧୯୫୫ ଡିସେମ୍ବର ୨୧ ତାରିଖରେ ତାଙ୍କର ପାଣ୍ଡିତ୍ୟ ପାଇଁ ସେହି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କୁ "ଡକ୍ଟର ଅଫ୍ ଲିଟରେଚର" (ସାହିତ୍ୟ) ବା D. Litt. ଉପାଧି ପ୍ରଦାନ କରାଯାଇଥିଲା ।

୧୯୫୭ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ତାଙ୍କୁ ଭକ୍ତି ଜଣାଇ ଅପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ରୂପେ ବିଧାନସଭାକୁ ନିର୍ବାଚିତ କରାଇଥିଲେ ।

୧୯୫୮ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ସମ୍ମାନ ପାଇଥିଲେ । ଓଡ଼ିଆ ସାହିତ୍ୟ ଗବେଷଣା ପାଇଁ ତାଙ୍କର ଉଦ୍ୟମ ଓ ଅବଦାନ ଉଲ୍ଲେଖଯୋଗ୍ୟ ।

ନୀଳକଣ୍ଠ ଥିଲେ ସ୍ଥିତପ୍ରଜ୍ଞ । ଦୁଃଖରେ ଭାଙ୍ଗି ପଡ଼ୁ ନଥିଲେ କି ଆନନ୍ଦରେ ଆତ୍ମହରା ହେଉନଥିଲେ । ସମ୍ମାନ, ଅସମ୍ମାନ, ପ୍ରଶଂସା, ନିନ୍ଦା, ସବୁ ତାଙ୍କ ପାଇଁ ସମାନ ଥିଲା । ସମ୍ମାନ ପ୍ରାପ୍ତି ଯୋଗୁଁ ଯେଉଁ ଅଧିକ ସୁବିଧା ମିଳୁଥିଲା ତାହାକୁ ପୁଞ୍ଜି କରି, ଆଉ ଅଧିକା କାର୍ଯ୍ୟ କରିଯାଉଥିଲେ । ଏ ଜାତି ତାଙ୍କୁ ଯାହା ଯାହା ଦେଇଛି, ସେ ତା'ର ବହୁଗୁଣ ଅଧିକ ଜାତିକୁ ଦାନକରି ଦେଇ ଯାଇଛନ୍ତି ।

ବାର୍ଦ୍ଧକ୍ୟରେ ମଧ୍ୟ ଯୁବକ ପରି ସେ କାର୍ଯ୍ୟ କରିପାରୁଥିଲେ । ବୃଦ୍ଧାବସ୍ଥା ଯୋଗୁଁ ଶରୀର ଅବଶ ହୋଇଯାଉଥିଲା । ତଥାପି ତାଙ୍କର

Digitized by srujanika@gmail.com

ମନ ସବୁବେଳେ ପ୍ରଫୁଲ୍ଲ ଓ ତେଜୋଦୀପ୍ତ ଥିଲା । ସେ ଯୁବଶକ୍ତିର ଜଣେ ପରମ ଉପାସକ ଥିଲେ । ଯୁବଶକ୍ତିକୁ ସଙ୍ଗଠିତ କରି ତାକୁ ଠିକ୍ ବାଟରେ ପରିଚାଳିତ କରିବା ବାଟରେ ତାଙ୍କର ଗୁରୁପଣିଆ ପ୍ରଦର୍ଶିତ ହୋଇଥିଲା । ଜୀବନରେ କେବେ ସେ ପଛାଇ ଯାଇନଥିଲେ । ତାଙ୍କୁ ଗୋଟିଏ ଜୀବନ୍ତ ଶିକ୍ଷା ଅନୁଷ୍ଠାନ କୁହାଯାଇପାରେ । ଯିଏ ତାଙ୍କ ପାଖକୁ ଯାଉଥିଲା କିଛି ନା-କିଛି ଶିକ୍ଷା ଅର୍ଜନ କରି ଫେରୁଥିଲା । ସେ ଥିଲେ ସତେ ଯେପରି ଜ୍ଞାନର ଗନ୍ତାଘର ।

ସେ ଯେତେବେଳେ ବିଧାନସଭାର ବାଚସ୍ପତି ଥିଲେ ସବୁ ଦଳର ସମସ୍ତ ସଭ୍ୟ ତାଙ୍କ ଆଗରେ ଭକ୍ତିରେ ମୁଣ୍ଡ ନୁଆଁଉଥିଲେ । ସମ୍ପୂର୍ଣ୍ଣ ନିର୍ଦ୍ଦଳୀୟ ଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିବାରୁ ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ତାଙ୍କର କଥାକୁ ବିଧାନସଭାର ସଦସ୍ୟମାନେ ଗୁରୁବାକ୍ୟ ପରି ଗ୍ରହଣ କରୁଥିଲେ । ଶୃଙ୍ଖଳା ତାଙ୍କ ବ୍ୟକ୍ତିଗତ ଜୀବନର ମୂଲ୍ୟବୋଧ ଥିଲା । ଏହାକୁ ରାଜନୈତିକ କ୍ଷେତ୍ରରେ ପ୍ରୟୋଗ କରି ରାଜନୀତିକୁ ମଧ୍ୟ ସମ୍ମାନିତ କରିପାରିଥିଲେ । ସେ ଯେଉଁ ଅନୁଷ୍ଠାନର କାର୍ଯ୍ୟଭାର ଗ୍ରହଣ କରନ୍ତି ସେଠାରେ କିଛି ପରିବର୍ତ୍ତନ ଆଣନ୍ତି । ସେହି ଅନୁଷ୍ଠାନର ମର୍ଯ୍ୟାଦା ବଢ଼ିଯାଏ । ବିଧାନସଭା କାର୍ଯ୍ୟାଳୟ ମନ୍ତ୍ରିମଣ୍ଡଳ ଅଧୀନରେ ଥିଲା । ବିଧାନସଭାର ସେକ୍ରେଟାରୀ ବା ସଚିବଙ୍କ ପାହ୍ୟା ଅର୍ଥସଚିବଙ୍କ ନିମ୍ନରେ ଥିଲା । ଅର୍ଥ ସଚିବଙ୍କ ନିୟନ୍ତ୍ରଣ ଓ ହସ୍ତକ୍ଷେପ ଯୋଗୁଁ ବିଧାନସଭା କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟରେ ଶୃଙ୍ଖଳା ପ୍ରତିଷ୍ଠିତ ହୋଇପାରୁନଥିଲା ।

ବିଧାନସଭାର ସ୍ୱତନ୍ତ୍ରତା ବିଷୟରେ ନାନା ଯୁକ୍ତି ଦେଖାଇ ସରକାରଙ୍କ ସଙ୍ଗେ ଲଢ଼ି ସେ ବିଧାନସଭା କାର୍ଯ୍ୟାଳୟର ସ୍ୱତନ୍ତ୍ରତା ଆଣାଇଲେ ଓ ବିଧାନସଭାର ସଚିବ ଅନ୍ୟ ସଚିବଙ୍କ ସମକକ୍ଷ ଭାବରେ ପରିଗଣିତ ହେଲେ ।

ସାଧାରଣତଃ ଦେଖାଯାଏ ଯେ ବାଚସ୍ପତି ଯେଉଁ ଦଳରୁ ନିର୍ବାଚିତ ହୋଇଥାଆନ୍ତି, ସେହି ଦଳକୁ ସମର୍ଥନ କରନ୍ତି । ନୀଳକଣ୍ଠ ଥିଲେ ଏହାର ବ୍ୟତିକ୍ରମ । ବାଚସ୍ପତି ଆସନର ମର୍ଯ୍ୟାଦା ଦଳ ସମର୍ଥନ

Digitized by srujanika@gmail.com

ଯୋଗୁଁ ନୁହେଁ, ନିର୍ଦ୍ଦଳୀୟତା ଯୋଗୁଁ ବୃଦ୍ଧି ପାଇଥାଏ । ଏହା ସେ ପ୍ରମାଣ କରିଥିଲେ । ତେଣୁ ବିରୋଧୀ ଦଳ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ମୁଣ୍ଡ ନୁଆଁଇଥିଲେ । ଏକଦା ବିରୋଧୀ ଦଳର ଜଣେ ପ୍ରାର୍ଥୀଙ୍କୁ ସେ ନିଜ ଭୋଟ ଦେଇ ସମର୍ଥନ ଜଣାଇଥିଲେ । ସଭ୍ୟ ଯେ କୌଣସି ଦଳର ହୁଅନ୍ତୁ ନା କାହିଁକି କୌଣସି ଅପକର୍ମ କଲେ ତା'ର ଯଦି ପ୍ରତିବାଦ ହୁଏ, ତେବେ ସେ ନିରପେକ୍ଷ ଭାବରେ ତା'ର ବିଚାର କରନ୍ତି । ସେ ସରକାରୀ ଦଳକୁ ଘଣ୍ଟ ଘୋଡ଼ାଇବା ଚେଷ୍ଟା ନକରି ବରଂ ସେମାନଙ୍କ ତ୍ରୁଟି ବିଚ୍ୟୁତିକୁ ସଜାଡ଼ିବା ପାଇଁ ଚେଷ୍ଟିତ ଥିଲେ ।

ତାଙ୍କର ଯୁକ୍ତିରେ ବାଚସ୍ପତି ନିର୍ଦ୍ଦଳୀୟ ହୋଇଥିବାରୁ ବିଧାନ-ସଭା ଓ ମନ୍ତ୍ରିମଣ୍ଡଳ ଭାଙ୍ଗିଲେ ମଧ୍ୟ ବାଚସ୍ପତିଙ୍କ କାର୍ଯ୍ୟକାଳ ପୂରିଲା ନାହିଁ । ପରବର୍ତ୍ତୀ ନିର୍ବାଚନ ହୋଇ ନୂଆ ବାଚସ୍ପତି ହେବା ପର୍ଯ୍ୟନ୍ତ ବାଚସ୍ପତି ତାଙ୍କ ପଦରେ ରହିବାର ନିୟମ ପ୍ରତିଷ୍ଠିତ ହେଲା ।

ଏହିପରି ଭାବେ ନୀଳକଣ୍ଠ ଏକାଧାରରେ ଜଣେ କବି, ରାଜନୈତିକ ନେତା, ସାହିତ୍ୟିକ ଭାବେ ବହୁ ସମ୍ମାନ ଲାଭ କରିଥିଲେ । ତାଙ୍କୁ ସମ୍ମାନିତ କରି ଏ ଦେଶ, ଏ ଜାତି ନିଜେ ହିଁ ସମ୍ମାନିତ ହୋଇଛି । କାରଣ ସେ ସମ୍ମାନଆଶାୟୀ ନଥିଲେ । ସମ୍ମାନ ତାଙ୍କର ପଶ୍ଚାଦ୍ଧାବନ କରୁଥିଲା ।

## ନୀଳକଣ୍ଠଙ୍କ ଶେଷ ଜୀବନ

ବାଚସ୍ପତି ପଦରୁ ଅବସର ନେବାପରେ ପରିଣତ ବୟସରେ ନୀଳକଣ୍ଠ ରାଜନୀତି ଛାଡ଼ିଲେ । ତାଙ୍କର ବହୁ ସ୍ନେହୀ ଓ ଗୁଣମୁଗ୍ଧ ଲୋକ ତାଙ୍କୁ ତାଙ୍କର ଆତ୍ମଜୀବନୀ ରଚନା କରିବାକୁ ଅନୁରୋଧ କଲେ । "ମୁଁ ମୋ ନିଜ ବିଷୟରେ କ'ଣ ଗୋଟାଏ ଲେଖିବି । ଦରକାର ପଡ଼ିଲେ ଅନ୍ୟମାନେ ଲେଖନ୍ତୁ"—ଏହା ଥିଲା ତାଙ୍କର ଭାଷା । ବାସ୍ତବିକ୍ ଏପରି ଅହଂଶୂନ୍ୟ ଓ ଉଦାର ବ୍ୟକ୍ତିତ୍ୱର ପଟାନ୍ତର ନାହିଁ ।

ଶେଷରେ କେତେକ ଅଧ୍ୟାପକଙ୍କ ଚେଷ୍ଟାରେ ଜଣେ ଯୁବକ ଅଧ୍ୟାପକ ତାଙ୍କଠାରୁ ଶୁଣି ଲେଖିବା ପାଇଁ କାଗଜ କଲମ ଧରି ବସିବାରୁ ସେ ଡାକିବା ଆରମ୍ଭ କଲେ ।

Digitized by srujanika@gmail.com

ଅଚଳ ଅବସ୍ଥା ଆସିବା ପର୍ଯ୍ୟନ୍ତ ସେ ବହୁ ଅନୁଷ୍ଠାନରେ ଯୋଗ ଦେଇ ସାରଗର୍ଭକ ଭାଷଣ ସବୁ ଦେଉଥିଲେ ।

ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ସା କଲେଜ, ବକ୍ତୃତାମାଳା ଓ ଉତ୍କଳ ସାହିତ୍ୟ ସମାଜରେ ସଭାପତିଙ୍କ ଅଭିଭାଷଣ ସମୟରେ ସେ ବହୁତ କିଛି କହିଯାଇଥିଲେ । ସେପରି ଭାଷଣ କେବଳ ସେ ହିଁ ଦେଇପାରନ୍ତି, ଅନ୍ୟ କେହି ନୁହନ୍ତି ।

କିନ୍ତୁ ସେ ସେସବୁ ଆତ୍ମଜୀବନୀରେ ଲିପିବଦ୍ଧ କରିନଥିଲେ । ତାଙ୍କର ଆତ୍ମଜୀବନଟି ଏ ଦେଶର ପ୍ରଗତିର ଏକ ବିସ୍ମରଣୀୟ ଇତିହାସ ରୂପେ ପ୍ରକାଶ ଲାଭ କଲା । ଜଣେ ଚିରସଂଗ୍ରାମୀ, ସେବାପରାୟଣ ଜ୍ଞାନୀ ବ୍ୟକ୍ତିତ୍ୱ ଭାବରେ ସମଗ୍ର ଭାରତବର୍ଷ ତାଙ୍କୁ ସମ୍ମାନିତ କରିବାକୁ ଗୃହିଁଲା । ୧୪-୩-୧୯୬୩ ମସିହାରେ ଭାରତ ସାହିତ୍ୟ ଏକାଡେମୀ ସେ ଗ୍ରନ୍ଥକୁ ଏକ ଶ୍ରେଷ୍ଠ ପୁସ୍ତକ ରୂପେ ପୁରସ୍କୃତ କରିଥିଲେ ।

୯-୮-୧୯୬୩ରେ ଉତ୍କଳ ସାହିତ୍ୟ ସମାଜର ଉଦ୍ୟୋକ୍ତାମାନେ ଅଧ୍ୟାପକ ବିପିନ୍ ବିହାରୀ ରାୟଙ୍କ ସଭାପତିତ୍ୱରେ ଆଚାର୍ଯ୍ୟ ହରିହର, କବି ବାଳକୃଷ୍ଣ ପଟ୍ଟନାୟକ, କବି କାଳନ୍ଦୀ ଚରଣ ପାଣିଗ୍ରାହୀ, ରାଧାନାଥ ରଥ ଓ ଅନ୍ୟାନ୍ୟ ବହୁ ଅଧ୍ୟାପକ ଏବଂ ସୁଧୀମଣ୍ଡଳୀଙ୍କ ଉପସ୍ଥିତିରେ ଉତ୍କଳ ସାହିତ୍ୟ ଭବନରେ ତାଙ୍କ ପ୍ରତିକୃତି ଉନ୍ମୋଚନ କରିଥିଲେ ।

ଶେଷ ଜୀବନରେ ଜରାଗ୍ରସ୍ତ ହୋଇ ସେ ଅଚଳ ହୋଇ ପଡ଼ି-ରହିଲେ । ତେବେ ମଧ୍ୟ ତାଙ୍କର ମୁଖମଣ୍ଡଳ ସତେଜ ଥିଲା । କୌଣସି ବିପଦର ସମ୍ମୁଖୀନ ହେଲେ କିପରି ସାହସର ସହ ସମ୍ମୁଖୀନ ହେବାକୁ ହୁଏ, ତାହା ସେ ଜାଣିଥିଲେ । ଯୁବକ ସମୟରେ ସେ ବହୁ ବାଧାବିଘ୍ନର ପ୍ରତିରୋଧ ଓ ପ୍ରତିକାର କରି ଆସିଥିଲେ । ରୋଗ ଓ ଦୁଃଖ କଷ୍ଟକୁ ଦୈବୀକୃତ ଜାଣି ସେ ନୀରବରେ ତାହା ସହ୍ୟ କରିଯାଉଥିଲେ । ସେଥିପାଇଁ ବ୍ୟସ୍ତ ହୋଇପଡ଼ିବାର କେହି କେବେ ତାଙ୍କୁ ଦେଖିନାହିଁ ।

ସେ ଭାଗ୍ୟକୁ ବା ଅନ୍ୟ କାହାକୁ ଦୋଷ ଦେଉନଥିଲେ । ସେ ଜଣେ ସାଧାରଣ ବ୍ୟକ୍ତି ନଥିଲେ; ବରଂ ସେ ଥିଲେ ଜଣେ ଅସାଧାରଣ ପୁରୁଷ । ଜଣେ ଆଶାବାଦୀ ନିର୍ଭୀକ ବ୍ୟକ୍ତି ଭାବେ ନିଜର ବୈଜ୍ଞାନିକ

Digitized by srujanika@gmail.com

ଚିନ୍ତାଧାରା ଦ୍ୱାରା ସେ ସବୁକିଛିର କାରଣ ନିର୍ଦ୍ଧାରଣ କରିପାରୁଥିଲେ । ସେ ତାଙ୍କ ରୋଗକୁ ଡାକ୍ତରଙ୍କ ଉପରେ ଓ ପରିଣତିକୁ ଭଗବାନଙ୍କ ଉପରେ ନ୍ୟସ୍ତକରି ନିଶ୍ଚିନ୍ତ ରହୁଥିଲେ ଡାକ୍ତର । ଯାହା କହୁଥିଲେ ସେ ତାହା ନିଜର କର୍ତ୍ତବ୍ୟ ମନେକରି ସୁରୁଖୁରୁରୂପେ ନିର୍ବାହ କରୁଥିଲେ ।

ଗଭୀର ଆତ୍ମବିଶ୍ୱାସ ସହ ଜୀବନ ଆଦର୍ଶର ସିଦ୍ଧିସାଧନ ପାଇଁ ସେ କର୍ମଯୋଗକୁ ଏପରି ଅଭ୍ୟାସ କରିନେଇଥିଲେ ଯେ ସେହି 'ସାଧନା' ତାଙ୍କୁ ସ୍ରଷ୍ଟା, ଦ୍ରଷ୍ଟା, ଗବେଷକ, ସଂସ୍କାରକ, ଦେଶପ୍ରେମୀ ଓ ରାଜନୀତିଜ୍ଞ ଓ ଶତାବ୍ଦୀର ଶ୍ରେଷ୍ଠ ଚିନ୍ତାନାୟକ ଓ ମହର୍ଷିଗୁରୁ ରୂପେ ପରିଗଣିତ କରାଇ ପାରିଥିଲେ ।

ତାଙ୍କର କର୍ମକ୍ଲାନ୍ତ ଶରୀର ଧୀରେ ଧୀରେ ସମ୍ପୂର୍ଣ୍ଣ ଅବଶ ହୋଇ-ଆସିଲା । ଶେଷରେ ୧୯୬୭ ନଭେମ୍ବର ଛଅ ତାରିଖ ସୋମବାର ଦିନ (ସେହି ମହାଦେବଙ୍କର ପୁଣ୍ୟ ବାରରେ) ଅପରାହ୍ଣ ୪ ଘଟିକା ୧୫ ମିନିଟ୍ ସମୟରେ ୮୩ ବର୍ଷ ବୟସରେ ଏକ କିମ୍ବଦନ୍ତୀର ଅନ୍ତ ହୋଇଯାଇଥିଲା । ଓଡ଼ିଶାର ଭାଗ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଚିରଦିନ ପାଇଁ ଲିଭି-ଯାଇଥିଲା ।

ମୃତ୍ୟୁ ପରେ ମଧ୍ୟ ତାଙ୍କ ମୁଖ ଜ୍ୟୋତିର୍ମୟ ଥିଲା । ଚର୍ମ ମଳିନ ପଡ଼ିଯାଇନଥିଲା । ସେ ଜୀବନ୍ତ ଓ ସତେଜ ଦିଶୁଥିଲେ ।

ବହୁ ଶୋକାକୁଳ ପ୍ରିୟଜନ ଓ ସୁଧୀବୃନ୍ଦ ତାଙ୍କର ମହାପ୍ରୟାଣ ସମ୍ବାଦ ପାଇଁ ଏକତ୍ରିତ ହେବାରେ ଲାଗିଲେ । ସମସ୍ତଙ୍କ ଚକ୍ଷୁ ଲୋତକା-ପ୍ଲୁତ । ସମସ୍ତେ ଉତ୍କଳର ଗୁରୁଙ୍କୁ ଶେଷ ଭକ୍ତି ପ୍ରଣାମ ଜଣାଇଥିଲେ । ମହାତ୍ମାଗାନ୍ଧିଙ୍କୁ ଜାତିର ପିତା ଭାବରେ ସରକାର ସମ୍ମାନ ଦେଖାଇଲା ପରି ଓଡ଼ିଶାର ଗୁରୁ ଭାବରେ ସରକାର ତାଙ୍କୁ ଜାତୀୟ ସମ୍ମାନ ଦେଖାଇ ସ୍କୁଲ, କଲେଜ, କଚେରି, ଅଫିସ୍‌ସବୁ ବନ୍ଦ କରିଦେଇଥିଲେ । ଜାତୀୟ ପତାକା ଅର୍ଦ୍ଧନମୀଳିତ କରାଯାଇଥିଲା । ସେଦିନ କାନ୍ଦିଥିଲେ ଦେଶର ଅଗଣିତ ଜନସାଧାରଣ । ସେଦିନ ଅଶ୍ରୁ ବିସର୍ଜନ କରିଥିଲେ ସତ୍ୟବାଦୀର

Digitized by srujanika@gmail.com

ସ୍ଥାବର, ଜଙ୍ଗମ, କୀଟପତଙ୍ଗ; ସେଦିନ ଶୋକରେ ମ୍ରିୟମାଣ ହୋଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ ।

ପୋଲିସ୍ ସୈନ୍ୟବାହିନୀର ଗୋଟିଏ ବଡ଼ ଖୋଲା ମଟରଗାଡ଼ିରେ ତାଙ୍କର ଶାବଧାରକୁ ଜାତୀୟ ପତାକା ଓ ପୁଷ୍ପରେ ଆଚ୍ଛାଦିତ କରି **ପଟୁଆରରେ** ନିଆଯାଇ**ଥି**ଲା ।

ଓଡ଼ିଶାର ବହୁ ନେତୃସ୍ଥାନୀୟ ବ୍ୟକ୍ତି, ବିଜ୍ଞ ଓ ପଣ୍ଡିତ ତଥା ତାଙ୍କର ଆତ୍ମୀୟସ୍ୱଜନମାନେ ଶବାଧାରର ଉଭୟ ବଗରେ ବସି ରାମଧ୍ୱନି ଓ ରାମନାମ କୀର୍ତ୍ତନ କରୁଥିଲେ । ଚତୁର୍ଦ୍ଦିଗରେ ଘେରି ରହିଥିଲା ଜନସମୁଦ୍ର ।

ସେନାବାହିନୀ ଶବାଧାରକୁ ସମ୍ମାନ ଦେଖାଇ ବନ୍ଧୁକ ମୁନକୁ ତଳକୁ କରି ଶୋଭାଯାତ୍ରାର ଆଗେ ଆଗେ କଦମ ପକାଇ କଟକରୁ ସତ୍ୟବାଦୀ ବକୁଳ ବନ ଅଭିମୁଖେ ଯାତ୍ରାକଲେ ।

ଦଳମତ ନିର୍ବିଶେଷରେ ଓଡ଼ିଶାର ସମସ୍ତ ବିଶିଷ୍ଟ ଅନୁଷ୍ଠାନ, ବିଜ୍ଞ ବ୍ୟକ୍ତି ଓ ଅସଂଖ୍ୟ ନରନାରୀ ତାଙ୍କୁ ଶେଷ ଦର୍ଶନ କରି ଶବାଧାର ଉପରେ ଛଳ ଛଳ ଆଖିରେ ପୁଷ୍ପ ବୃଷ୍ଟି କରୁଥିଲେ । ସେଦିନର ଶୀତ କାକର ଲୋକମାନଙ୍କୁ ତାଙ୍କ ପ୍ରିୟଗୁରୁଙ୍କର ଶେଷ ଦର୍ଶନ କରିବାରୁ ପ୍ରତିହତ କରାଇ ପାରିନଥିଲା । ଜନତାର ହୃଦୟକୁ ଜୟ କରିଥିବା ଏହି ବ୍ୟକ୍ତିଟି ନିକଟରେ ପ୍ରକୃତି ମଧ୍ୟ ମୁଣ୍ଡ ନୁଆଁଇଥିଲା । କଟକରୁ ଭୁବନେଶ୍ୱର ପଥରେ ସହସ୍ର ସହସ୍ର ଜନତାଙ୍କର ଶୋକଚ୍ଛ୍ୱାସ ଅଭିନନ୍ଦନ ଓ ସମ୍ବାଦ ଗ୍ରହଣ କରି ଶବାଧାରର ଓ ଶେଷ କୃତ୍ୟ ହୋଇଥିଲା ତାଙ୍କର ଅତି ଆପଣାର ଜୀବନଭରି କର୍ମଭୂମିର ସ୍ଥାନ ପ୍ରିୟ ସତ୍ୟବାଦୀରେ । ଦୂରଦୂରାନ୍ତରରୁ ଆସିଥିବା ହଜାର ହଜାର ଲୋକ, ଆତ୍ମୀୟସ୍ୱଜନ, ପ୍ରିୟ ଛାତ୍ର, କର୍ମୀ ଓ ଦେଶବାସୀଙ୍କ ଶୋକ ଜର୍ଜରିତ ଜନସମୁଦ୍ର ଭିତରେ, ଜାତୀୟ ତୋପଧ୍ୱନିର ଗମ୍ଭୀର ଶବ୍ଦ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କଲା । ଏହି ଧ୍ୱନି ଜଣାଇଦେଉଥିଲା—ହେ ଏ ମାଟିର ପୂଜ୍ୟ ସନ୍ତାନ, ହେ

Digitized by srujanika@gmail.com

ଏ ଜାତିର ପରମ ଆରାଧ୍ୟ ଗୁରୁଶ୍ରେଷ୍ଠ; ତୁମେ ଅମର, ତୁମେ ଶାଶ୍ୱତ । ତୁମର ମାଟିର କଳେବରକୁ ଶ୍ମଶାନ ଜୀର୍ଣ୍ଣ କରିଦେଇପାରେ; ମାତ୍ର ଯଶ ତୁମର ଚିର ଅମ୍ଳାନ; ତୁମେ ଆୟୁଷ୍ମାନ୍; ଆମେ ତୁମର ଅନୁଗାମୀ ଭାବରେ ତୁମର ପ୍ରଦର୍ଶିତ ପଥରେ ପରିଚାଳିତ ହେବୁ; ଯେଉଁ ଦେଶର ବୁଭୁକ୍ଷୁ ଜନତା ପାଇଁ ତୁମେ ତ୍ୟାଗୀ ସାଜି ଦୁଃଖକଷ୍ଟର ଶରଶଯ୍ୟାକୁ ଆବୋରି ନେଇଥିଲ ସେହି ଦେଶରେ .ଯେପରି ଜଣେହେଲେ ଅଶିକ୍ଷିତ, ଜଣେହେଲେ ବେକାର୍ ନରହିବେ । ଆମ୍ଭେମାନେ ସେଥିପାଇଁ ପ୍ରାଣପାତ କରିବୁ, ଏହା ଆମର ଦୃଢ଼ ପ୍ରତିଜ୍ଞା ।

Digitized by srujanika@gmail.com